
# ମା’ ହେଲେ ପରିଣିତି
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


ପବିତ୍ର ଦୀପାବଳି ଉପଲକ୍ଷେ ସମସ୍ତ ପାଠକ ପାଠିକା, ବିତରକ ଓ ବିଜ୍ଞାପନଦାତାଙ୍କୁ ‘ସଂଚାର’ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ




Vol. 33 | ISSUE 207 | ଭାଗ ୩୩ | ସଂଖ୍ୟା ୨୦୭ Monday 20 October 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୦ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ହିତାଧିକାରୀଙ୍କୁ ଦୀପାବଳି ଭେଟି
# ଟ୍ରାକ୍‌କୁ ଫେରିଲା ଅନ୍ତ୍ୟୋଦୟ ଗୃହ ଯୋଜନା

- ୪୮,୬୯୩ ହିତାଧିକାରୀଙ୍କୁ ୧୯୪.୭୭ କୋଟି ବଣ୍ଟନ
- ବିଜେପି ସରକାରର ମୂଳମନ୍ତ୍ର ସେବା: ମୁଖ୍ୟମନ୍ତ୍ରୀ
- ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ
- ପଞ୍ଚାୟତ କାର୍ଯ୍ୟାଳୟ ହେବ ଓଏସ୍‌ଏସ୍‌ସି

**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗରିବ ଲୋକଙ୍କ ବାସଗୃହ ପାଇଁ ଗତ ମାର୍ଚ୍ଚ ୩୦ରେ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଥିଲେ। ଏଥିରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ



୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ଟି ଜିଲ୍ଲାର ୪୮ ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି। ସେହିପରି ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଓ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ। ସେହିପରି ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ ହଜାର ଟଙ୍କା ଓ ୬ ମାସରେ ଘର କାମ ଶେଷ କଲେ, ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରୀ ଓ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରୀ ମଧ୍ୟ ଦିଆଯାଉଛି। ଏଥିସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଯୋଜନା ଦ୍ୱାରା ଗରିବ ଓ ଅସହାୟ ମଧ୍ୟ ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମ ସରକାରଙ୍କ ମୂଳମନ୍ତ୍ର ଶାସନ ନୁହେଁ, ବରଂ ସେବା। ପ୍ରଧାନମନ୍ତ୍ରୀ ➪ପୃଷ୍ଠା-୬

### ଅଯୋଧ୍ୟାରେ ଭବ୍ୟ ଦୀପୋତ୍ସବ
# ଜଳିଲା ୨୬ ଲକ୍ଷ ଦୀପ



- ଗିନିଜ୍ ବୁକ୍‌ରେ ଦ୍ୱୈତ ରେକର୍ଡ
- ୨୧୨୮ ବିଦ୍ୱାନଙ୍କ ମହାଆଳତି

**ଲକ୍ଷ୍ନୌ,୧୯।୧୦:** ଆଲୋକର ପର୍ବ ଦୀପାବଳିର ଅବ୍ୟବହିତ ପୂର୍ବରୁ ଦୀପରେ ଝଲସୁଛି ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ନଗରୀ। ଅଯୋଧ୍ୟାରେ ଆରମ୍ଭ ହୋଇଛି ଭବ୍ୟ ଦୀପୋତ୍ସବ। ଆଜି ଦୀପାବଳୀ ପୂର୍ବ ସନ୍ଧ୍ୟାରେ ଆୟୋଜିତ ଦୀପୋତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ମନ୍ଦିରରେ ଦୀପ ଜାଳି ଏହି ଭବ୍ୟ ଉତ୍ସବର ଉଦଘାଟନ କରିଛନ୍ତି। ୨୦୧୭ ପରଠାରୁ କ୍ରମାଗତ ଭାବରେ ଅଯୋଧ୍ୟାରେ ଏହି ଦୀପୋତ୍ସବ ବେଶ୍ ଜାକଜମକରେ ପାଳିତ ହୋଇଆସୁଛି।

ଆଜି ଯୋଗୀ ରାମକଥା ପାର୍କରେ ପହଞ୍ଚି ପ୍ରଥମେ ସେଠାରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ କରିଥିଲେ। ପରେ ସେ ରାମ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଦୀପ ଜାଳି ଦୀପୋତ୍ସବର ଉଦଘାଟନ କରିଥିଲେ। ଏହାପରେ ପ୍ରାୟ ୩ ହଜାର ୩୦୦ ସ୍ୱେଚ୍ଛାସେବୀ ୫୬ଟି ଘାଟରେ ୨୬ ଲକ୍ଷ ୧୭ ହଜାର ୨୧୫ଟି ଦୀପ ପ୍ରଜ୍ୱଳନ କରିଥିବା ଜଣାପଡ଼ିଛି। ମୋଟ ୧୫ ମିନିଟ୍‌ରେ ଏତେ ସଂଖ୍ୟକ ଦୀପ ଜଳିଥିଲା। ଏହାପରେ ୨୧୨୮ରୁ ଅଧିକ ବିଦ୍ୱାନ ➪ପୃଷ୍ଠା-୬

## ଛୁଟି ଘୋଷଣା
ପବିତ୍ର ଦୀପାବଳି / କାଳୀପୂଜା ଉପଲକ୍ଷେ ୨୦ ତାରିଖ (ସୋମବାର) ‘ସଂଚାର’ କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ।

ପ୍ରକାଶକ

# ନୀଳଚକ୍ର ଉପରେ ପୁଣି ଚିଲ



**ପୁରୀ,୧୯।୧୦(ସଂଚାର ବ୍ୟୁରୋ):** ପୁଣିଥରେ ଶ୍ରୀମନ୍ଦିର ନୀଳଚକ୍ର ଉପରେ ବସିଲା ଚିଲ। ଆଜି ଅପରାହ୍ନରେ ଶ୍ରୀମନ୍ଦିରର ନୀଳଚକ୍ର ଉପରେ ଉକ୍ତ ଚିଲଟି ବସିଥିବା ଦେଖିବାକୁ ମିଳିଥିଲା। ତେବେ କିଛି ସମୟ ଧରି ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ବସିଥିବା ବେଳେ ପରବର୍ତ୍ତୀ ସମୟରେ ଚିଲଟି ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ପତିତପାବନ ବାନା ପରିବର୍ତ୍ତନ ପୂର୍ବରୁ ନୀଳଚକ୍ର ଉପରେ ଚିଲ ବସିଥିବା ଦେଖି ଶ୍ରଦ୍ଧାଳୁଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ ନିକଟଅତୀତରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଚିଲ ବସୁଥିବା ଦେଖିବାକୁ ମିଳିଛି। ➪ପୃଷ୍ଠା-୬

# ବିଇଓଙ୍କ ବିରୋଧରେ ଏକାଠି ହେଲେ ଅଞ୍ଚଳବାସୀ

- ବଦଳି ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବି
- ଦିନକୁ ଦିନ ଲମ୍ବୁଛି ଅଭିଯୋଗର ତାଲିକା
- କ୍ଷମତା ଅପବ୍ୟବହାରରେ ଆଗରେ ଅଛନ୍ତି ମ୍ୟାଡାମ୍




**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ (ବିଇଓ) ସଂଯୁକ୍ତା ମହାପାତ୍ରଙ୍କ ଦୁର୍ନୀତି, ଏକଛତ୍ରବାଦ ଓ ମନମୁଖୀ କାର୍ଯ୍ୟ ବିରୋଧରେ ଏକାଠି ହୋଇଛନ୍ତି ଅଞ୍ଚଳବାସୀ। ନିଶ୍ଚିନ୍ତକୋଇଲିର ବୁଦ୍ଧିଜୀବୀ, ସଚେତନ ନାଗରିକ, ଶିକ୍ଷାନୁରାଗୀ ବ୍ୟକ୍ତି ମିଳିତ ଭାବେ ବିଇଓଙ୍କ ବିରୋଧରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବିଇଓଙ୍କ ଦୁର୍ନୀତିର ଲମ୍ବା ତାଲିକା ବିଭାଗୀୟ ମନ୍ତ୍ରୀଙ୍କୁ ଦେବା ସହ ତାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଶ୍ଚିନ୍ତକୋଇଲିର ବୁଦ୍ଧିଜୀବୀମାନେ କରିଥିବା ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ଶ୍ରୀମତୀ ମହାପାତ୍ର ବିଇଓ ଭାବେ ଯୋଗ ଦେବା ପରେ ସବୁବେଳେ ନିଜର ଅସଙ୍ଗତ ବ୍ୟବହାର ପାଇଁ ବିବାଦରେ ରହିଆସିଛନ୍ତି। ତାଙ୍କର ଏପରି କାର୍ଯ୍ୟକଳାପ ପାଇଁ ମର୍ଯ୍ୟାଦା ହରାଇଛି ନିଶ୍ଚିନ୍ତକୋଇଲି ବ୍ଲକ। ଶିକ୍ଷା ଓ ଶିକ୍ଷା ସମ୍ପର୍କରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ସାମ୍ବାଦିକ ଓ ➪ପୃଷ୍ଠା-୬



## କାନ ଡେରିଥା
ସାମ୍ବାଦିକ ଏବେ ଦଳ ଗଢ଼ିଦେବେ
ଦେଖିଲେ ଯେ ସେୟା ଲାଗୁଛି
କୋଉ ଦଳ ପାଇଁ କୋଉ ସାମ୍ବାଦିକ
ସେହି ଦଳ ତାଙ୍କୁ ଡାକୁଛି
କହିଲେ କହିବ କହୁଛି...
ଚତୁର୍ଥ ସ୍ତମ୍ଭଟା ଉଭଇ ଲାଗିଲାଣି
ଲୋକଙ୍କର ଆସ୍ଥା ତୁଟିଛି ।

■ ଦେବାଶିଷ

# ଢୋଲ ପିଟି ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

- ଗଣମାଧ୍ୟମକୁ ଦିଆଯାଉଛି ଆଗୁଆ ସୂଚନା
- ବାଇଟ୍ ଦେବାକୁ ପ୍ରତିଯୋଗିତା

**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ):** ପାର୍ବଣ ଋତୁ ଆସିଲେ ବିଏମସି ବିଭିନ୍ନ ଖାଦ୍ୟ ଦୋକାନୀଙ୍କ ଉପରେ ଚଢ଼ାଉ କରିଥାଏ। ତେବେ ଏହି ଚଢ଼ାଉର ପ୍ରଚାର ପ୍ରସାର ପାଇଁ ଆଗୁଆ ସୂଚନା ଦିଆଯାଉଥିବାରୁ ତାହା ଏବେ ବ୍ୟବସାୟୀମାନଙ୍କୁ ବେଶ୍ ସୁହାଉଛି। ବିଏମ୍‌ସିର ଢୋଲ ପିଟା ଚଢ଼ାଉର ଖବର ସେମାନଙ୍କ ନିକଟରେ ପହଞ୍ଚିବାପରେ ଅନେକ ଦୋକାନୀ ସତର୍କ ହୋଇଯାଉଛନ୍ତି।

ଦୀପାବଳୀ ଅବସରରେ ରାଜଧାନୀରେ ସର୍ବାଧିକ ଚାହିଦା ରହିଛି ମିଠା ଜାତୀୟ ଖାଦ୍ୟ ସାମଗ୍ରୀର। ମିଠା ଦୋକାନରେ ଭଳିକି ଭଳି ମିଠା। କାଳେ ଏହି ମିଠା ଅପମିଶ୍ରିତ ହୋଇଥିବ, ତେଣୁ ବିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରୁଛି। ତେବେ ଏହି ଚଢ଼ାଉର କିଭଳି ପ୍ରଚାର ପ୍ରସାର କରାଯିବ ତାହା ଉପରେ ବିଏମସି ବିଶେଷ ଧ୍ୟାନ ଦେଉଛି। ତେଣୁ ଗଣମାଧ୍ୟମକୁ ଆଗୁଆ ସୂଚନା



ଦିଆଯାଉଛି। ଚଢ଼ଉକାରୀ ଟିମ୍ କେଉଁଠି ଚଢ଼ଉ କରିବେ ଓ କେଉଁ ଦିଗରେ ଯାଉଛି ହ୍ୱାଟସ୍‌ଆପ୍ ଗ୍ରୁପରେ ସୂଚନା ଦିଆଯାଉଛି।

ସୂଚନା ପାଇଲା ପରେ ଖବର ସଂଗ୍ରହ ପାଇଁ ବୈଦ୍ୟୁତିକ ଗଣମାଧ୍ୟମ ସେହି ଅଞ୍ଚଳରେ ହାଜର ହୋଇଯାଉଛନ୍ତି। କ୍ୟାମେରା ଓ ସାମ୍ବାଦିକମାନଙ୍କ ଗହଳି ଦେଖିବା ପରେ ଦୋକାନୀମାନଙ୍କୁ ଆଉ କିଛି ଅବୁଝା ହେଉନାହିଁ। ଅଳ୍ପ ସମୟ ଭିତରେ ସେଠାରେ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀମାନେ ନିଶ୍ଚିତ ଯାଞ୍ଚ କରିବାକୁ ପହଞ୍ଚିବେ ବୋଲି ଜାଣିବା ପରେ ସେମାନେ ସତର୍କ ହେବା ସହ ନିଜ ନିଜ କାମରେ ଲାଗିପଡୁଛନ୍ତି। କିଏ ନିମ୍ନ ମାନର ମିଠାକୁ ଗାଏବ କରିଦେଉଛି ତ ଆଉ କିଏ କିଛି ସମୟ ପାଇଁ ଦୋକାନ ଛାଡ଼ି ପଳାଉଛି।

ପୂର୍ବ ଘୋଷଣା ମୁତାବକ ବିଏମ୍‌ସିର ସ୍ୱାସ୍ଥ୍ୟ ଟିମ୍ ଚଢ଼ାଉ କରୁଛି। ଚଢ଼ାଉର ମୂଳରୁ ଶେଷ ପର୍ଯ୍ୟନ୍ତ ସବୁକିଛିର ରେକର୍ଡିଂ ହେଉଛି। ଚଢ଼ାଉ କରୁଥିବା ଅଧିକାରୀମାନେ ବାଇଟ୍ ଦେବାକୁ ବି ପଛାଉନାହାନ୍ତି। କେଉଁ ଦୋକାନରେ କିଭଳି ଚଢ଼ାଉ ହେଉଛି ଓ କ’ଣ କ’ଣ ସାମଗ୍ରୀ ଜବତ ହେଲା, ତାହାର ସୂଚନା ଦେଉଛନ୍ତି। କେତେ ଫାଇନ୍ ରାଜକୋଷକୁ ଯାଉଛି, ତାହାର ବି ଟିକିନିଖି ଖବର ଦିଆଯାଉଛି।

ତେବେ ଗଣମାଧ୍ୟମକୁ ଆଗତୁରା ସୂଚନା ଦେବା ସହ ଚଢ଼ାଉ ସ୍ଥଳରେ ବାଇଟ୍ ଦେବା ପାଇଁ ଏହି ଅଧିକାରୀମାନଙ୍କୁ କିଏ ଅନୁମତି ଦେଇଛି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇଛି। କାରଣ ଏଭଳି ଚଢ଼ାଉ ଅତର୍କିତ ଓ ଅତ୍ୟନ୍ତ ଗୁପ୍ତ ଭାବେ କରାଯାଇଥାଏ। ଫଳରେ ଏହା ସୂଚନା ଦୋକାନୀମାନେ ପାଇପାରି ➪ପୃଷ୍ଠା-୬

### ଢେଙ୍କାନାଳରେ ଚାଞ୍ଚଲ୍ୟ
# ଦୁଷ୍କର୍ମୀକୁ ପିଟି ପିଟି ମାରିଲା ବାପା



ଥାନାରେ ଆତ୍ମସମର୍ପଣ

**ଢେଙ୍କାନାଳ,୧୯।୧୦(ସଂଚାର ବ୍ୟୁରୋ):** ଝିଅ ପ୍ରତି ହୋଇଥିବା ଅସଦାଚରଣ ବାପା ପାଇଁ ଅସହ୍ୟ ହେଲା ଆଉ ସେ ଅଭିଯୁକ୍ତ ଯୁବକକୁ ପିଟି ପିଟି ହତ୍ୟା କରିବା ଭଳି ଏକ ଅଭାବନୀୟ କାଣ୍ଡ ଘଟିଛି ଢେଙ୍କାନାଳ ଜିଲ୍ଲାରେ। ଏହି ହତ୍ୟାକାଣ୍ଡ ଘଟାଇବା ପରେ ହତ୍ୟାକାରୀ ବାପା ଥାନାରେ ଆତ୍ମସମର୍ପଣ ମଧ୍ୟ କରିଛି।

ଘଟଣାଟି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନସ୍ଥ ଆଖୁଆପାଳ ଗ୍ରାମରେ ଘଟିଛି। ମୃତ ଯୁବକ ଜଣଙ୍କ ହେଲା ଦଦରା ଘାଟି ୧ ନଂ କଲୋନୀର କରୁଣାକର ବେହେରା। ଗତକାଲି ଏହି ଘଟଣାଟି ଘଟିଥିଲେ ମଧ୍ୟ ପୀଡ଼ିତାଙ୍କ ବାପା ଆଜି ସ୍ଥାନୀୟ ଦଦରା ଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ଶନିବାର ଘରପାଖ ନାଳକୁ ଯୁବତୀ ଜଣଙ୍କ ଶୌଚ ହେବାକୁ ଯାଇଥିଲେ। ତେବେ ଏହି ସମୟରେ କରୁଣାକର ତାଙ୍କୁ ଅସଦାଚରଣ କରିଥିଲା। ଏହି ଖବର ପାଇବା ପରେ ଯୁବତୀଙ୍କ ବାପା ଏତେ ମାତ୍ରାରେ କ୍ରୋଧାନ୍ୱିତ ହୋଇଯାଇଥିଲେ ଯେ ସେ ଘଟଣାସ୍ଥଳରେ ➪ପୃଷ୍ଠା-୬






## ପବିତ୍ର ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ । ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ । ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା’ଙ୍କ ନିକଟରେ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



सत्यमेव जयते





## ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

# ନୀରବ ଚିଠି





ପବିତ୍ର ବେହେରା

"କିଛି ଲୋକ ଫଟୋ ଆଲବମ୍ ରଖିବାକୁ ପସନ୍ଦ କରନ୍ତି, ଆଉ କିଛି ଡାଏରୀ... କିନ୍ତୁ ଅର୍ଜୁନ ଆଜିବି ସେହି ଚିଠିଗୁଡ଼ିକୁ ସାଇତି ରଖିଛି, ଯାହାକୁ ସେ କେବେ ପଠାଇପାରି ନାହିଁ।" ଅର୍ଜୁନ ବର୍ଷ ବର୍ଷ ଧରି ଏହିପରି ଜୀବନ ବିତେଉଛି। ତା' ଫୋନ୍, ଲାପଟପ୍, ନୋଟ୍ ବୁକ୍ ସବୁଥିରେ କେବଳ ମୀରାର ଚିହ୍ନ। ଚିଠି ଗୁଡ଼ିକ ସେ କେବେ ବି ପଠାଇ ପାରିନାହିଁ। ଯେଉଁ ଚିଠି ଗୁଡ଼ିକ ସେ କେବେ ପଠାଇନଥିଲା, ମେସେଜ୍ ରେ ସବୁକିଛି ଲେଖିବା ପାଇଁ ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଲାଗିଲା। ଲେଖିବା ପରେ, ସେ ପଢ଼ିବା ଏବଂ ସଂଶୋଧନ କରିବାକୁ ଆଉ କିଛି ସମୟ, ଏବଂ ପରେ ମେସେଜ୍ ଡିଲିଟ୍ କରିଦେଲା। ସବୁଦିନ ଭଳି ମେସେଜ୍ ବି କେବେ ପଠାଯାଇପାରି ନାହିଁ। ଶବ୍ଦ ଯାହା କେବଳ ନୀରବତାରେ ମରିବା ପାଇଁ ଜନ୍ମ ହୋଇଛନ୍ତି। ତଥାପି ସେ ସେଗୁଡ଼ିକୁ ଲେଖୁଛି। ସେଣ୍ଡ ବଟନ୍ ଉପରେ ହାତ ରଖି ପୁଣି ଆଙ୍ଗୁଠି ଘୁଞ୍ଚାଇ ଆଣୁଥିଲା ଏହି କଥା ଭାବି ଯେ," ତା' ଶାନ୍ତିକୁ ମୁଁ ଆଉ କେବେ ବି ଭଙ୍ଗ କରିବିନି।" ସେ ଖୁସିରେ ରହୁ। କାରଣ ମୀରାକୁ ଚିଠି ଲେଖିବା ହିଁ ଏକମାତ୍ର ଉପାୟ ଯେଉଁଥିରେ ଅର୍ଜୁନ ନିଶ୍ୱାସ ପ୍ରଶ୍ୱାସ ନେବା ଜାଣିଛି।

ସେମାନେ କଲେଜ ସମୟରେ ପରସ୍ପରକୁ ଭେଟିଥିଲେ। ମୀରା ହେଉଛି ପ୍ରଥମ ଝିଅ ଯିଏକି ତା' ଭୟଙ୍କର କବିତାକୁ ଶୁଣି ହସିଥିଲା, ସେ ଥିଲା ସେହି ଝିଅ ଯିଏକି ତାକୁ ଲେଖାଲେଖି ଜାରି ରଖିବାକୁ ସଦା ଉତ୍ସାହିତ କରିଥିଲା। ଯେତେବେଳେ ଅର୍ଜୁନ ନିଜକୁ ଛୋଟ ମନେ କରୁଥିଲା ସେତେବେଳେ ଏଇ ମୀରା ହିଁ ତାକୁ ଆକାଶ ସହ ତୁଳନା ଦେଇ ବଡ଼ କରି ଗଢ଼ି ତୋଳିଥିଲା। ଧୀରେ ଧୀରେ ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହେବାକୁ ଲାଗିଲା। ଯାହା ଉଚ୍ଚ ଶବ୍ଦରେ ଘୋଷିତ ହୋଇନଥିଲେ ବି ଛୋଟ ଛୋଟ ଅଙ୍ଗଭଙ୍ଗୀରେ ପ୍ରକାଶିତ ହେବାକୁ ଲାଗିଥିଲା। ସେମିନାର ସମୟରେ ବଣ୍ଟାଯାଉଥିବା ଟିଫିନ୍ ପ୍ୟାକେଟ୍, ଲାଇବ୍ରେରୀ ପୁସ୍ତକ ତଳେ ମନର କୋଟ୍ ଖସିବା ଆଦି ଅଧାଉପାର ସ୍ମୃତି ସବୁ ଅର୍ଜୁନର ଆଖିକୁ ଓଦା କରିଦେଉ। ଅର୍ଜୁନ ମୀରାର ଆଖିକୁ ସବୁଠୁ ବେଶୀ ମନେ ପକାଉଥିଲା। ଏମିତିକି ସବୁଠାରୁ ସାଧାରଣ ଦିନକୁ ଅସାଧାରଣ ଦେଖାଇବା ପାଇଁ ସେମାନଙ୍କର ଏକ ଉପାୟ ଥିଲା। କିନ୍ତୁ ସମସ୍ତ କାହାଣୀକୁ ପ୍ରସ୍ଫୁଟିତ ହେବାର ଅନୁମତି ନଥିଲା। ଯେତେବେଳେ ମୀରାର ପରିବାର ତା' ବିବାହ ବ୍ୟବସ୍ଥା ଅନ୍ୟତ୍ର କରିବାକୁ ମନସ୍ଥ କରନ୍ତି ମୀରା ସବୁକଥାକୁ ସହଜରେ ମାନିନେଇ ଥିଲା। ସେ ଲଢ଼େଇ କରି ନଥିଲା କି ବିରୋଧ ମଧ୍ୟ କଲାନାହିଁ। ଅର୍ଜୁନ ସେଦିନ ତା'ର ନୀରବତା ସମ୍ମୁଖରେ ଶକ୍ତିହୀନ ଓ ମୂକ ପାଲଟି ଗଲା, ସେମାନଙ୍କର ଭଲ୍ଲରେ ବାଧା ହେଉନଥିଲା।

ଲେଖିବାର ଏହି ଅଭ୍ୟାସ ବର୍ଷ ବର୍ଷ ଚିଠିଗଲାଣି। ଅର୍ଜୁନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଲାଣି। ସେ ଜଣେ ଲେଖକ ଭାବରେ ଖୁବ୍ ଖ୍ୟାତି ଅର୍ଜନ କଲାଣି। ତା' ନାମରେ ପତ୍ରିକା ଏବଂ ସଂକଳନ ମଧ୍ୟ ପ୍ରକାଶ ପାଉଛି। ପାଠକମାନେ ତାଙ୍କ ଶବ୍ଦର ଯାଦୁରେ ଅଭିଭୂତ ହୁଅନ୍ତି। କିନ୍ତୁ କେବଳ ସେ ହିଁ ଜାଣିଥିଲା ଯେ, ପ୍ରତ୍ୟେକ କବିତା ପ୍ରତ୍ୟେକ କାହାଣୀ ଓ ପ୍ରତ୍ୟେକ ଧାଡ଼ି ତଥାପି ମୀରା ପାଇଁ ହିଁ ସମର୍ପିତ ଥିଲା। ପ୍ରତ୍ୟେକ ରାତିରେ ଏକ ନିର୍ଦ୍ଦିଷ୍ଟ ରୀତିନୀତି ପରି ସେ ମୀରାକୁ ଏକ ମେସେଜ୍ ଲେଖିବାରେ ବସି ପଡ଼େ। ବେଳେବେଳେ ସେ ତାକୁ ତାଙ୍କ ଦିନଚର୍ଯ୍ୟା ବିଷୟରେ ଜଣାଇବାକୁ ଚେଷ୍ଟା କରେ। ବେଳେବେଳେ ସେ ନିଜର ଏକାକୀତ୍ୱକୁ ସ୍ୱୀକାର କରୁଥାଏ। ବେଳେବେଳେ ସେ କେବଳ ଲେଖୁଥିଲା, "ଆଇ ମିସ୍ ୟୁ ମୀରା...."। ସବୁଦିନ ପରି ଶେଷରେ ସେ ସେହି ମେସେଜଟି କୁ ଡିଲିଟ୍ କରିଦିଏ। ସେ ନିଜେ ପୁଣି କହେ ଯେ ଏହା ସମ୍ମାନର କଥା ମୀରାଙ୍କର ସ୍ୱାମୀ ଏବଂ ଏକ ପରିବାର ଅଛି। ସେ ସେହି ଦୁନିଆକୁ ବିଚଳିତ କରିବାକୁ ଚାହୁଁନଥିଲା। କିନ୍ତୁ ଗଭୀର ଭାବରେ, ସେ ମଧ୍ୟ ଭୟ କଲା ଯଦି ସେ ପ୍ରକୃତରେ ତାକୁ ଭୁଲି ଯାଇଥିବ ତେବେ କ 'ଣ ହେବ? କ'ଣ ହେବ ଯଦି .... ତା' କଥା ତାଙ୍କୁ ଏବେ କେବଳ ଲଜ୍ଜିତ କରୁଥିଲା?

ତେଣୁ ସେ ପ୍ରେମକୁ ନୀରବରେ ସହିଗଲା, ନୀରବତାରେ ପଠାଯାଉନଥିବା ମେସେଜ୍ ରେ ଯୋଡ଼ି ହେଲା। କିନ୍ତୁ ମୀରା ରଖିଥିଲା ଆଲମାରୀ ଭିତରେ ଶାଢ଼ୀ ତଳେ ଲୁଚାଇଏକ ଛୋଟ କାଠ ବାକ୍ସ। ସେହି ବାକ୍ସ ଭିତରେ ଥିଲା ଅର୍ଜୁନ ତାକୁ ଅନେକ ବର୍ଷ ପୂର୍ବେ ଦେଇଥିବା ଏକ ଚିଠି। ଯାହା ଥିଲା ବିବାହ ପୂର୍ବରୁ ତାଙ୍କର ଶେଷ ଚିଠି।

ଚିଠିରେ କେବଳ ଗୋଟିଏ କଥା କୁହାଯାଇଥିଲା "ଯାହା ହେଉନା କାହିଁକି, ମୁଁ ସବୁବେଳେ ଆପଣଙ୍କୁ ଚିଠି ଲେଖିବି... ଯଦିଓ ଆପଣ ଏହାକୁ କେବେ ପଢ଼ିବେନି।"

ମୀରା ସେହି ଶବ୍ଦଗୁଡ଼ିକୁ ପ୍ରାର୍ଥନା ମୁଦ୍ରା ଭଳି ଧରୁଥାଏ। ରାତିରେ ଯେତେବେଳେ ତାଙ୍କ ସ୍ୱାମୀ ବିଳମ୍ବରେ ଘରକୁ ଆସନ୍ତି, ସକାଳେ ଯେତେବେଳେ ସେଦିନଚର୍ଯ୍ୟା ଭିତରେ ଏକାକୀପଣ ଅନୁଭବ କରେ, ସେ ସେହି କାଗଜ ଖଣ୍ଡକୁ ଖୋଲି ତାଙ୍କ ନାମ ଉଚ୍ଚାରଣ କରେ। ସେ କେବେ ବି ଉତ୍ତର ଲେଖିବାର ସାହସ କରୁନଥିଲା। କିନ୍ତୁ ମୀରା ହୃଦୟରେ ଅର୍ଜୁନର ପ୍ରତ୍ୟେକ ପଠାଯାଇନଥିବା ଚିଠିର ଉତ୍ତର ଦେଉଥିଲା। ଗୋଟିଏ ବର୍ଷା ସନ୍ଧ୍ୟାରେ, ଅର୍ଜୁନଙ୍କୁ ସହରର ଏକ ସାହିତ୍ୟ ମହୋତ୍ସବକୁ ନିମନ୍ତ୍ରଣ କରାଗଲା ଯେଉଁଠି ମୀରା ବର୍ତ୍ତମାନ ରହନ୍ତି। ପଛ ସ୍ମୃତିକୁ ଡରି ସେ ପ୍ରାୟ ମନା କରିଥିଲେ, କିନ୍ତୁ ପରେ ସବୁକିଛି ଭୁଲି, ଯିବାକୁ ସ୍ଥିର କରନ୍ତି। ଯେତେବେଳେ ସେ ସଭା ସ୍ଥଳରେ ପହଞ୍ଚିଲେ ତାହା ପୁସ୍ତକ ଏବଂ ପାଠକଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ସାରିଥିଲା। ସେ ଭିଡ଼ ଭିତରେ ଦୁଇଟି ଚିହ୍ନା ଆଖି ତାଙ୍କୁ ବିଚଳିତ କରିଦେଲା। ସେ ଆଉ କେହି ନଥିଲେ, ସେ ଥିଲେ ତାଙ୍କ ଅତୀତର ସେହି ପ୍ରଣୟିନୀ ମୀରା.... ସମୟ ତାଙ୍କୁ ବଦଳାଇ ଦେଇଥିଲା। ତାଙ୍କ ମଥାରେ ସିନ୍ଦୂର, ହାତରେ ସୁନାର ଚୁଡ଼ି ! ସେ ତାଙ୍କୁ ଦେଇ ପାରିନଥିବା ଜୀବନର ପ୍ରତୀକ। କିନ୍ତୁ ତାଙ୍କ ଆଖି... ତାଙ୍କ ଆଖି... ସେଇ ଏକା ଥିଲା। ଅଳ୍ପ ସମୟ ପାଇଁ, ସେମାନଙ୍କର ଆଖି ଭେଟିଲା ଏକ ହଜାର ଅଣକହିଥିବା ଶବ୍ଦ ସେମାନଙ୍କ ମଧ୍ୟରେ ଝଲସୁ ଥିଲା। କିନ୍ତୁ କେହି କିଛି କହିଲେ ନାହିଁ। କେହି ବି ହଲିଲେ ନାହିଁ। ଅର୍ଜୁନ ତାଙ୍କ ବକ୍ତବ୍ୟ ଶେଷ କରିଥିଲେ, ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ ଏବଂ ଶେଷରେ ତାଙ୍କ ସଦ୍ୟତମ ପୁସ୍ତକର ନକଲଗୁଡ଼ିକୁ ହସ୍ତାନ୍ତର କରିଥିଲେ। ଗୋଟିଏ ନକଲ ମୀରାଙ୍କ ହାତରେ ପଡ଼ିଲା। କୌଣସି ସ୍ପର୍ଶ ନାହିଁ, କୌଣସି ଅଭିବାଦନ ନାହିଁ, କେବଳ ନୀରବ।

ସେ ଶେଷରେ ପଢ଼ିଥିବା ଚିଠି ସେହି ରାତିରେ ମୀରା ବହିଟି ଖୋଲିଲେ। ପ୍ରତ୍ୟେକ ପୃଷ୍ଠା ସହିତ, ସେ ଅନୁଭବ କଲେ ଯେ ତାଙ୍କ ହୃଦୟ ଭାରୀ ହେଉଛି। ପ୍ରତ୍ୟେକ କବିତା ଉତ୍କଣ୍ଠାରେ ପରିପୂର୍ଣ୍ଣ ଥିଲା, ପ୍ରତ୍ୟେକ ଧାଡ଼ି ସେମାନଙ୍କ ଅତୀତର ଛାଇକୁ ଆଖି ଆଗରେ ନଚେଉଥିଲା। ଶେଷ ପୃଷ୍ଠା ଲେଉଟାଇବା ସୁଦ୍ଧା ତାଙ୍କର ଆଖି ଭିଜି ଯାଇଥାଏ। ସେତେବେଳେ ସେ ବୁଝିପାରିଲେ ସେ ସବୁବେଳେ ତାଙ୍କ ପାଇଁ ଲେଖୁଥିଲେ। ଦୂରରୁ ସେ ପ୍ରଶଂସା କରିଥିବା ପ୍ରତ୍ୟେକ କବିତା ପ୍ରକୃତରେ କେବଳ ତାଙ୍କ ପାଇଁ ଉଦ୍ଦିଷ୍ଟ ଏକ ଚିଠି ଥିଲା। ସେ ବହିଟିକୁ ନିଜ ଛାତିରେ ଚାପି ରଖି ନୀରବତା ଭିତରେ ତାଙ୍କ ନାମ କହୁଥିଲେ। ଉତ୍ସବରେ ସେମାନେ କେବେ ବି କଥା ହୋଇନଥିଲେ। ଏହା ପରେ ସେମାନେ କେବେ ବି କଥାବାର୍ତ୍ତା କରିନଥିଲେ। କିନ୍ତୁ ସେହି ପୃଷ୍ଠାଗୁଡ଼ିକରେ, ମୀରା ଶେଷରେ ଅର୍ଜୁନ କେବେ ପଠାଇନଥିବା ସମସ୍ତ ଚିଠି ପଢ଼ିଲେ। ଆଉ ସେଇଟା ହିଁ ଯଥେଷ୍ଟ।

ବକ୍ସି ବଜାର, ବାଟଗାଁ, ନାକଟିଦେଉଳ, ରେଢ଼ାଖୋଲ, ସମ୍ବଲପୁର, ମୋବାଇଲ୍: ୭୭୫୧୦୭୫୩୫୦

# ଷଡ଼ଯନ୍ତ୍ର





ନିବେଦିତା ପଣ୍ଡା

ଷଡ଼ଯନ୍ତ୍ର ଏକ ଦୁର୍ବଳ ମାନସିକତା,ଏକ ହୀନମନ୍ୟତା।ନିଜେ ଇଚ୍ଛା କରୁଥିବା ମୁତାବକ କାର୍ଯ୍ୟ ନହେଲେ ଜଣେ ସ୍ୱାର୍ଥପରତାକୁ ଆପଣେଇ ନେଇ ଏମିତି କିଛି କାଣ୍ଡ ଭିଆଇଥାଏ ଯେ ଯାହାକୁ ଷଡ଼ଯନ୍ତ୍ରର ନାମ ଦିଆଯାଇଥାଏ। କିଛି ବି ପରିସ୍ଥିତି ହେଉ କୌଣସି ହୀନ ଚକ୍ରାନ୍ତର ଲୋକ ଅସମ୍ଭବକୁ ସମ୍ଭବ କରିବାକୁ ଯାଇ ଷଡ଼ଯନ୍ତ୍ର ରଚିଥାଏ ମାତ୍ର ପରିଣାମ ସମ୍ପର୍କରେ ତାର ଜ୍ଞାନ ନଥାଏ, ଯାହାଦ୍ୱାରା ସେ ନିନ୍ଦିତ ହୁଏ , ଦଣ୍ଡିତ ହୁଏ ସମ୍ପର୍କ ହାନୀ ହୁଏ। ଯୌଥ ପରିବାର ଭିତରେ ବଢ଼ିଥିଲା ବିକ୍ରମ । ସଂସ୍କାର ପାଇ ବଢ଼ିଥିବା ପିଲାଟି ଷଡ଼ଯନ୍ତ୍ରଠାରୁ ବହୁ ଦୂରରେ ଥିଲା। କିନ୍ତୁ ସେ କେବେ ଭାବି ବି ନଥିଲା ତା ସହିତ ଏକ ଚକ୍ରାନ୍ତ ଚାଲିଛି ବୋଲି ଯାହାକୁ ରଚନା କରିଛନ୍ତି ନିଜ ସମ୍ପର୍କୀୟ ମାନେ। ଯାହା ସହିତ ସେ ନିତିଦିନିଆ ଜୀବନରେ ଓତଃପ୍ରୋତଭାବେ ଜଡ଼ିତ ହୋଇ ରହିଥିଲା, ଯେଉଁମାନେ ଥିଲେ ତାର ସହକର୍ମୀ। ସକାଳୁ ରାତି ଯାଏ ଯେଉଁ ମାନଙ୍କ ସହିତ ସେ ସମୟ ବିତାଉ ଥିଲା। ସେ କାମକରୁଥିବା ଅଫିସରେ ଯିଏ ସର୍ବେସର୍ବା ଥିଲେ ତାଙ୍କର ସେତେ ବେଶୀ ବୁଦ୍ଧି, ଜ୍ଞାନ କି ଶିକ୍ଷା ,ଦିକ୍ଷା ନଥିଲା। କିନ୍ତୁ ଏକ କମ୍ପାନୀର ମାଲିକ ହୋଇ ଅନ୍ୟ ମାନଙ୍କ ସହାୟତାରେ କମ୍ପାନୀ ମୁଖ୍ୟ ହୋଇ କାର୍ଯ୍ୟ କରୁଥିଲେ। ସହାୟତା କରୁଥିବା କର୍ମଚାରୀଙ୍କ ମଧ୍ୟରୁ ଜଣେ ନିଜର ପତିଆରା ଜାହିର କରିଥିଲା ମାଲିକଙ୍କ ଉପରେ। ମାଲିକଙ୍କୁ ସମ୍ପୂର୍ଣ୍ଣ ନିଜ ଅଧିନକୁ ନେଇ ଶେଷରେ ରବରଷ୍ଟାମ୍ପ କରିଦେଲା।ଏସବୁ କାର୍ଯ୍ୟର ପ୍ରତ୍ୟକ୍ଷ ପ୍ରଭାବ ପଡିଥିଲା ବିକ୍ରମ ଉପରେ କାରଣ ବିକ୍ରମ ଥିଲା ଦକ୍ଷତା ସମ୍ପନ୍ନ ଏକ ସରଳ ମାନସିକତାର ବ୍ୟକ୍ତି।ତା କାମ ବ୍ୟତିତ ଅନ୍ୟ କୌଣସି କଥାରେ ସେ ମୁଣ୍ଡ ପଶାଏ ନାହିଁ।ଏହି ସଚ୍ଚୋଟ ପଣିଆ ଅନ୍ୟ ମାନଙ୍କ ମୁଣ୍ଡବିନ୍ଧାର କାରଣ ସାଜିଥିଲା।ନିଜ ହୀନ ଚକ୍ରାନ୍ତକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ବିକ୍ରମ ପଛରେ ଲାଗିଯାଇଥିଲେ।ତାକୁ ଅପମାନିତ କଲା ଭଳି କାର୍ଯ୍ୟମାନ କରୁଥିଲେ ଯାହାକୁ ଭ୍ରୂକ୍ଷେପ ନକରି ବିକ୍ରମ ନିଜ କାର୍ଯ୍ୟରେ ମନୋନିବେଶ କରିଥିଲେ। କିନ୍ତୁ ପରିସ୍ଥିତି ଦିନକୁ ଦିନ ବିଗିଡ଼ି ବାକୁ ଲାଗିଥିଲା।ସବୁ ଯୋଗ୍ୟତା ଥାଇବି ତାଠାରୁ କମ୍ ଯୋଗ୍ୟ ବ୍ୟକ୍ତିର ପ୍ରମୋଶନ୍ ଦିଆ ଯାଉଥିଲା। ସମସ୍ତଙ୍କ ଦରମା ବୃଦ୍ଧି ହେଉଥିବା ବେଳେ ତାକୁ ଅଣଦେଖା କରାଯାଉଥିଲା।ସିଏ ଯେଉଁ ପଦବୀ ପାଇଁ ଯୋଗ୍ୟ ଥିଲା ତାକୁ ସେଥିରୁ ବଞ୍ଚିତ କରାଯାଉଥିଲା।ତାକୁ ବ୍ୟବହାର କରାଯାଉଥିଲା ।ତାର ଉପଯୁକ୍ତ ପାରିଶ୍ରମିକ ସଠିକ୍ ଭାବରେ ଦିଆଯାଉ ନଥିଲା। କମ୍ପାନୀ ମାଲିକ ବି ନିରବ ରହୁଥିଲେ ଯେତେବେଳେ ବିକ୍ରମ କର୍ମଚାରୀ ମାନଙ୍କ ଆକ୍ରୋଶର ଶିକାର ହେଉଥିଲା।ସ୍ୱାଭିମାନୀ ବିକ୍ରମର ଆତ୍ମ ସମ୍ମାନକୁ ତାହା ବହୁତ କଷ୍ଟ ଦେଇଥିଲା। ତେଣୁ ସେ ବାଧ ହୋଇଥିଲା ସେ ଅଫିସ୍ କାର୍ଯ୍ୟରୁ ବିଦାୟ ନେବା ପାଇଁ।

ଆଉ କିଛି ଅଘଟଣ ଘଟିବା ଆଗରୁ ନିଜେ ସିନା ସତର୍କ ହୋଇଗଲା କିନ୍ତୁ ମାନସିକ ସ୍ତରରେ ଯେଉଁ ଆଘାତ ସେ ପାଇଥିଲା ତାହା କେବେ ଭରଣା ହୋଇ ପାରିନଥିଲା। ଷଡ଼ଯନ୍ତ୍ର ରଚିଥିବା ଲୋକଙ୍କ ସମ୍ପର୍କରେ ସେ ଜାଣିପାରି ନିଜରାସ୍ତା ବଦଳେଇ ଥିଲା। କିନ୍ତୁ କିଛି ଲୋକ ନଜାଣି ପାରି ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।କିଛି ଲୋକଙ୍କର ଜୀବନ ,ଜୀବିକା ଚାଲି ଯାଉଛି।ଏଥିପ୍ରତି ସଚେତନତା ଜରୁରୀ। ଷଡ଼ଯନ୍ତ୍ରକାରୀ ବି ନିଜର ମାନସିକତା ବଦଳେଇବା ଉଚିତ୍।

ରାଉରକେଲା

# ଅଧର୍ମ ଧନ ଅଳ୍ପଦିନ





ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ସବୁଦିନ ରାତିରେ ମୁନା ଜେଜେମା'ଠାରୁ ଗପ ଶୁଣି ଶୁଏ। ଆଜିମଧ ଜେଜେ ମା' ତାକୁ ଗପଟିଏ କହିଲେ ଗପଟି ହେଲା- ବ୍ରଜରାଜପୁର ଗ୍ରାମରେ ଶୁଭକାନ୍ତ ବାବୁ ବୋଲି ଜଣେ ଲୋକ ଥିଲେ। ବୃତ୍ତିରେ ସେ ଜଣେ ଶିକ୍ଷକ । ଗାଁ ଠାରୁ ତିନି କିଲୋମିଟର ଦୂରରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ସେ ଶିକ୍ଷକତା କରୁଥିଲେ। ସ୍ତ୍ରୀ ମମତା, ଝିଅ ଶିବାନୀ ଓ ପୁଅ ଆଶିଷକୁ ନେଇ ତାଙ୍କ ପରିବାର। ଶୁଭକାନ୍ତ ବାବୁ ଜଣେ ଶିକ୍ଷକ ହୋଇଥିଲେ ମଧ କଞ୍ଜୁସ ଓ ଅହଙ୍କାରୀ ସ୍ୱଭାବର। କାହାକୁ ଜୀବନରେ କେବେ ସାହାଯ୍ୟ କରିବା ତ ଦୂରର କଥା ଭିକାରୀକୁ ଭିକଟିଏ ମଧ ଦିଅନ୍ତି ନାହିଁ। ସବୁବେଳେ ନିଜର ଧନ ବଢାଇବାକୁ ଚେଷ୍ଟା କରନ୍ତି। ମିଛସତ କହି ପରୀକ୍ଷା ବେଳେ ପିଲାଙ୍କୁ କପି ଯୋଗାଇ ଦେବାକୁ କହି ଅଭିଭାବକମାନଙ୍କ ପାଖରୁ ପଇସା ନେଇଆସନ୍ତି। ଏପରିକି ପଇସା ଖର୍ଚ୍ଚ ହେଇଯିବ ବୋଲି ଜାନିଯାତ ମେଳା ମହୋତ୍ସବ ନିଜେ ଯାଆନ୍ତିନି କି ସ୍ତ୍ରୀ,ପୁଅଝିଅ କୁ ନିଅନ୍ତିନି। ସେହିପରି ସେ ଚାକିରୀ କରିଥିବା ବିଦ୍ୟାଳୟରେ ମଧ ତାଙ୍କୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ କି ଛାତ୍ରଛାତ୍ରୀ କେହି ଭଲ ପାଆନ୍ତିନାହିଁ। କେହିକେହି ତ କୁହନ୍ତି ଶୁଭକାନ୍ତ ସାରଙ୍କ ମୁହଁ ଚାହିଁଲେ ଖାଇବାକୁ ମିଳିବନି। ସେ ଜଣେ କଞ୍ଜୁସ/ ସୁଣ୍ଟିଆ ଲୋକ।

କିଛିବର୍ଷ ପରେ ଶୁଭକାନ୍ତ ବାବୁ ଝିଅ ଶିବାନୀର ବିବାହ କରିଦେଲେ। ନିଜେ ମଧ ଚାକିରୀରୁ ଅବସର ନେଲେ। ଯାହା ପଇସା ସଞ୍ଚୟ କରିଥିଲେ ଓ ଚାକିରୀ ଅବସର ସମୟରେ ଯେଉଁ ପଇସା ମିଳିଲା ସେହିପଇସାରେ ସାରା ଜୀବନ ଶାନ୍ତିରେ ଖାଇବେ ଓ ରହିବେ ବୋଲି ଭାବିଥିଲେ। ହେଲେ ବିଧାତା ତାଙ୍କ ଭାଗ୍ୟରେ ଆଉକିଛି ଲେଖିଥିଲା। ତାଙ୍କ ଏକମାତ୍ର ପୁଅ ଆଶିଷ ବାଲେଶ୍ୱର ର ଏକ କଲେଜ ରେ ପାଠ ପଢୁଥିଲା। ସେ ବାରମ୍ବାର ବିଭିନ୍ନ ଆଳ ଦେଖାଇ ଶୁଭକାନ୍ତ ବାବୁଙ୍କୁ ପଇସା ମାଗୁଥିଲା। ଶୁଭକାନ୍ତ ବାବୁ କେବେ କେବେ ଏତେ ପଇସା କଣ ଦରକାର ପଚାରିଲେ ଆଶିଷ ଘରେ ଝଗଡ଼ା କରୁଥିଲା। ଓ ଆତ୍ମହତ୍ୟାର ଧମକ ଦେଉଥିଲା। ଯାହା ଫଳରେ ଶୁଭକାନ୍ତ ବାବୁ ପୁଅ ଯେତେବେଳେ ପଇସା ମାଗେ ଦେବାପାଇଁ ବାଧ ହେଉଥିଲେ। ଆଶିଷ କିନ୍ତୁ ପଇସା ସବୁ ନେଇ ବ୍ରାଉନସୁଗାର ଓ ମଦରେ ଉଡାଉଥିଲା ।ଏମିତି କିଛିଦିନ ଗଲା ପରେ ଆଶିଷ ର ଦେହ ଭିଷଣ ଖରାପ ହେଲା । ତାର କଲେଜର ଦୁଇଜଣ ସାଙ୍ଗ ଆଶିଷକୁ ଏକ ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ଦେଖିବା ପରେ ଆଶିଷର ଗୋଟେ କିଡନୀ ଡ୍ୟାମେଜ ହୋଇଯାଇଥିବାର ଜାଣିବାକୁ ପାଇଲେ ଓ ତାର ସାଙ୍ଗଙ୍କୁ କହିଲେ। ଏହାପରେ ତାର ସାଙ୍ଗ ଆଶିଷର ବାପା ଶୁଭକାନ୍ତ ବାବୁଙ୍କୁ ଫୋନରେ ସବୁକଥା କହିଲେ। ଘଟଣା ଜାଣିବା ପରେ ଶୁଭକାନ୍ତ ବାବୁ ସଙ୍ଗେ ସଙ୍ଗେ ହସ୍ପିଟାଲ ରେ ପହଞ୍ଚିଲେ ଓ ଡାକ୍ତରଙ୍କ ସହ ଆଲୋଚନା କଲେ। ଶିଘ୍ର ନୂଆ କିଡନୀ ଗୋଟେ ପ୍ରତିରୋପଣ ନକଲେ ଅନ୍ୟ କିଡନୀ ଟି ମଧ ନଷ୍ଟ ହେଇଯିବ ବୋଲି ଡାକ୍ତର ଶୁଭକାନ୍ତ ବାବୁଙ୍କୁ କହିଲେ। ନୂଆ କିଡନୀ ଟେ ଦେବା ପାଇଁ ଜଣେ ଲୋକ ଯଦି ଓ ରାଜିହେଲେ ସେ ବାବଦକୁ ୩୦ ଲକ୍ଷ ଟଙ୍କା ମାଗିଲେ। ପୁଅର ଜୀବନ ବଞ୍ଚାଇବା ପାଇଁ ଶୁଭକାନ୍ତ ବାବୁ ମଧ ଲୋକର କଥାରେ ରାଜି ହୋଇଗଲେ। ହେଲେ ଶୁଭକାନ୍ତ ବାବୁଙ୍କ ପାଖେ ୨୫ ଲକ୍ଷ ଟଙ୍କା ଥିଲା । ସେ ଆଉ ପାଞ୍ଚଲକ୍ଷ କରଜ କରି ଆଣି ଲୋକଟିକୁ ଦେଲେ। ଲୋକଟି ୩୦ ଲକ୍ଷ ନେଇ ତାର ଗୋଟେ କିଡନୀ ଦେବା ପରେ ଆଶିଷ ଧୀରେ ଧୀରେ ଭଲ ହେଲା। ପଇସା ପଛରେ ଗୋଡ଼ାଇ ଭୁଲ ବାଟରେ ପଇସା ରୋଜଗାର କରି ଯାହା ସ୍ୱପ୍ନ ଦେଖିଥିଲେ ସବୁ ଚୁରମାର ହୋଇଗଲା ବୋଲି ଶୁଭକାନ୍ତ ବାବୁ ଅନୁତାପ କଲେ। ତେଣୁ କୁହାଯାଏ ଅଧର୍ମ ବିତ୍ତ ବଢେ ବହୁତ ଗଲା ବେଳେ ଯାଏ ମୂଳ ସହିତ। ଏଣୁ ତମେମାନେ ସବୁବେଳେ ଧର୍ମ ପଥରେ ଯିବ। ଅଧିକ ଅର୍ଥର ଲାଳସା ନରଖି ସକ୍ଷମ ଅନୁଯାୟୀ ଅନ୍ୟକୁ ସାହାଯ୍ୟ କରିବ। ତେବେ ଯାଇ ତୁମର କେବେ କିଛି ଅସୁବିଧା ହେବନାହିଁ।

ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋବାଇଲ୍: ୭୯୦୪୩୯୨୬୮୬

# ଅନ୍ତରର ଦୀପାବଳି



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ଆଜି ପବିତ୍ର କାଳୀ ପୂଜା ଓ ଦୀପାବଳୀ। ମାଆ କାଳୀ ପ୍ରମୁଖ ହିନ୍ଦୁ ଦେବୀ, କାଳ, ମୃତ୍ୟୁ ଏବଂ ବିନାଶର ଭୟଙ୍କର ସ୍ୱରୂପ ।ସେ ଦିବ୍ୟ ଜ୍ଞାନ ଏବଂ ମୁକ୍ତି ପ୍ରଦାୟିନୀ। ତାଙ୍କୁ ମନ୍ଦ, ଅହଂକାର ଏବଂ ଅଜ୍ଞତାର ଚରମ ବିନାଶକାରୀ ଏବଂ ସୃଜନଶୀଳ ଶକ୍ତିର ଏକ ଅବତାର ବୋଲି ବିବେଚନା କରାଯାଏ। ସେ ଶକ୍ତିବାଦ ଏବଂ ତନ୍ତ୍ର ସମେତ ବିଭିନ୍ନ ହିନ୍ଦୁ ପରମ୍ପରାରେ ଏକ କେନ୍ଦ୍ରୀୟ ବ୍ୟକ୍ତିତ୍ୱ । ଭାରତରେ ଦେବୀ ଶକ୍ତିକୁ ପୂଜା କରାଯିବା ସତ୍ତ୍ୱେ ନାରୀର ଉଗ୍ର ସ୍ୱରୁପକୁ କେହି ପସନ୍ଦ କରନ୍ତି ନାହିଁ। କାଳୀ ବିନାଶ ଏବଂ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରନ୍ତି, କିନ୍ତୁ ସୃଷ୍ଟି ଏବଂ ପୁନର୍ଜନ୍ମକୁ ମଧ ପ୍ରତିନିଧିତ୍ୱ କରନ୍ତି। ତାଙ୍କର ଉଗ୍ର ରୂପ କେବଳ ଦୁଷ୍ଟ ଏବଂ ଅହଂକାର ଥିବା ଲୋକଙ୍କୁ ଭୟଭୀତ କରେ ବୋଲି ବିଶ୍ୱାସ କରାଯାଏ।ସେଇ ପରି, ନିଜସ୍ବ ଆସୁରିକ ପ୍ରବୃତ୍ତିକୁ ସାମ୍ନା କରି ନପାରୁଥିବା ବ୍ୟକ୍ତି କାଳୀ ସ୍ବରୁପକୁ ମଧ ଗ୍ରହଣ କରିପାରନ୍ତି ନାହିଁ। ମହାକାଳୀ , ଯିଏ ବିଶ୍ୱଶକ୍ତି, ଜୀବନ, ମୃତ୍ୟୁ ଏବଂ ମୁକ୍ତି ସହିତ ଜଡିତ, ସେ ହିଁ ସର୍ବୋତ୍ତମ ଗୁଣ ଭାବରେ ନାରୀ ମଧରେ ବିଲୀନ। ପ୍ରସିଦ୍ଧ ପୌରାଣିକ କାହାଣୀ ଅନୁସାରେ ଦେବୀ ଦୁର୍ଗାଙ୍କ ଠାରୁ ରକ୍ତବିଜ ରାକ୍ଷସକୁ ପରାସ୍ତ କରିବା ପାଇଁ ମାଆ ମହାକାଳୀ ଆବିର୍ଭୂତ ହୋଇଥିଲେ । ରକ୍ତବିଜର ମୁଣ୍ଡ କାଟ କରନ୍ତେ ତାର ପ୍ରତ୍ୟେକ ରକ୍ତବିନ୍ଦୁରୁ ଏକ ନୂତନ ରାକ୍ଷସ ସୃଷ୍ଟି ହେଉଥିଲା, ତେଣୁ ମାଆ କାଳୀ ନିଜ ଜିହ୍ୱାରେ ତାର ସମସ୍ତ ରକ୍ତକୁ ଶୋଷଣ କରି ତାର ବିନାଶ କଲେ। । ଯୁଦ୍ଧ ପରେ, ତାଙ୍କର ଭୟଙ୍କର, ବିନାଶକାରୀ କ୍ରୋଧ ଯେତେବେଳେ ସୃଷ୍ଟିର ସଂହାର କରିବାକୁ ଲାଗିଲା, ସେତେବେଳେ ଭଗବାନ ଶିବ ନିଜକୁ ତାଙ୍କର ପାଦ ତଳେ ସମର୍ପଣ କରିଦେଲେ। ପ୍ରଭୁଙ୍କ ଉପରେ ପାଦ ପଡିଯିବା ମାତ୍ରେ ମାଆ ନିଜର ଭୁଲ୍ ବୁଝି ପାରି ନିଜର ଜିହ୍ୱା କାମୁଡି ଦେଇଥିଲେ । ତାଙ୍କର ଏହି ସ୍ୱରୂପ ପୁରୁଷ ତନ୍ତ୍ର ଉପରେ ନାରୀ ଶକ୍ତିର ବିଜୟ।

ଦୀପାବଳିର ମୁଖ୍ୟ ପୌରାଣିକ ଦିଗ ହେଉଛି ଭଗବାନ ରାମଙ୍କ ୧୪ ବର୍ଷର ବନବାସ ପରେ ଅଯୋଧାକୁ ଫେରିବା ଘଟଣା, ଯେଉଁ ସମୟରେ ସେ ରାକ୍ଷସ ରାଜା ରାବଣକୁ ପରାସ୍ତ କରିଥିଲେ। ଆଉ ଏକ ପ୍ରମୁଖ ପୌରାଣିକ କଥା ହେଉଛି ଭଗବାନ କୃଷ୍ଣଙ୍କ ଦ୍ୱାରା ରାକ୍ଷସ ନରକାସୁରର ପରାଜୟ, ଯାହା ଦୀପାବଳିର ପୂର୍ବ ଦିନ ନରକ ଚତୁର୍ଦ୍ଦଶୀରେ ପାଳନ କରାଯାଏ। ସମସ୍ତ ପୌରାଣିକ କଥାରେ ଦୀପ ଜଳାଇବା ଏକ କେନ୍ଦ୍ରୀୟ ବିଷୟବସ୍ତୁ, ଯାହା ମନ୍ଦ ଉପରେ ଭଲର ବିଜୟ ଏବଂ ଅନ୍ଧାରକୁ ଆଲୋକର ପୁନରାବୃତ୍ତିର ପ୍ରତୀକ।



ମାତ୍ର ଧୀରେ ଧୀରେ ଏହି ପ୍ରମୁଖ ହିନ୍ଦୁ ଉତ୍ସବ ଗୁଡ଼ିକ କେବଳ ସାଜସଜ୍ଜା, ମେଳା, ନୃତ୍ୟଗୀତ ଆଦି ମନୋରଞ୍ଜନରେ ପରିବର୍ତ୍ତିତ ହୋଇ ଯାଉଛି। ସହର ବଜାର ଉତ୍ସବ ମୁଖର ହୋଇ ଉଠୁଚି ସତ ମାତ୍ର ଭକ୍ତି ଭାବ କେଉଁ ଠାରେ ମଧ ପରିଲକ୍ଷିତ ହେଉ ନାହିଁ। ଦୀପାବଳିରେ ଆଉ ମାଟି ଦୀପର ଆଦର ନାହିଁ। ବିଜୁଳି ଆଲୋକମାଳା ଓ କୃତ୍ରିମ ଦୀପର ବ୍ୟବହାର ହେଉଛି। ଆମ ସାନବେଳେ ଆମେ ଘର ଅଗଣାରେ, ଛାତ ଉପରେ ଧାଡ଼ି ଧାଡ଼ି ଦୀପ ଲଗାଉଥିଲୁ। ସମସ୍ତଙ୍କ ଘରେ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ସେଇ ଦୀପ ଗୁଡ଼ିକ କେତେ ଶାନ୍ତିପୂର୍ଣ୍ଣ ଲାଗୁଥିଲା। କିଛି ଝରା ବାଣ, ଚକ୍ରି, କୁମ୍ଭି ଓ ତାଳ ଫୋଟକାରେ ମନ ପୁରି ଯାଉଥିଲା। ଏବେ ତୀବ୍ର ଶବ୍ଦଯୁକ୍ତ ବମ୍, ବିଭିନ୍ନ ଧୂଆଁ ସୃଷ୍ଟିକାରୀ ଆଖି ଝଲସା ବାଣରେ ପରିବେଶ ପ୍ରଦୂଷଣ ହେବା ସହ ଦୁଇ ତିନିଦିନ ଯାଏଁ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ହେଉଛି। ଅତି ଅମାନୁଷିକ ଭାବରେ ପଶୁ ମାନଙ୍କୁ ବାଣ ଫୁଟାଇ କ୍ଷତାକ୍ତ କରା ଯାଉଛି। ସାମାଜିକ ଗଣମାଧମରେ ଦେଖାଉଥିବା ରିଲ୍ ଅନୁସରଣରେ ସମସ୍ତଙ୍କର ଦୀପାବଳୀ ପାଇଁ ନୂଆ ଲୁଗା ପଟା, ଘର ସଜା ସାମଗ୍ରୀ, ନୂତନ ବସ୍ତୁ କ୍ରୟ ବାବଦକୁ ଗୋଟିଏ ଅତିରିକ୍ତ ବଜେଟ୍ କରିବାକୁ ପଡ଼ୁଚି। ମଧବିତ୍ତର ଜୀବନରେ ଏସବୁ ଅତିରିକ୍ତ ଖର୍ଚ୍ଚ କଷ୍ଟଦାୟୀ ନିଶ୍ଚୟ। ତେବେ ଏହା ବିଧି ନା ଭକ୍ତି ଏହା ବିଚାର ସାପେକ୍ଷ। ଆମ ମଧରେ ଧର୍ମ ଓ ଆଧାତ୍ମିକତା କୁ ନେଇ ଏକ ବଡ଼ ବିସଂଗତି ରହିଛି। ପ୍ରକୃତରେ ଧର୍ମ ହେଉଛି ଏକ ମାର୍ଗ, ଯାହା ଆଧାତ୍ମିକତା ଆଡକୁ ଅଗ୍ରସର କରାଇ ପାରେ। ବିଶିଷ୍ଟ ସାରସ୍ବତ ସାଧକ ମନୋଜ ଦାସଙ୍କ ମତରେ, ଆଧାତ୍ମିକତାକୁ କୌଣସି ଧର୍ମ ଗୋଷ୍ଠୀ, ଜାତି ଇତ୍ୟାଦି ସହ ସଂଶ୍ଲିଷ୍ଟ କଲେ ଚଳିବ ନାହିଁ। ଆଧାତ୍ମିକତା ଏକ ଚେତନାଗତ ବିଜ୍ଞାନ। ମଣିଷର ସୃଷ୍ଟି ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିର୍ବାଯ୍ୟ ଭବିଷ୍ୟତ ସମ୍ପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗଦର୍ଶନ ଦେଇଛନ୍ତି ତାହା ମତେ ବିଜ୍ଞାନସମ୍ମତ ଓ ପୂର୍ଣ୍ଣାଙ୍ଗ ମନେ ହେଲା। ଏହି ଠାରୁ ଆରମ୍ଭ ହୋଇ ଥିଲା ତାଙ୍କର ଆଧାତ୍ମିକ ଅନ୍ୱେଷା। ଆମେ ପ୍ରତ୍ୟେକ ଦିନ ସକାଳେ, ସଂଜେ ଭଗବାନଙ୍କୁ ପୂଜା କରୁ। ମାତ୍ର, କେତେ ଥର ପାପ ଚିନ୍ତା, ଅନ୍ୟାୟ, ଅନୀତି କରିବା ବେଳେ ଭଗବାନଙ୍କୁ ମନେ ପକାଉ ?ସତରେ, ମଣିଷ ଭାବେ ତା ଠାରୁ ଭଲ କେହି ନାହାନ୍ତି। କେବଳ ହତ୍ୟା, ଲୁଣ୍ଠନ କି ଆଘାତ ଦେବା ପାପ ନୁହେଁ, ବରଂ ନିଜର ଆଚରଣ , ଉଚ୍ଚାରଣ ଓ କର୍ମ ଦ୍ବାରା ଅନ୍ୟକୁ ଶାରୀରିକ, ମାନସିକ ବା ଆର୍ଥିକ କ୍ଷତି ପହଞ୍ଚାଇବା ମଧ୍ଯ ପାପ।

ଆମେ କଣ ସତରେ ପାପ କରୁ ନା? ସମୟ ଅସମୟରେ କୌଣସି ଅସହାୟ, ବୃଦ୍ଧ ବ୍ୟକ୍ତି, ପଶୁ ପକ୍ଷୀଙ୍କୁ ଆମେ କଣ ଦୟା କରୁ? ଈଶ୍ୱର ମନ୍ଦିରର ନିର୍ଜୀବ ମୂର୍ତ୍ତିରେ ନୁହେଁ ବରଂ ମଣିଷର ହୃଦୟରେ ରହି ଥାଆନ୍ତି। ଆମେ ମନ୍ଦିରରେ ଭିଡ ଲଗାଇ ଦର୍ଶନ ତ କରୁ, ମାତ୍ର ପ୍ରତ୍ୟେକ ଜୀବ ଭିତରେ ଥିବା ଈଶ୍ୱରଙ୍କୁ ଦେଖି ପାରୁ ନାହିଁ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ମାନବ ସେବା ହିଁ ମାଧବ ସେବା। ମାତ୍ର ମଣିଷ ମଣିଷକୁ ସାହଯ୍ୟ କରିବାକୁ ଶହେ ଥର ଚିନ୍ତା କରୁଚି। ଅନ୍ଧ ଭାବରେ ଆମେ ଧର୍ମକୁ ଜାବୁଡ଼ି ଧରିଲେ ମଧ୍ଯ ପ୍ରକୃତ ଧର୍ମ ପାଳନ କରୁ ନାହାନ୍ତି। ଈଶ୍ୱର ସମ ବୃଦ୍ଧ ପିତା ମାତାଙ୍କୁ କେଉଁଠି ବୃଦ୍ଧଶ୍ରମରେ ରହିବାକୁ ହେଉଛି ତ କେଉଁଠି ପିଲାଙ୍କ ଅବହେଳାର ଶିକାର ହେବାକୁ ପଡ଼ୁଚି। ଉଚ୍ଚ ସ୍ୱରରେ ଡ଼ାକବାଜି ଯନ୍ତ୍ର ଲଗାଇ ଯେତେ ଡାକିଲେ ମଧ୍ଯ ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ, ଯଦି ତା ଦ୍ବାରା ଅନ୍ୟର ଅସୁବିଧା ହେଉଥାଏ। ଉଚ୍ଚ ଶବ୍ଦ ବିଶିଷ୍ଟ ବାଣ ଫୁଟାଇବା ଦ୍ବାରା ଶ୍ରବଣ ଶକ୍ତି ମଧ ଚାଲି ଯାଉଛି। କାହାରି ଘରେ ମଧ୍ଯ ହୃଦ୍ ରୋଗୀ, ବୃଦ୍ଧ, ଶିଶୁ ଓ ବିଦ୍ୟାର୍ଥୀ ଥାଇ ପାରନ୍ତି। ନିଜସ୍ବ ଆନନ୍ଦ ପାଇଁ ତାଙ୍କ ଉପରେ ଯନ୍ତ୍ରଣା ଲଦି ଦେଇ କେଉଁ ଖୁସି ପ୍ରାପ୍ତ ହୁଏ ବୁଝି ହୁଏ ନାହିଁ। ଆଲୋକର ଅର୍ଥ ତ ଅନ୍ତରର ଅନ୍ଧାରକୁ ଦୂରୀଭୂତ କରିବା। ମାତ୍ର ମନରେ କ୍ରୋଧ, ଈର୍ଷା, ଅସୂୟା ପୋଷଣ କରି ଯେତେ ଦୀପ ଜଳାଇଲେ ମଧ ସୁଫଳ ମିଳିବ ନାହିଁ। ଦୀପାବଳି ଆନନ୍ଦ ମୁଖର ହେଉ, ସମସ୍ତଙ୍କ ପାଇଁ। ଦୀପ ଜଳୁ, ପାପ ଜଳୁ, ଦୂର ହେଉ ସମସ୍ତ ଅନ୍ଧାର ଅନ୍ତରକୁ କଲେ ଆଲୋକିତ, ଲୋଡ଼ା ନାହିଁ ବାହ୍ୟ ଆଡମ୍ବର।



ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪

## ଆଜି ଶ୍ରୀକ୍ଷେତ୍ରରେ ବଡ଼ବଡୁଆ ଡାକ

● ୨୮ ପ୍ଲାଟୁନ ଫୋର୍ସ ମୁତୟନ



ପୁରୀ,୧୯।୧୦(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ଦୀପାବଳି ବା ପୟାଶ୍ରାଦ୍ଧ। ଶ୍ରୀକ୍ଷେତ୍ରରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବେ ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପ୍ରବଳ ଭକ୍ତଙ୍କ ସମାଗମ ହେବ। ତେଣୁ ଭକ୍ତଙ୍କ ସୁରକ୍ଷା ସହ ସେମାନେ ଯେପରି ଶୃଙ୍ଖଳିତ ଭାବେ ବଡ଼ବଡୁଆ ଡାକିବା ପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୮ ପ୍ଲାଟୁନ ପୁଲିସ ଫୋର୍ସ ସହ ୪ ଜଣ ଅତିରିକ୍ତ ଏସପି, ୧୫ ଡିଏସପି, ୧୪ ଜଣ ଇନ୍ସପେକ୍ଟର ମୁତୟନ ହେବେ। ସେହିପରି ସିଂହଦ୍ୱାର ନିକଟରେ କାଉଁରିଆ କାଠି ଜାଳି ବଡ଼ବଡ଼ିଆ ଡାକିବା ପାଇଁ ୪ଟି ସ୍ଥାନ ନିରୂପଣ କରାଯାଇଛି। ଆସନ୍ତାକାଲି ଓ ମଙ୍ଗଳବାର ଦୁଇ ଦିନ ପାଇଁ ବ୍ୟବସ୍ଥା କରାଯାଇଛି। ଭୋର ୪ଟାରୁ ରାତି ୧୦ଟା ଯାଏଁ ଟ୍ରାଫିକ୍ କଟକଣା ଲାଗୁ ହେବ ବୋଲି ସୂଚନା ମିଳିଥିବା ବେଳେ ମାର୍କେଟ ଛକଠାରୁ ନୋ ଭେହିକିଲ ଜୋନ୍ ଘୋଷଣା କରାଯାଇଛି।

## କଟକରେ ବି ୨ ଘଣ୍ଟା ବାଣଫୁଟା

● କଡ଼ାକଡ଼ି ହେବ ପାଟ୍ରୋଲିଂ

କଟକ,୧୯।୧୦(ସଂଚାର ବ୍ୟୁରୋ): ରାତି ପାହିଲେ ଆଲୋକର ପର୍ବ ଦୀପାବଳି। ଭୁବନେଶ୍ୱର ଭଳି କଟକରେ ବି ୨ ଘଣ୍ଟା ଫୁଟିବ ବାଣ। ସନ୍ଧ୍ୟା ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ସହରବାସୀଙ୍କୁ ଅନୁମତି ଦେଇଛନ୍ତି କଟକ ଡିସିପି। ଗଳିକନ୍ଦିରେ ପୁଲିସ ପେଟ୍ରୋଲିଂ ଚାଲିବ। ନିୟମ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ କମିଶନରେଟ୍ ପୁଲିସ। ବାଣ ଫୁଟାଇବା ସମୟରେ ଛୋଟ ପିଲାମାନଙ୍କ ପାଖରେ ଅଭିଭାବକ ଉପସ୍ଥିତ ରହିବା ଉଚିତ। ସବୁଜ ବାଣ ବ୍ୟବହାର କରି ଦୀପାବଳୀ ପାଳନ କରିବାକୁ କହିଛନ୍ତି ଡିସିପି। କାଳୀପୂଜା ଥିବାରୁ ପୂଜା ମଣ୍ଡପ ଓ ସମ୍ବେଦନଶୀଳ ସ୍ଥାନରେ ରହିବେ ପୁଲିସ। କଡ଼ା ନଜର ରଖିବ ପୁଲିସ, ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଚେତାବନୀ ଦେଇଛନ୍ତି।

## ବାଦ୍ ପଡ଼ିବେ ବାର୍ଷିକ ୧୮ ହଜାର ବୃତ୍ତି ପାଉଥିବା 'ସୁଭଦ୍ରା'

ଦୁଇ ବିଭାଗକୁ ରିପୋର୍ଟ ତଲବ୍

ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରଙ୍କ ଫ୍ଲାଗ୍‌ଶିପ୍ ଯୋଜନା 'ସୁଭଦ୍ରା' ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେଉଥିବା ବେଳେ ଏବେ ଏହି ଯୋଜନାରେ ନୂଆ ଅପଡେଟ୍ ଆସିଛି। ଅର୍ଥାତ୍ ଅଦ୍ୟାବଧି ଏହି ଯୋଜନାରେ ସାମିଲ୍ ହୋଇଥିବା କୌଣସି ଛାତ୍ରୀ କି ମହିଳା ଯଦି ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ



ଛାତ୍ରବୃତ୍ତି ପାଉଥିବେ, ତା'ହେଲେ ସେମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ଏନେଇ ଆଜି ଦୁଇଟି ବିଭାଗକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚିଠି ଲେଖାଯିବା ସହ ରିପୋର୍ଟ ତଲବ୍ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଓ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ବିଭାଗ ପକ୍ଷରୁ ଚିଠି ପଠାଯାଇଛି। 'ସୁଭଦ୍ରା' ନିୟମାବଳୀ ଅନୁସାରେ, ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବା ସକାଶେ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେ କ୍ଷେତ୍ରରେ ସମ୍ପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏ ସଂକ୍ରାନ୍ତରେ ବିଭାଗ ନିକଟରେ ଅନେକ ଅଭିଯୋଗ ପହଞ୍ଚିଛି। ଛାତ୍ରୀମାନଙ୍କୁ ଯେଉଁ ବୃତ୍ତି ରାଶି ପ୍ରଦାନ କରାଯାଉଛି, ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି। ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଇଛନ୍ତି, ସେ ସଂକ୍ରାନ୍ତ ସମସ୍ତ ତଥ୍ୟ ପ୍ରଦାନ କରିବା ସକାଶେ ବିଭାଗ ପକ୍ଷରୁ କୁହାଯାଇଛି।

# ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ନିଅନ୍ତୁ

ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଦେଶର ମାଓ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଦିନକୁ ଦିନ ଲାଲ୍‌ଗଡ଼ ଦୁର୍ବଳ ହେଉଥିବା ବେଳେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ମାଓମୁକ୍ତ ଭାରତ ଗଠନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଆହ୍ୱାନ ଦେଇଛନ୍ତି। ବିଶେଷକରି ଛତିଶଗଡ଼ରେ ଏହି ମାଓବାଦୀମାନଙ୍କର ପ୍ରାଦୁର୍ଭାବ ଯଥେଷ୍ଟ ଅଧିକ ଥିଲେ ହେଁ ଏବେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଯିବା ଭଳି ଅବସ୍ଥା ହୋଇଛି। ଏହି କ୍ରମରେ ଓଡ଼ିଶାର ମାଓ ପ୍ରଭାବିତ ଅଞ୍ଚଳକୁ ମଧ୍ୟ ସେମାନଙ୍କ କବଳରୁ ମୁକ୍ତ କରିବା ସକାଶେ ପୁଲିସ୍ ପ୍ରଶାସନ ଅଣ୍ଟା ଭିଡ଼ିଛି। ଏଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଅଗ୍ରାଧିକାର ଦିଆଯାଇଛି। ସେଥିପାଇଁ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଓଡ଼ିଶା ପୁଲିସ ପକ୍ଷରୁ ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେଥିସକାଶେ ବିଭିନ୍ନ ସ୍ଥାନରେ ପୋଷ୍ଟରମାନ ଲଗାଯାଇଛି। ମାଓବାଦୀମାନଙ୍କ ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କ ପରିଚୟକୁ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ସେହିପରି ମାଓବାଦୀମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତକୁ ଫେରିଲେ ସେମାନଙ୍କୁ ଅଢ଼େ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ସହ ବିବାହ ପାଇଁ ୨୫ ହଜାର ଟଙ୍କା, ବାସୋପଯୋଗୀ ଜମି ବାବଦରେ ୨୫ ହଜାର, ଗୃହ ନିର୍ମାଣ ପାଇଁ ୪୫ ହଜାର, ଅସ୍ତ୍ରସସ୍ତ୍ର ସହ ଆତ୍ମସମର୍ପଣ କଲେ ଅଧିକ ୩୫ ହଜାର, ରୋଜଗାରକ୍ଷମ କରିବା ପାଇଁ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ସହ ୩ ବର୍ଷ ଧନ୍ଦାମୂଳକ ତାଲିମ, ପାଠ ପଢ଼ିବା ପାଇଁ ୩ ହଜାର ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଏଥିସହ ସେମାନଙ୍କ ବିରୋଧରେ ଥିବା ଛୋଟ ଅପରାଧିକ ମାମଲାକୁ ମଧ୍ୟ ପ୍ରତ୍ୟାହାର କରିନିଆଯିବ ଓ ସେମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

ଏ ସଂକ୍ରାନ୍ତ ପୋଷ୍ଟର କଲ୍ୟାଣସିଂହପୁର ପଞ୍ଚାୟତ ସମିତି ପାଚେରୀ, ସମିତି ଓ ତହସିଲଦାର କାର୍ଯ୍ୟାଳୟ ଫାଟକରେ ଲଗାଯାଇଛି। ଉକ୍ତ ପୋଷ୍ଟରଗୁଡ଼ିକରେ ହିନ୍ଦୀ, ଓଡ଼ିଆ ଓ ଆଦିବାସୀ ଭାଷାର ବ୍ୟବହାର କରାଯାଇଛି। ଏଥିରେ ମଧ୍ୟ କେଉଁ ମାଓ ନେତାକୁ ଧରାଇଦେଲେ କେତେ ଟଙ୍କାର ପୁରସ୍କାର ମିଳିବ, ତା' ବି ଉଲ୍ଲେଖ ରହିଛି। କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଓଇକେଙ୍କୁ ଧରାଇଲେ ସର୍ବାଧିକ ୧ କୋଟି, ସ୍ପେଶାଲ ଜୋନାଲ କମିଟିର ୫ ଜଣ ସଦସ୍ୟ ସୁଦର୍ଶନ ଓରଫ ବିକାଶ, ନିଖିଲ ଓରଫ ଶିବାଜୀ, ଅଙ୍କିତା ଓରଫ ଇନ୍ଦୁ, ଶୁକୁ ଓରଫ କ୍ରିଷ୍ଣା, ନିତୁକୁ ଧରାଇଦେଲେ ୫୦ ଲକ୍ଷ ଲେଖାଏଁ, ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଳା ଓରଫ ନାଗମଣୀ, ଅନ୍ୱେଷା ଓରଫ ରେଣୁ, ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ, ନକୁଲ ଓରଫ ଚନ୍ଦ୍ରାକୁ ଧରାଇଦେଲେ ୨୦ ଲକ୍ଷ ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି। ପୋଷ୍ଟର୍‌ଗୁଡ଼ିକରେ ସୂଚନା ପ୍ରଦାନ ସକାଶେ ନିର୍ଦ୍ଦିଷ୍ଟ ମୋବାଇଲ୍ ନମ୍ବର ମଧ୍ୟ ଦିଆଯାଇଛି। ସୂଚନାଯୋଗ୍ୟ ଯେ ନିକଟରେ ବୌଦ୍ଧ ଜିଲ୍ଲାର କନ୍ଧମାଳ, ବାଉଁଶୁଣୀ, ମନମୁଣ୍ଡା ଆଦି ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର ମିଳିବ ବୋଲି ଉଲ୍ଲେଖ ଥିବା କେତେକ ପୋଷ୍ଟର୍ ସ୍ଥାନୀୟ ପୁଲିସ୍ ପକ୍ଷରୁ ଲଗାଯାଇଥିଲା।

### ପୋଷ୍ଟର ମାରିଲା ଓଡ଼ିଶା ପୁଲିସ



## ହାଇ ଆଲର୍ଟରେ କ୍ୟାପିଟାଲ ହସ୍ପିଟାଲ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ରାତି ପାହିଲେ ଆଲୋକ ପର୍ବ ଦୀପାବଳି। ଏହାକୁ ନେଇ ଆଲର୍ଟରେ ରହିଛି କ୍ୟାପିଟାଲ ହସ୍ପିଟାଲ। ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ବିଜ୍ଞପ୍ତି ଜାରି ହୋଇଛି। ଦୀପାବଳିକୁ ନଜରରେ ରଖି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଏକ ଡାକ୍ତରୀ ଦଳ ଗଠନ କରାଯାଇଛି। କାଜୁଆଲିଟିଠାରୁ ଆରମ୍ଭ କରି ଡ୍ରେସିଂ ରୁମ୍ ପର୍ଯ୍ୟନ୍ତ ଅଧିକ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରାଯିବ। ସ୍ୱତନ୍ତ୍ର ଭାବେ ବର୍ନ, ଅର୍ଥୋ, ଚକ୍ଷୁ ଓ ଭେଷଜ ବିଶେଷଜ୍ଞଙ୍କୁ ନିୟୋଜିତ ହେବେ। ସେହିପରି କାଜୁଆଲିଟି ବାହାରେ ଅଧିକ ସଂଖ୍ୟାରେ ଷ୍ଟ୍ରେଚର ଓ ହ୍ୱିଲଚେୟାରର ବ୍ୟବସ୍ଥା କରାଯାଇଛି। ଯଦି ଅଧିକ ପୋଡ଼ାଜଳା ରୋଗୀ ଆସନ୍ତି, ତା'ହେଲେ ସେମାନଙ୍କୁ ବର୍ନ

● ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପ୍ରସ୍ତୁତ

● ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ପରାମର୍ଶ

ୟୁନିଟ୍‌କୁ ପଠାଯିବ। ସେଠାରେ ପ୍ରାଥମିକ ପର୍ଯ୍ୟାୟରେ ଅଧିକ ୪ଟି ଶଯ୍ୟା ରହିଛି ବୋଲି ଅଧୀକ୍ଷକ ଡାକ୍ତର ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ସେହିପରି ଜନସାଧାରଣଙ୍କୁ ସୁରକ୍ଷିତ ଓ ନିରାପଦ ଭାବେ ବାଣ ଫୁଟେଇବା ପାଇଁ ନିବେଦନ କରାଯାଇଛି। ବାଣ ଫୁଟାଇବା ସମୟରେ ଆଖିରେ ଚଷମା ପିନ୍ଧି, ପାଖରେ ପାଣି ରଖି ସତର୍କତାର ସହ ପାଳିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିସହ ଗ୍ରୀନ ବାଣ ବ୍ୟବହାର କରିବା ସକାଶେ ମଧ୍ୟ ଡାକ୍ତର ଦାସ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଲୋକର ପର୍ବ ଦୀପାବଳୀକୁ ଆନନ୍ଦ ଓ ପରମ୍ପରା ସହ ପାଳନ କରନ୍ତୁ। ବିଶେଷକରି ବାଣ ଫୁଟାଇବା ସମୟରେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରନ୍ତୁ। ବାଣ ଫୁଟାଇବା ସମୟରେ ପିଲାଙ୍କ ପାଖରେ ଅଭିଭାବକମାନେ ଉପସ୍ଥିତ ରହିବା ଜରୁରୀ। ପାଖରେ ଅଧିକ ପରିମାଣରେ ପାଣି ମହଜୁଦ ରଖିବା ସହ ସୂତା ବସ୍ତ୍ର ପିନ୍ଧିବା ଉପରେ ଗୁରୁତ୍ୱ ଦେବା ଉଚିତ। କୌଣସି ଅଘଟଣ ହେଲେ ତୁରନ୍ତ ହସ୍ପିଟାଲରେ ପହଞ୍ଚିବା ଦରକାର। ତେବେ ସବୁଠାରୁ ବଡ଼ କଥା ହେଲା ପରିବେଶ ସୁରକ୍ଷା ସହ ଶବ୍ଦ ପ୍ରଦୂଷଣରୁ ଦୂରେଇ ରହି ଆଲୋକର ପର୍ବ ପାଳନ କରିବା ସକାଶେ ଡାକ୍ତର ଦାସ କହିଛନ୍ତି।

# ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ଶୋଭାଯାତ୍ରା

## ଆଜି ଦାଖଲ କରିବେ ନାମାଙ୍କନପତ୍ର



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମର୍ଥନରେ ଆଜି ନୂଆପଡ଼ା ଶିବମନ୍ଦିରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ୧୫ ହଜାରରୁ ଅଧିକ ସମର୍ଥକ, ଦଳୀୟ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ନେତା ଅଂଶଗ୍ରହଣ କରିଥିଲେ। ଏହି ଜନସମାବେଶ ମାଧ୍ୟମରେ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲ ପୂର୍ବରୁ ଆଜି ସ୍ନେହାଙ୍ଗିନୀ ତାଙ୍କ ଦମ୍ ଦେଖାଇବାକୁ ଉଦ୍ୟମ କରିଛନ୍ତି। ସମର୍ଥକମାନେ ଶ୍ରୀମତୀ ଛୁରିଆଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ କରିବା ସହ ଦିବଂଗତ ରାଜେନ୍ଦ୍ର ଢୋଲକିଆଙ୍କ ଅମର ସେବାକୁ ମନେ ପକାଇଥିଲେ। ନୂଆପଡ଼ାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ସଡ଼କ କ୍ଷେତ୍ରରେ ହୋଇଥିବା ବିକାଶକୁ ଲୋକେ ମନେ ରଖିଛନ୍ତି ଓ ସେମାନେ ଏହାକୁ ଆଗାମୀ ଉପନିର୍ବାଚନରେ ଫଳବତୀ କରିବେ ବୋଲି ସମର୍ଥକ ଆଶା କରିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ସଭାରେ ବରିଷ୍ଠନେତା ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଉପସ୍ଥିତ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସେମାନଙ୍କ ଅଭିଭାଷଣରେ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। 'ଡବଲ୍ ଇଞ୍ଜିନର ଅର୍ଥ ଡବଲ ବିକାଶ ନୁହେଁ, ବରଂ ଡବଲ ବିନାଶ' ବୋଲି ସେମାନେ ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ, ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବିଜେଡିର ତୁଙ୍ଗ ନେତା ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ଅରୁଣ ସାହୁ, ନିରଞ୍ଜନ ପୁଜାରୀ, ଅତନୁ ସବ୍ୟସାଚୀ ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡ଼େଇ, ସାରଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୂଆପଡ଼ାବାସୀ ବିଜେଡି ସହ ଅଛନ୍ତି ଓ ସେମାନଙ୍କ ଆଶୀର୍ବାଦରେ ଶ୍ରୀମତୀ ଛୁରିଆ ବିଜୟୀ ହେବେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ବୈତରଣୀ ସୁରକ୍ଷା ଲାଗି ବାଲି ସତ୍ୟାଗ୍ରହ

## ଆନନ୍ଦପୁର ରାଜଘାଟଠାରେ ଅଭିନବ ପ୍ରତିବାଦ

ଆନନ୍ଦପୁର,୧୯।୧୦(ସଂଚାର ବ୍ୟୁରୋ): ନଦୀ କୂଳରେ ହିଁ କେଉଁ କାଳରୁ ଜନବସତି ରହିଆସିଛି। ନଦୀ ମରିଗଲେ ସଭ୍ୟତା ଆପେ ଆପେ ମରିଯାଏ। ନଦୀକୁ ସ୍ୱଚ୍ଛ, ସୁରକ୍ଷିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ନଦୀର ବାଲି ହିଁ ନଦୀର ଜୀବନ। ବାଲି ସରିଗଲେ ନଦୀ ଆପଣା ଛାଏଁ ମୃତ୍ୟୁମୁଖରେ ପଡ଼େ ବୋଲି ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଆଜି ଆନନ୍ଦପୁର ରାଜଘାଟଠାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଶ୍ରୀ ସାହୁଙ୍କ ନେତୃତ୍ୱରେ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ହୋଇଛି। କେନ୍ଦୁଝର ଜିଲ୍ଲାରେ ବିଶେଷକରି ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ବେଧଡ଼କ ଭାବେ ଚାଲିଛି। କିନ୍ତୁ ଏଥିରେ ଅଙ୍କୁଶ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ବରଂ ଏ ଦିଗରେ ପ୍ରଶାସନର କୌଣସି ଆନ୍ତରିକତା ନଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ବୈତରଣୀ ତଥା ଅନ୍ୟାନ୍ୟ ନଦୀ ଓ ନାଳର ସୁରକ୍ଷା ପାଇଁ ଏହି ବାଲି ସତ୍ୟାଗ୍ରହ ହୋଇଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



● ଦୀପାବଳିରେ ପ୍ରଥମ ଥର ଓଡ଼ିଶା ପାଳିବ ଗାଁ ଦିବସ

# ୨୧ରୁ ୨୩ ପର୍ଯ୍ୟନ୍ତ 'କଳାକ୍ଷେତ୍ର'ର କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): 'ଆମେ ପାଳିବା ଗାଁ ଦିବସ ଦୀପାବଳିରେ ଏହି ବର୍ଷ, ଆମେ ପାଳିବା ଗାଁ ଦିବସ ଦୀପାବଳିରେ ସବୁ ବର୍ଷ'। ଗାଁକୁ ଯିବା, ଗାଁକୁ ଭଲ ପାଇବା ସ୍ଲୋଗାନ ସହ ଭାଇଚାରାର ବାର୍ତ୍ତା ନେଇ ଦୀପାବଳିରେ ଗାଁ ଦିବସ ପାଳିବାକୁ ଓଡ଼ିଶାର ବିଭିନ୍ନ ଗାଁକୁ ଯାଉଛି କଳାକ୍ଷେତ୍ର ଅନୁଷ୍ଠାନ। ଗତକାଲି ଅପରାହ୍ଣରେ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ପ୍ରତିଷ୍ଠାତା ତଥା ଆବାହକ ବାସୁଦେବ ମାଳବିଶୋଇ। ସେ କହିଛନ୍ତି ଯେ ଆଜି ସମସ୍ତେ ଗାଁ ଛାଡି ସହରମୁହାଁ ହେଉଥିବା ବେଳେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କଳାକ୍ଷେତ୍ର ନିଷ୍ପତ୍ତି ନେଇଛି ଓଡ଼ିଶାର ୩୦ ଜିଲ୍ଲା, ୧୦୦ ବ୍ଲକ୍, ୩୦୦ ଗ୍ରାମରେ ଗାଁ ଦିବସ ପାଳନ ହେବ ଏବଂ ୩୦ ହଜାର ଗାଁକୁ ଏ ଦିବସ ପାଳନର ବାର୍ତ୍ତା ଯିବ। ଆମ ଦେଶରେ ବିଭିନ୍ନ ଦିବସକୁ ମିଶାଇ ପ୍ରାୟ ୪୦୦ଟି ଦିବସ ପାଳନ ହେଉଛି। ଆମ ଦେଶ ଓ ରାଜ୍ୟରେ ଏତେ ଗାଁ ଥାଇ ବି ଗାଁ ଦିବସ ନାହିଁ। ତେଣୁ କଳାକ୍ଷେତ୍ର ୩ ଦିନ ଧରି ଅକ୍ଟୋବର ୨୧ରୁ ୨୩ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହ ଗାଁ ଗାଁରେ ଉତ୍ସବ ପାଳନ ହେବ। ସମସ୍ତଙ୍କୁ ମା', ମାଟି ଓ ମାତୃଭୂମିମନସ୍କ କରାଇବା ସହ ଗ୍ରାମ୍ୟ ସଂସ୍କୃତିକୁ ପୁନର୍ଜୀବିତ କରିବା ପାଇଁ ଏଥିରେ ସରକାର, ପ୍ରଶାସନଠୁ ନେଇ ସାଧାରଣ ଲୋକ, କଳାକାର, ସାହିତ୍ୟିକ, ସଂସ୍କୃତିପ୍ରେମୀ ସମସ୍ତେ ଯୋଗଦେବେ। ଗାଁର ଗାଁର ଲୋକକଳା, ପାରମ୍ପରିକ ଖାଦ୍ୟ, ପାନୀୟ, ବେଶପୋଷାକଠୁ ନେଇ ବିଭିନ୍ନ ପ୍ରତିଯୋଗିତା ତଥା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାକୁ ନେଇ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ବୋଲି ଶ୍ରୀ ମାଳବିଶୋଇ କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ କଳାକ୍ଷେତ୍ରର ଉପସଭାପତି ନିହାରିକା ପଟ୍ଟନାୟକ, ସଦସ୍ୟା ପଦ୍ମାବତୀ ଖେମୁଣ୍ଡ, ଚିତ୍ରା ମିଶ୍ର, ସଦସ୍ୟ ପଞ୍ଚାନନ ପ୍ରଧାନ, ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନର ସଭାପତି ରହିଛନ୍ତି ଗାଁ ଗାଁରେ 'ଛୋଟ ମୋର ଗାଁ' ପାଇଁ ପରିଚିତ ପ୍ରତିଷ୍ଠିତ ଅଭିନେତା ଅଶ୍ରୁମୋଚନ ମହାନ୍ତି।

# ରାଜରାସ୍ତାରେ ଏସ୍ଏସ୍‌ବି ଅଧ୍ୟାପକ ସଂଘର ବିକ୍ଷୋଭ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଡିଗ୍ରୀ କଲେଜର ଅଧ୍ୟାପକ ହୋଇଥିଲେ ମଧ୍ୟ ଆଦର୍ଶ ବିଦ୍ୟାଳୟର ସ୍କୁଲ ଶିକ୍ଷକଙ୍କଠାରୁ ବି କମ ଦରମା ପାଉଛନ୍ତି। ଏବେ ସେମାନେ ପିଜିଟି ହାରର ଦରମା ପାଉଥିଲେ ହେଁ ଏହା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ। ତେଣୁ ଦରମା ବୃଦ୍ଧି ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଜି ଲୋୟର ପିଏମଜିଠାରେ ରାଜ୍ୟ ଷ୍ଟେଟ ସିଲେକ୍ସନ ବୋର୍ଡ (ଏସ୍ଏସ୍‌ବି) ଅଧ୍ୟାପକ-ଅଧ୍ୟାପିକାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ଏସ୍ଏସ୍‌ବି ସଂଘ 'ଓସଲା' ପକ୍ଷରୁ ଆହୂତ ଏହି ବିକ୍ଷୋଭ ପ୍ରଦର୍ଶନରେ ୧ ହଜାରରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ ଅଧ୍ୟାପିକା ସରକାରୀ ପ୍ରତିପକ୍ଷଙ୍କ ଭଳି ସମାନ କାର୍ଯ୍ୟକୁ ସମାନ ଦରମା ଓ ସରକାରୀ ମାନ୍ୟତା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ଏସ୍ଏସ୍‌ବି ଅଧ୍ୟାପକ-ଅଧ୍ୟାପିକାମାନେ ସେମାନଙ୍କ ଗ୍ରେଡ ପେ'କୁ ୪୬୦୦ରୁ ୬୦୦୦କୁ ସଂଶୋଧନ କରିବା ସହ ପିଛିଲା ଭାବେ ୨୦୧୬ରୁ ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି ରଖିଥିଲେ।

ସମାନ କାର୍ଯ୍ୟ ପାଇଁ ସମାନ ଦରମା ଆଧାରରେ ଗ୍ରେଡ ପେ' ସଂଶୋଧନ ଦାବି କରି ଅନେକ ଅଧ୍ୟାପକ-ଅଧ୍ୟାପିକା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ସମୟରେ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନର ପ୍ରତିଶ୍ରୁତି ଦେଇଥିବା ବିଜେପି ଏବେ କ୍ଷମତାକୁ ଆସିଥିବାରୁ ଦାବି ପୂରଣ ନେଇ ଓସଲା ଆଶାବାଦୀ ରହିଛି। ଏସ୍ଏସ୍‌ବି ଦ୍ୱାରା ଚୟନ ହୋଇଥିବା ଅଧ୍ୟାପକଙ୍କ ମଧ୍ୟରୁ ଅନେକ ପିଏଚଡି, ଏମଫିଲ ଡିଗ୍ରୀଧାରୀ ହୋଇଥିବାବେଳେ ନେଟ୍ ଏବଂ ଜେଆରଏଫ ଭଳି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ମାତ୍ର ସେମାନଙ୍କୁ ଅଧ୍ୟାପକର ମାନ୍ୟତା କି ସେହି ଆଧାରରେ ଦରମା ମିଳୁନାହିଁ। ତେଣୁ ଏସ୍ଏସ୍‌ବି ଅଧ୍ୟାପକଙ୍କୁ ୬୦୦୦ ଗ୍ରେଡ ପେ'ରେ ଦରମା ପ୍ରଦାନ ସହ ଏଚଆରଏ, ସରକାରୀ ମାନ୍ୟତା ପ୍ରଦାନ, ଅବସରକାଳୀନ ସୁବିଧା ଗ୍ରାଚ୍ୟୁଇଟି ବୃଦ୍ଧି, ଓଡ଼ିଶା ଏଜୁକେସନ ଆକ୍ଟ ୧୯୬୪, ଧାରା ୭ସିରେ ସଂଶୋଧନ, ମହିଳା ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି, ଧାର୍ଯ୍ୟ ସମୟରେ ପଦୋନ୍ନତି, ଆସିଷ୍ଟାଣ୍ଟ ପ୍ରଫେସରର ମାନ୍ୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଓସାଲ ଉପସଭାପତି ମାନସ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଗୌରବ ଶର୍ମା, ଯୁଗ୍ମ ସମ୍ପାଦିକା ତୁଳସୀ ରାଉତ ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।

# ଗାଈ, ବୁଲା କୁକୁର ରାଜଧାନୀରେ ଚିନ୍ତାର କାରଣ



ଭୁବନେଶ୍ୱର,୧୯।୧୦: ରାଜ୍ୟ ରାଜଧାନୀ ଏବେ ବୁଲା ଗାଈ ଓ କୁକୁରଙ୍କ ଆଶ୍ରୟସ୍ଥଳୀ। ସରକାରୀ ଗଣନାରୁ ସହରରେ ୪୭ ହଜାରରୁ ଅଧିକ ବୁଲା କୁକୁର ଥିବା ଜଣାପଡିଥିବାବେଳେ ରାସ୍ତାରେ ବୁଲୁଥିବା ୧୮୦୦ ବୁଲା ଗାଈଗୋରୁଙ୍କୁ ବିଏମ୍‌ସି ଧରିବାରେ ସଫଳ ହୋଇଛି। ରାଜଧାନୀର ଏବେ ବିଭିନ୍ନ ସ୍ଥାନରେ ମାଳ ମାଳ ବୁଲା କୁକୁରଙ୍କ ସହ ଗାଈଗୋରୁଙ୍କ ଉପସ୍ଥିତି। ସହରରେ କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନେ ମଣିଷଙ୍କୁ ଗୋଡାଇ କାମୁଡିବାକୁ ପଛାଉନାହାନ୍ତି। ବିଶେଷକରି ଯେବେଠାରୁ ବିଏମ୍‌ସି ଘରକୁ ଘର ବୁଲି ବଳକା ଖାଦ୍ୟ ସଂଗ୍ରହ କରିବାପରେ ଖାଇବାକୁ ନପାଇ ବୁଲା କୁକୁରମାନେ ହିଂସ୍ରହୋଇ ଉଠୁଛନ୍ତି। ଏମାନେ ଭୋକ ଦାଉରେ ପଥଚାରୀଙ୍କ ସହିତ ଦୁଇ ଚକିଆ ଆରୋହୀଙ୍କୁ କାମୁଡି ଗୋଡାଇବା ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବୁଲା କୁକୁରଙ୍କ ମଳତ୍ୟାଗ ଯୋଗୁଁ ସହରସାରା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବାବେଳେ ବହୁ ସ୍ଥାନରେ କୁକୁରଭୁକାରେ ଲୋକେ ରାତିରେ ଶାନ୍ତିରେ ଶୋଇପାରୁ ନାହାନ୍ତି।

ଗତ କିଛି ବର୍ଷ ଧରି କୁକୁର ବନ୍ଧ୍ୟାକରଣ ସଂକ୍ରାନ୍ତରେ ବାରମ୍ବାର ଘୋଷଣା କରାଯାଉଥିବାବେଳେ ତାହା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି। ସହରସାରା ଯୁଆଡେ ଦେଖିବ ମାଳ ମାଳ କୁକୁର। ସଚିବାଳୟ ଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଆଡେ ବୁଲା କୁକୁରଙ୍କ ରାଜୁତି। କୁକୁରଙ୍କ ଭଳି ବୁଲା ଗାଈଗୋରୁ ମଧ୍ୟ ଉଭୟ ସରକାର ଓ ସହରବାସିନ୍ଦାଙ୍କୁ ନାକେଦମ କରୁଛନ୍ତି। ସହର ଭିତରେ ଥିବା ମାଳ ମାଳ ଗୋପାଳକ ସେମାନଙ୍କ ଗାଈଗୋରୁଙ୍କୁ ନିର୍ବିଘ୍ନରେ ରାସ୍ତା ଉପରକୁ ଛାଡି ଦେଉଛନ୍ତି। ଏହି ଗାଈଗୋରୁମାନେ ରାସ୍ତା ଅବରୋଧ କରିବା ସହିତ ଲୋକଙ୍କୁ ବି ଆକ୍ରମଣ କରୁଛନ୍ତି। ଗାଈଗୋରୁଙ୍କ ଆକ୍ରମଣରେ ଲୋକେ ଆହତ ହେବା ସହ ଗାଡିମୋଟର ଜଖମ ହେବାରେ ଲାଗିଛି। ତେବେ ବିଏମ୍‌ସି ପକ୍ଷରୁ ଗାଈ ଧରିବା ପାଇଁ ଦୁଇଟି ଯାନ ଓ କର୍ମଚାରୀ ନିୟୋଜିତ ହୋଇଥିବାବେଳେ ଏ ବାବଦରେ ସରକାରୀ ତହବିଲରୁ ଅର୍ଥଶ୍ରାଦ୍ଧ ହେଉଛି। ଇତି ମଧ୍ୟରେ ବିଏମସିର ଏହି ଗାଈଧରା ଗାଡି ୧୮୦୦ ବୁଲା ଗୋରୁଙ୍କୁ ଧରି ସହରରେ ଥିବା ଗୋଶାଳାଗୁଡିକରେ ରଖିଛନ୍ତି। ଗୋଶାଳାରେ ବି ଏମାନଙ୍କ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି।

ତେବେ ଯେଉଁମାନେ ରାଜଧାନୀର ରାସ୍ତା ଉପରକୁ ନିଜ ନିଜ ଗାଈଗୋରୁଙ୍କୁ ଛାଡୁଥିବା ଲୋକଙ୍କ ବିରୁଦ୍ଧରେ କିନ୍ତୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ସହର ଭିତରେ ହେଉ କିମ୍ବା ସହରତଳି ଅଞ୍ଚଳରେ ହେଉ ମାଳ ମାଳ ଗାଈଗୋରୁ ରାସ୍ତା ଉପରେ ବୁଲୁଛନ୍ତି। କେତେକ ଗୋପାଳକ କ୍ଷୀର ଦୁହିଁ ସାରିବାପରେ ଗାଈମାନଙ୍କୁ ଖୁଆଇ ରାସ୍ତା ଉପରୁ ଛାଡି ଦେଉଛନ୍ତି। କୁକୁର ବଂଶ ବୃଦ୍ଧିକୁ ନିୟନ୍ତ୍ରଣ କରିବାପାଇଁ ବିଏମ୍‌ସି ପକ୍ଷରୁ ଏବେ କୁକୁର ଗଣନାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସହର ମଧ୍ୟରେ ଥିବା ଗୋପାଳକମାନଙ୍କୁ ସ୍ଥାନାନ୍ତର ପାଇଁ କିନ୍ତୁ ସେଭଳି କୌଣସି ଯୋଜନା କରୁନାହିଁ। ବିଭିନ୍ନ ୟୁନିଟ୍‌ରେ ଜନବସତି ମଧ୍ୟରେ ଗଢି ଉଠିଥିବା ଗୁହାଳ ଯୋଗୁଁ କେବଳ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉନାହିଁ ସହରରେ ମଶା ବଂଶ ବୃଦ୍ଧିର ମଧ୍ୟ ଏହା ଅନ୍ୟତମ କାରଣ ପାଲଟିଛି। ଏଥି ସହିତ ଏଭଳି ବ୍ୟବସାୟ ସହର ଭିତରେ ଜମି ଜବରଦଖଲକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ସହର ଭିତରୁ ଗାଈ ଧରିବାପାଇଁ ବିଏମ୍‌ସି ଓ ଗୋପାଳଙ୍କ ଲୁଚକାଳି ଖେଳ ଯୋଗୁଁ କିଛି ଗାଈଧରା କର୍ମଚାରୀଙ୍କ ପକେଟ ଗରମ ହେଉଥିବାବେଳେ ରାସ୍ତାରୁ କିନ୍ତୁ ଗାଈଗୋରୁ ହଟୁନଥିବା ସାଧାରଣରେ ଆଲୋଚନା ହେଉଛି। (ତଥ୍ୟ)

# ଏନ୍-୩ ବିଡିଏ ପାର୍କର ନବମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ଆଜି ନୟାପଲ୍ଲୀ ଯୋଗ ଜିଲ୍ଲାର ଏନ୍-୩ ବିଡିଏ ପାର୍କର ନବମ ବାର୍ଷିକ ଉତ୍ସବ ଯୋଗାଭ୍ୟାସ ସହ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ସହ ନିଆରା ଢଙ୍ଗରେ ପାଳିତ ହୋଇଛି। ଫୁଲ ଗଛ ଚାରା ରୋପଣ ସହ ଉତ୍ସବ ଉଦଘାଟିତ ହୋଇଥିବା ବେଳେ ଅତିଥିମାନଙ୍କୁ ଫୁଲତୋଡ଼ା ବଦଳରେ ଚାରାଗଛ ପ୍ରଦାନ କରାଯାଇଥିଲା। ଅଶ୍ୱତ୍ଥ ଗଛର ପତ୍ରରେ ନିମନ୍ତ୍ରଣ ପତ୍ର ଲେଖାଯାଇଥିବା ବେଳେ ଅତିଥିମାନଙ୍କୁ ଦେବଦାରୁ ପତ୍ରରେ ତିଆରି ବ୍ୟାଚ ପିନ୍ଧାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ମୁଖ୍ୟ ସୁରେଶ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧି ଯୋଗ ଜିଲ୍ଲାର ଜିଲ୍ଲା ପ୍ରଧାନ ହୃଷୀକେଶ ନନ୍ଦ, ଜିଲ୍ଲା ମନ୍ତ୍ରୀ କେଦାରନାଥ ପାଢ଼ୀ, ନୟାପଲ୍ଲୀ ଯୋଗ ଜିଲ୍ଲାର ଜିଲ୍ଲା ପ୍ରଧାନ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲା ମନ୍ତ୍ରୀ ଜ୍ୟୋତିର୍ମୟ ରଥ ଓ ଜିଲ୍ଲା ସଂଗଠନ ମନ୍ତ୍ରୀ ଜୟଶ୍ରୀ ପଣ୍ଡା ଓ ଜିଲ୍ଲାର ଶତାଧିକ ସାଧକସାଧିକା ମଧ୍ୟ ଯୋଗଦେଇଥିଲେ। କ୍ଷେତ୍ର ମନ୍ତ୍ରୀ ପୁଷ୍ପିତା ପଣ୍ଡା ଓ କେନ୍ଦ୍ର ପ୍ରମୁଖ ପୁଷ୍ପିତା ଦାସ ଏବଂ ଅନ୍ୟ ସାଧିକାମାନେ ଯୋଗାଭ୍ୟାସ କରାଇଥିଲେ। ଶୁଭ୍ରସିମା ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଯୌନ ନିର୍ଯାତନା ଅଭିଯୋଗରେ ବାବା ଗିରଫ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଆଶ୍ରମରେ ବାବାଙ୍କ ବିରୋଧରେ ହୋଇଛି ଯୌନ ନିର୍ଯାତନା ଅଭିଯୋଗ। ଜଣୈକା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ମହିମା ବାବା ଅମର ଦାସଙ୍କୁ ଗିରଫ କରାଯାଇଛି। ନନ୍ଦନକାନନ ଥାନା କେନ୍ଦୁପାଟଣା ଦାଢ଼ରେ ଏପରି ଏକ ଅଘଟଣ ଘଟିଛି। ପୂଜା ପାଇଁ ଯାଇଥିବା ବେଳେ ଉକ୍ତ ନାବାଳିକାଙ୍କୁ ବାବା ଅସଦାଚରଣ କରିବା ଅଭିଯୋଗ ହୋଇଛି। ପକ୍‌ସୋ ମାମଲା ରୁଜୁ କରି ବାବାଙ୍କୁ ଗିରଫ କରିଛି ନନ୍ଦନକାନନ ଥାନା ପୁଲିସ। ମିଳିଥିବା ସୂଚନାନୁଯାୟୀ, ବାବା ଜଣଙ୍କ ପୂଜା ପାଠ ଜରିଆରେ ଲୋକଙ୍କ ଅସୁବିଧା ଦୂର କରୁଥିବା ନେଇ ଦାବି କରୁଥିଲେ। ଫଳରେ ଜଣେ ନାବାଳିକା କୌଣସି କାରଣ ପାଇଁ ଆଶ୍ରମକୁ ପୂଜା କରିବା ପାଇଁ ଯାଇଥିଲେ। ତେବେ ପୂଜା ଆଳରେ ବାବା କାରନାମା ଦେଖାଇଥିଲେ। ଉକ୍ତ ନାବାଳିକାଙ୍କୁ ଯୌନ ନିର୍ଯାତନା ପାଇଁ ସେ ଉଦ୍ୟମ କରିଥିଲେ। ଏନେଇ ପରିବାର ଲୋକେ ପୁଲିସରେ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ୍ ତାକୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# ଦିଲ୍ଲୀର ବାୟୁ ପ୍ରଦୂଷଣ

ଦିଲ୍ଲୀ, ଭାରତର ରାଜଧାନୀ, ପ୍ରତିବର୍ଷ ଶରତ ଋତୁରେ ଏକ ବିଷାକ୍ତ ଧୂଆଁମୟ ସହରରେ ପରିଣତ ହୋଇଯାଏ। ଅକ୍ଟୋବର ୧୯, ୨୦୨୫ରେ, ଦୀପାବଳିର କିଛି ଦିନ ପୂର୍ବରୁ, ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଅତ୍ୟନ୍ତ ଖରାପ'ରୁ 'ଗୁରୁତର' ଶ୍ରେଣୀରେ ପହଞ୍ଚିଛି। ଆନନ୍ଦ ବିହାର ଭଳି ଅଞ୍ଚଳରେ ଏକ୍ୟୁଆଇ ୫୨୧ରେ ପହଞ୍ଚିବା ସହ ବିପଦଜନକ ସ୍ତରରେ ରହିଛି, ଯେଉଁଠାରେ ପ୍ରଧାନ ପ୍ରଦୂଷକ ପିଏମ୍୧୦ ଏବଂ ପିଏମ୍୨.୫ ଅତ୍ୟଧିକ। ଅନ୍ୟ ଅଞ୍ଚଳରେ ଏକ୍ୟୁଆଇ ୨୩୧ରୁ ୨୮୪ ମଧ୍ୟରେ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଏହି ପରିସ୍ଥିତି କେବଳ ଏକ ସାମୟିକ ସମସ୍ୟା ନୁହେଁ, ବରଂ ଏକ ଦୀର୍ଘକାଳୀନ ସଙ୍କଟ ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି।

ଦୀପାବଳି ପୂର୍ବରୁ ବାୟୁ ପ୍ରଦୂଷଣର ମୂଳ କାରଣଗୁଡ଼ିକ ବିବିଧ। ପଞ୍ଜାବ ଏବଂ ହରିୟାଣାରେ ଧାନ ଫସଲ ପରେ ପରାଳି ଜାଳିବା ଏକ ପ୍ରମୁଖ କାରଣ। ଏହି ଧୂଆଁ ଉତ୍ତର ଭାରତରେ ବ୍ୟାପିଯାଏ ଏବଂ ଦିଲ୍ଲୀରେ ଘନ କୁହୁଡ଼ି ସୃଷ୍ଟି କରେ। ଏହା ସହିତ ଯାନବାହନର ନିର୍ଗମନ, ନିର୍ମାଣ କାର୍ଯ୍ୟରୁ ଧୂଳି ଏବଂ ଶିଳ୍ପ ପ୍ରଦୂଷଣ ମିଶି ପରିସ୍ଥିତିକୁ ଆହୁରି ଖରାପ କରେ। ଦୀପାବଳିରେ ବାଣ ଫୁଟାଇବା ଏହି ସମସ୍ୟାକୁ ଚରମ ସୀମାରେ ପହଞ୍ଚାଏ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ପଟାକାରୁ ନିର୍ଗତ ବିଷାକ୍ତ ରସାୟନିକ ପଦାର୍ଥ ଯେପରିକି ସଲ୍ଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ଭାରୀ ଧାତୁ ଏକ୍ୟୁଆଇକୁ ୪୦୦ରୁ ଉର୍ଦ୍ଧ୍ୱରେ ନେଇଯାଇପାରେ, ଯାହା 'ଗୁରୁତର' ଶ୍ରେଣୀରେ ପଡ଼ିବ। ଏହା କେବଳ ବାୟୁକୁ ପ୍ରଦୂଷିତ କରେ ନାହିଁ, ବରଂ ଶବ୍ଦ ପ୍ରଦୂଷଣ ଏବଂ ଅଗ୍ନିକାଣ୍ଡର ବିପଦ ବଢ଼ାଏ। ଏହି ପ୍ରଦୂଷଣର ସ୍ୱାସ୍ଥ୍ୟଗତ ପ୍ରଭାବ ଭୟଙ୍କର। ବର୍ତ୍ତମାନର ସ୍ତରରେ ପ୍ରତିଦିନର ଶ୍ୱାସକ୍ରିୟା ଛଅରୁ ସାତଟି ସିଗାରେଟ୍ ପିଇବା



ସହ ସମାନ। ଶିଶୁମାନେ, ବୃଦ୍ଧବୃଦ୍ଧା ଏବଂ ଆସ୍ଥମା, ହୃଦ୍‌ରୋଗ ଏବଂ ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଏହା ଶ୍ୱାସକ୍ରିୟା ସମସ୍ୟା, ହୃଦ୍‌ରୋଗ ଆକ୍ରମଣ, କର୍କଟ ଏବଂ ଅକାଳ ମୃତ୍ୟୁର ବିପଦ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଭାରତରେ ବାର୍ଷିକ ଲକ୍ଷାଧିକ ଲୋକ ବାୟୁ ପ୍ରଦୂଷଣ ଯୋଗୁଁ ମୃତ୍ୟୁବରଣ କରନ୍ତି। ଆର୍ଥିକ ଦୃଷ୍ଟିରୁ, ଏହା ଉତ୍ପାଦନଶୀଳତା ହ୍ରାସ କରେ ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚ ବଢ଼ାଏ, ଯାହା ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରେ। ପରିବେଶଗତ ଦୃଷ୍ଟିରୁ, ଏହା ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରେ ଏବଂ ଜୈବବିବିଧତାକୁ ହାନି ପହଞ୍ଚାଏ।

ସରକାର ଏହି ସଙ୍କଟର ମୁକାବିଲା ପାଇଁ କିଛି ପଦକ୍ଷେପ ନେଇଛନ୍ତି। ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ୍ ପ୍ଲାନ୍ (ଜିଆର୍‌ଏପି) ଅନୁଯାୟୀ, ପ୍ରଦୂଷଣ ସ୍ତର ବଢ଼ିଲେ ନିର୍ମାଣ କାର୍ଯ୍ୟ ନିଷିଦ୍ଧ, ଡିଜେଲ୍ ଜେନେରେଟର୍ ବନ୍ଦ ଏବଂ ପରାଳି ଜାଳିବା ଉପରେ ଜରିମାନା ଲଗାଯାଏ। ଦିଲ୍ଲୀରେ ବାଣ ବିକ୍ରୟ ଏବଂ ବ୍ୟବହାର ଉପରେ ପୂର୍ଣ୍ଣ ନିଷେଧାଜ୍ଞା ଜାରି ହୋଇଛି, କିନ୍ତୁ କାର୍ଯ୍ୟକାରିତା ଦୁର୍ବଳ। କୃଷକମାନଙ୍କୁ ପରାଳି ପରିଚାଳନା ପାଇଁ ସହାୟତା ପ୍ରଦାନ ଏବଂ ସାର୍ବଜନୀନ ପରିବହନକୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଆବଶ୍ୟକ। ତଥାପି, ଏହି ଉପାୟଗୁଡ଼ିକର ସଫଳତା ସାର୍ବଜନୀନ ସହଯୋଗ ଉପରେ ନିର୍ଭର କରେ।

ଦୀପାବଳି ଆଲୋକର ପର୍ବ, କିନ୍ତୁ ଏହାକୁ ବିଷାକ୍ତ କରିବା ଆମର ଦାୟିତ୍ୱ ନୁହେଁ। ଆମେ ସମସ୍ତେ ସବୁଜ ଦୀପାବଳି ପାଳନ କରିବା ଆବଶ୍ୟକ – ଦୀପ ଜଳାଇବା, ମିଠା ବାଣ୍ଟିବା ଏବଂ ବାଣ ଫୁଟେଇବାରୁ ଦୂରେଇ ରହିବା। ସରକାରଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଏବଂ ନାଗରିକମାନଙ୍କୁ ସଚେତନ କରିବାକୁ ଆହ୍ୱାନ। ଯଦି ଆମେ ଏବେ କାର୍ଯ୍ୟ ନକରିବା, ତେବେ ଦିଲ୍ଲୀର ଭବିଷ୍ୟତ ଆହୁରି ଅନ୍ଧକାରମୟ ହେବ। ଏହା କେବଳ ଏକ ସହରର ସମସ୍ୟା ନୁହେଁ, ବରଂ ସମଗ୍ର ଦେଶର ସ୍ୱାସ୍ଥ୍ୟ ଏବଂ ପରିବେଶର ପ୍ରଶ୍ନ। ଆସନ୍ତୁ, ଆମେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ଦୀପାବଳି ପାଇଁ ପ୍ରତିଜ୍ଞା କରିବା।

# ଦୀପାବଳି



କାଳୀ ଦାସ

ଅମାବାସ୍ୟାର ଅନ୍ଧକାରକୁ ଦୂର କରିବା ପାଇଁ ସହ ସହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ। ଭାରତର ପ୍ରତ୍ୟେକ ପର୍ବ ଆଧ୍ୟାତ୍ମିକ ଚେତନା, ମାନବିକ ମୂଲ୍ୟବୋଧକୁ କେନ୍ଦ୍ର କରି ହୋଇଥାଏ। ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ। ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ। କୁହାଯାଏ ପ୍ରଥମେ ଦୀପାବଳି ଅଯୋଧ୍ୟାରେ ପାଳନ କରାଯାଇଥିଲା। ପ୍ରଭୁ ଶ୍ରୀ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଛୋଟ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତାକୁ ନେଇ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପରେ ଘର ସଜାଇ ଥିଲେ। ସେଠାରୁ ଏହି ପରମ୍ପରା ଚାଲିଛି। କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବାକୁ ମିଳିଥାଏ। ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ। ଜ୍ଞାନ ଓ ବୈରାଗ୍ୟର ପର୍ବ। ଲୋକମାନେ ଦୀପାବଳିର ସ୍ୱାଗତ ହୃଦୟର ସହିତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ। ଫୁଲ ମାଳ ଘରେ ଘରେ ଲାଗିଥାଏ। ଉତ୍ତରଭାରତରେ ଦୀପାବଳିର ମହତ୍ୱ ଅଲଗା ରହିଛି। ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତରସ ତ୍ରୟୋଦଶୀ ତିଥିକୁ କୁହାଯାଏ। ଏହି ଦିନ ଧନ୍ୱନ୍ତରଙ୍କ ଜନ୍ମ ହୋଇଥିଲା। ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱାନ୍ତ୍ରୀଙ୍କ ଜନ୍ମକୁ ଧନତରସ କୁହାଯାଇଥାଏ। ଏହି ଦିନ ଲୋକ ମାନେ ସୁନା, ରୁପା ଓ ବାସନ ପତ୍ର କିଣିଥାନ୍ତି ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି। ତା ପରଦିନକୁ ଛୋଟ ଦୀପାବଳି ବୋଲି କୁହାଯାଏ। ଘରେ ଘରେ ଦୀପ ଲାଗିବା ଆରମ୍ଭ ହୋଇଯାଇଥାଏ। ତାପର ଦିନକୁ କୁହାଯାଏ ଦୀପାବଳି। ଏହି ଦିନ ଉତ୍ତରଭାରତ ରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି। ଓଡିଶା ରେ ଏବଂ ପଶ୍ଚିମବଙ୍ଗ ରେ କାଳୀପୂଜା ମେଢ ହୋଇଥାଏ। ଦୀପାବଳି ପରଦିନକୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ। ଏହି ଦିନ ଭଗବାନ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ କାଣୀ ଆଙ୍ଗୁଠିରେ ଉଠାଇଥିଲେ ଏବଂ ବୃନ୍ଦାବନରେ ବସାବାସ କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପରୁ ବଞ୍ଚାଇଥିଲେ। ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇଠାରୁ ଉପହାର ପାଇଥାନ୍ତି। ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକ ଭାଇଦୁଜ। ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ। ବିଶ୍ୱାସ ଏହି ଯେ ପିତୃ ପକ୍ଷ ବା ଉପର ପକ୍ଷରେ ପିତୃ ମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଆଲୋକ ଦେଖା ଯାଇଥାଏ। ଏହାପରଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ। ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ। ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ କୁ ଦର୍ଶାଇଥାଏ। ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନି ପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ ହୋଇଥାଏ। ଧ୍ୱନିପ୍ରଦୂ୍ୟଷଣ କେବଳ ମଣିଷର ସାମସ୍ୟା ନୁହେ ବରଂ ଏହା ଜୀବ ଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ। ବାୟୁପ୍ରଦୂ୍ୟଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା।ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି।ଦିଲ୍ଲୀ ବର୍ତ୍ତମାନ ପ୍ରଦୂ୍ୟଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ବ୍ୟାନ କରିଛନ୍ତି। ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳରେ ରାସାୟାନିକ ପ୍ରତିକ୍ରିୟା ଦେଖିବାକୁ ମିଳେ ଯାହା ଦ୍ୱାରା ଧୂଆଁ ଭାରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ, କାର୍ବନ ମୋନୋକ୍ସାଇଡ ଏବଂ ନାଇଟ୍ରୋଜନ ଗ୍ୟାସ ସୃଷ୍ଟି ହୋଇଥାଏ।ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ବଢିଥାଏ।ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦୂ୍ୟଷଣ ବାୟୁମଣ୍ଡଳରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତ ରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ। ଧ୍ୱନିପ୍ରଦୂ୍ୟଷଣ ବଧିର କରିଦେଇଥାଏ। ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି। ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହିସବୁ ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା। ଦୀପ ଲଗାଇବାର ପରମ୍ପରାରେ କିଛି କାରଣ ମଧ୍ୟ ରହିଛି। ଆମର ସମସ୍ତ ପର୍ବ ପର୍ବାଣି ବା ଉତ୍ସବ ଆମ ଜୀବନ ରେ ଆନନ୍ଦ ଆଣିଥାନ୍ତି।ଭାରତୀୟ ସଂସ୍କୃତି ରେ ସମସ୍ତ ପର୍ବ ପର୍ବାଣି ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ।ସମସ୍ତ ନକାରାତ୍ମକ ବିଚାର ଧାରା ଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ।।

**ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,**
**ମୋବାଇଲ୍: ୭୨୦୫୧୦୦୮୩୯**

# ମା' କାଳୀ: କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି





ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସନାତନ ହିନ୍ଦୁ ଧର୍ମର ପ୍ରମୁଖ ଦେବୀ ହେଉଛନ୍ତି ମା'କାଳୀ। ସେ ହେଉଛନ୍ତି ଶକ୍ତି ସ୍ୱରୂପିଣୀ ମା'ଦୁର୍ଗାଙ୍କ ଭୟଙ୍କର ସ୍ୱରୂପ। ଅସୁରଙ୍କ ବିନାଶ ଉଦ୍ଦେଶ୍ୟରେ ତାଙ୍କର ଉତ୍ପତ୍ତି ହୋଇଥିଲା। ସମଗ୍ର ଭାରତବର୍ଷରେ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ପଶ୍ଚିମବଙ୍ଗ ଏବଂ ଆସାମରେ ମା'ଙ୍କ ପୂଜା ପ୍ରବଳ ଉତ୍ସାହ ଏବଂ ଭକ୍ତିଭାବରେ ଆୟୋଜିତ ହୋଇଥାଏ। ମା'କାଳୀଙ୍କ ବ୍ୟୁତ୍ପତ୍ତି କାଳ ଅଥବା ସମୟ ସହ ହୋଇଛି। କାଳୀ ସମସ୍ତ ଦୁଷ୍ଟ ଶକ୍ତିକୁ ଗ୍ରାସ କରି ନିଅନ୍ତି। ସେ ହେଉଛନ୍ତି, ଦେବୀ ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ ଅନ୍ୟତମ। ଭଗବତୀ ମାତା କାଳୀ ପରମାତ୍ମାଙ୍କ ପରାଶକ୍ତି ଭଗବତୀ ନିରାକାର ହୋଇ ମଧ ପ୍ରତ୍ୟେକ ଯୁଗରେ ଦେବତା ତଥା ସାଧୁସନ୍ଥଙ୍କ ରକ୍ଷା ନିମନ୍ତେ ଅବତାର ଗ୍ରହଣ କରି ଆସିଛନ୍ତି। ତାଙ୍କ ଶରୀର ତାଙ୍କ ଇଚ୍ଛାର ବୈଭବ ବୋଲି କୁହାଯାଏ। ସେ ମହାମାୟା। ତାଙ୍କ ମାୟାର ଗୂଢ଼ ରହସ୍ୟ ଭେଦ କରିବା ଅସମ୍ଭବ। ସମଗ୍ର ବିଶ୍ୱର ସୃଜନ, ପାଳନ ଏବଂ ବିନାଶ ତାଙ୍କରି ହସ୍ତରେ ନିହିତ ରହିଛି। ମା'ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ କାଳୀ ହେଉଛନ୍ତି ପ୍ରଥମା ଶକ୍ତି। ତାଙ୍କର ଅନେକ ରୂପ ରହିଛି। ଯେମିତିକି ମହାକାଳୀ, ଶ୍ମଶାନ କାଳୀ, ଗୃହ୍ୟକାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି। ଏହି ଶକ୍ତିସ୍ୱରୂପିଣୀ ମା'ଙ୍କ ଆରାଧନା କରୁଥିବା ଭକ୍ତର ଅଶେଷ କଲ୍ୟାଣ ସାଧିତ ହୋଇଥାଏ।

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦ। ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା। ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ। ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା। ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ। ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- "କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି"। ଏଇ କାଳୀ କିଏ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ। ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା। ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ। ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ଡୁବି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ। କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା। ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତ୍ତମ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି। କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ। ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି। କ'ଣ ଗୁଣିତ ହୁଏ। ମା'ଙ୍କର ସତ୍ତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତ୍ତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ। ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ। ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ। ଏହି ଶକ୍ତି ହେଲା ଜୀବନୀ ଶକ୍ତି। ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡ଼େ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ। ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି। ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା। ଏହା ହେଉଛି ମା'କାଳୀଙ୍କର ଏକ ରୂପ। ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ। ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ। ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା। ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା। ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ। ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା। ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି। ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ। ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତ୍ତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା'।

ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା। ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...'।

**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଭାରତୀୟ ସଂସ୍କୃତିରେ ଦୀପାବଳି



ଡକ୍ଟର ଲକ୍ଷ୍ମଣ ସାହୁ

ଦୀପାବଳି ଏକ ଭାରତୀୟ ପର୍ବ। ଏହାକୁ ଆଲୋକର ପର୍ବ ଭାବରେ ପାଳନ କରାଯାଏ। ଏହି ପର୍ବ କାର୍ତ୍ତିକ ଅମାବାସ୍ୟାରେ ପ୍ରାୟ ପ୍ରତ୍ୟେକ ଯାକଯମକରେ ପାଳନ ପାଳନ କରିଥାନ୍ତି। ହିନ୍ଦୁମାନଙ୍କ ପାଇଁ ଏହା ଏକ ମୁଖ୍ୟ ପର୍ବ , ଯାହା ପ୍ରତ୍ୟେକ ଘରେ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଘରେ ଘରେ ସେଦିନ ଦୀପ ଜଳେ, ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ବାଣ ଫୁଟାଯାଏ। ପୟାଶ୍ରାଦ୍ଧ ଦିଆଯାଏ। ପିଠାପଣା ହୁଏ। ଦୀପାବଳୀ ଉତ୍ସବ ପାଳନ ବିଷୟରେ ନାନାପ୍ରକାର ଶାସ୍ତ୍ର ପୁରାଣ ଓ ଲୋକକଥା ଶୁଣାଯାଏ। ଏହି ଦୀପାବଳୀ ଅମାବାସ୍ୟାକୁ ଲୋକୋକ୍ତିରେ ପୟାଅମାବାସ୍ୟା ମଧ କହନ୍ତି। ଋକ୍ ବେଦରୁ ସୂଚନା ମିଳେ ଯେ ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡ଼ି ରହିଥିଲା। କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା। ତେଣୁ ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ କରାଯାଏ। ସେଭଳି ପୁରାଣ ତଥ୍ୟାନୁସାରେ ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଆନନ୍ଦରେ ସଂପୂର୍ଣ୍ଣ ଅଯୋଧ୍ୟା ନଗରୀକୁ ବିଭିନ୍ନ ପ୍ରକାର ଆଲୋକମାଳାରେ ଜଳେଇଥିଲେ। ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି। ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହିଦିନ ଟିକୁ ବହୁ ଯାକଜମକରେ ପାଳନ କରନ୍ତି। 'ଉତ୍ସବ ତତ୍ତ୍ୱାଭିଧାନ' ଅନୁଯାୟୀ ଏକଦା କାର୍ତ୍ତିକ(ତୁଳା)ମାସ- ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ। ସତର୍କତାପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜଳଆଲୋକ ପ୍ରଜ୍ଜଳନ କରାଯାଇଥିଲା। ଯାହା ଫଳରେ କାଳସର୍ପ ଦଂଶନର ଚକ୍ରାନ୍ତ ପଣ୍ଡହୋଇଥିଲା।

ଦୈତ୍ୟରାଜ ବଳି ମହାଦାନୀ ଥିଲେ। ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା, ହୁଏତ ତାଙ୍କର ପୂଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି। ଏଣୁ ଦେବତାମାନଙ୍କ କଥା ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ଦାନ ସ୍ୱରୂପ ମାଗିଥିଲେ। ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଓ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ। ତେଣୁ ସେ ପାତାଳ ପୁରକୁ ଚାଲିଗଲେ। ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ। ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ। ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି। ପୁରାଣରେ ଅଛି ଭଗବାନ ବିଷ୍ଣୁ ଭକ୍ତପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଯାଚିବାରୁ ସେ ବିନୀତଭାବେ ପ୍ରତ୍ୟାଖାନ କରିବାରୁ, ତାଙ୍କର ନାତି ବଳୀରାଜାଙ୍କୁ ଏହିଦିନ 'ଇନ୍ଦ୍ରପଦ' ପ୍ରଦାନ କରିଥିଲେ। ତେଣୁ ଦାନବଗଣ ଦୀପଜଳାଇ, ବାଣ, ଆତସବାଜି ଫୁଟାଇ ଉତ୍ସବ ପାଳିଥିଲେ। ସେଭଳି ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରକୁ କୃଷ୍ଣ ଚତୁର୍ଦ୍ଦଶୀ ଦିନ ବଧ କରିଥିଲେ ତେଣୁ ଖୁସିରେ ଆଲୋକର ଉତ୍ସବ ପାଳିତ ହେଇଥିଲା। ଏହି ଦିନକୁ ନରକ ଚତୁର୍ଦ୍ଦଶୀ କୁହଯାଏ। ଏ ଦିନ ସୂର୍ଯ୍ୟୋଦୟ କାଳରେ ସମସ୍ତ ଶରୀରରେ ସୁଗନ୍ଧ ତୈଳ ଲଗାଇ ଗାଧୋଇବାର ପ୍ରଥା ଅଛି। ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠିସହସ୍ର ରାଜକନ୍ୟାଙ୍କୁ ଉଦ୍ଧାରକଲା ପରେ ଇନ୍ଦ୍ରମାତାଙ୍କୁ ନରକାଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ। ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ



ସମସ୍ତଦେବତା ବାଧାଦେବାରୁ ଏକାକି ସବୁଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହିଦିବସରେ ଦ୍ୱାରକା ଫେରିଥିଲେ। ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ରନଗରୀକୁ ଦୀପମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

ଇତିହାସରୁ ଜଣାଯାଏ ମୋଗଲ ଯୁଗର ପ୍ରସିଦ୍ଧଐତିହାସିକ ଆବୁଲ୍ ଫଜୀଲ ତାଙ୍କର ଆଇନ ଆକବରୀରେ ମୋଗଲ ଶାସନକାଳୀନ ବଣିକ, ଆଲୋକ ଜ୍ୱଳନ୍ତ ଓ ଅକ୍ଷକ୍ରୀଡା ନାମକ ଦୀପାବଳି ଆଧାରିତ ମନୋଜ୍ଞ ଉପକଥାର ଉଲ୍ଲେଖ କରିଛନ୍ତି। ଆଲବରୁଣୀରେ ମୋଗଲ ସମ୍ରାଟଙ୍କ ଲମ୍ବା ବାଉଁଶ ପୋତି ତା'ର ଅଗରେ ଶିକାରେ ଆକାଶପ୍ରଦୀପ ଜାଳିବାକଥା ବରୋଦା ସଂଗ୍ରହାଳୟରେ ଥିବା ପ୍ରାଚୀନ ଆକାଶପ୍ରଦୀପ ଅତୀତରେ ଦୀପାବଳି ଉତ୍ସବ କରାଯାଉଥିବାର ପ୍ରମାଣ ଅଛି। ଚାଣକ୍ୟ ଓ ଚୋଳବଂଶକାଳୀନ ପରମ୍ପରାରେ ଦୀପାବଳିପାଳନ ଉତ୍ସବ କନୌଜବଂଶୀୟ ରାଜା ହର୍ଷବର୍ଦ୍ଧନଙ୍କ କାଳଜୟୀ ଅମରକୃତି ନାଟକ ନାଗାନନ୍ଦରୁ ସ୍ପଷ୍ଟ ହୁଏ। ଗୁପ୍ତବଂଶୀୟ ସମ୍ରାଟ ଦ୍ୱିତୀୟଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ, ପବିତ୍ର ଦୀପାବଳି ତିଥିରେ ସିଂହାସନ ଆରୋହଣ କରିଥିବାରୁ ତା'ର ସ୍ମାରକୀ ରୂପେ ଦୀପାବଳି ଦିନଠାରୁ ଗୁପ୍ତାବ୍ଦର ପ୍ରଚଳନ ହୋଇଥିଲା।

ବିଭିନ୍ନ ସମ୍ପ୍ରଦାୟରେ ଧାର୍ମିକ ବିଶ୍ୱାସ ଓ ଦୀପାବଳି ପାଳନ ରହିଛି। ଜୈନ ଅନୁଗାମୀମାନଙ୍କ ପାଇଁ ଏହା ୫୨୭ରେ ମହାବୀର ଙ୍କର ମୋକ୍ଷ ବା ନିର୍ବାଣ ପ୍ରାପ୍ତିର ଦିନ ଭାବରେ ପାଳନ କରାଯାଇଥାଏ। ଜୈନଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହିଦିବସକୁ ପାଳନ କରିବା କାହାଣୀ ରହିଛି। ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ହୋଇଥିଲେ। ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କିଏ ଆଉ ଜ୍ଞାନାଲୋକ ଦେବ, ଏହା ହିଁ ସେମାନେ ଚିନ୍ତାକଲେ। ସେମାନେ ସମସ୍ତେ ଏକତ୍ରିତ ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ। ସେହିଦିନରୁ ଦୀପାବଳି ଦିନ ଆଲୋକ ଜଳେବାର ଚାଲିଆସୁଛି। ଏହି ଅବସରରେ ଦୀପ ଜଳାଯାଏ ଓ ମିଷ୍ଟାନ୍ନ ବଣ୍ଟାଯାଏ। ଜୈନ ବ୍ୟବସାୟୀମାନେ ହିସାବଖାତା ସହିତ ମୁଦ୍ରା ପୂଜାକରନ୍ତି। ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ। ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ। ସେମାନେ ଉପବାସ କରନ୍ତି; ଜପତପ କରନ୍ତି। ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ।ଜୈନ ଧର୍ମାବଲମ୍ବୀଙ୍କ ଭଗବାନ ମହାବୀରଙ୍କ ନିର୍ବାଣପ୍ରାପ୍ତି ଦିବସ ଓ ଭଗବାନ ମହାବୀରଙ୍କ ଉତ୍ତରାଧ୍ୟାୟନ ସୂତ୍ର- ଶେଷପ୍ରବଚନ ପାଠର ମହାର୍ଘ୍ୟତିଥି ଭାବେ ଉତ୍ସାହର ସହିତ ଦୀପାବଳି ଉତ୍ସବ ପାଳନ କରାଯାଏ।

ସେଭଳି ଶିଖ ସଂପ୍ରଦାୟରେ ଏକଦଶଦର୍ଶୀ ମୋଗଲ ସମ୍ରାଟ ଔରଙ୍ଗଦେବଙ୍କଦ୍ୱାରା ଶିଖଧର୍ମର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରୀରେ ଆବଦ୍ଧ ଥିଲେ। ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ପ୍ରତିବାଦ ଫଳରେ ପରିଶେଷରେ ତାଙ୍କୁ କାରାମୁକ୍ତ କରାଗଲା। ତାଙ୍କୁ ସ୍ୱାଗତକରିବା ପାଇଁ ସେତେବେଳେ ସ୍ୱର୍ଣ୍ଣମନ୍ଦିରକୁ ଦୀପରେ ସଜାଯାଇଥିଲା। ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହିଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳିଆସୁଛନ୍ତି। ପାରମ୍ପରିକ ଭାବେ ଏହିଦିନରେ ଶିଖମାନେ ଗୋଇନ୍ଦୱାଲ୍ ସାହିବ ଗୁରୁଦ୍ୱାରକୁ ତୀର୍ଥକରି ଯାଆନ୍ତି। ତେଣୁ ଏହିଦିନଟିକୁ ଶିଖମାନଙ୍କ ପାଇଁ ଷଷ୍ଠଧର୍ମଗୁରୁଙ୍କ ସଂସ୍କରଣ ବନ୍ଦୀଛୋଡ଼୍ ଦିବସ ରୂପେ ପାଳନକରାଯାଏ। ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ। ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ମା' କାଳୀଙ୍କ ପୂଜା କରାଯାଏ। କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ ରାତ୍ରିରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ। ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ। ହିନ୍ଦୁ ଦେବୀ ମା' ଶ୍ୟାମାକାଳୀ ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଓ ଦେବୀ ଦୁର୍ଗାଙ୍କର ଶକ୍ତିଶାଳୀ ସ୍ୱରୂପ। କାଳରୂପୀ ଶିବଙ୍କର ଶକ୍ତି କାଳୀ ନାମରେ ସେ ପରିଚିତ। ଚଣ୍ଡାସୁର ବଧ ସମୟରେ ଏହାଙ୍କର ଉତ୍ପତ୍ତି, ଏ ରକ୍ତବୀଜର ରକ୍ତ ପାନ କରିଥିଲେ। ଦକ୍ଷଯଜ୍ଞ ସମୟରେ ସତୀ ଏହି ମୂର୍ତ୍ତି ଧାରଣ କରିଥିଲେ। ମା' କାଳୀ ସ୍ୱରୂପରେ ଭୟଙ୍କର କୃଷ୍ଣକାୟା, ଚତୁର୍ଭୁଜା, ନଗ୍ନା, ଲୋଳଜିହ୍ୱା ଲହକା ଜିଭ, ମୁଣ୍ଡମାଳାଧାରିଣୀ। ତାଙ୍କର ଗୋଟିଏ ହାତ ଛିନ୍ନ-ମସ୍ତକ ,ନରମୁଣ୍ଡ ବା ଖପର ଧାରିଣୀ, ଅନ୍ୟଟି ଖଡ୍ଗ ଖଣ୍ଡାରେ ଶୋଭିତ, ତୃତୀୟଟି ତ୍ରିଶୂଳ ଧାରଣ କରି ପାପୀ ରାକ୍ଷସମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରେ ଓ ଚତୁର୍ଥ ହସ୍ତଟି ଭକ୍ତମାନଙ୍କୁ ଅଭୟ ମୁଦ୍ରାରେ ଆଶ୍ୱାସନା ଓ ଆଶୀର୍ବାଦ ଦେଇଥାଏ। ଭୀଷଣ ଭୟଙ୍କର ରୂପରେ ସେ ଶିବଙ୍କ ଉପରେ ଦଣ୍ଡାୟମାନା। ଥରେ ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ଜଣ ରାକ୍ଷସ ଭୀଷଣ ଶକ୍ତିଶାଳୀ ହୋଇ ଦେବତାମାନଙ୍କୁ ପ୍ରପୀଡ଼ିତ କରି ଭୀତତ୍ରସ୍ତ କରି ଦେଲେ। ଦେବତାମାନେ ମା'ଙ୍କର ସୁରକ୍ଷା ଭିକ୍ଷା କଲେ। ମା' ଦୁର୍ଗା ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଭାବରେ ରାକ୍ଷସଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଲେ କିନ୍ତୁ ରାକ୍ଷସ ଦ୍ୱୟ ତାଙ୍କର ଦୁଇ ସହକାରୀ ଚଣ୍ଡା ଓ ମୁଣ୍ଡାଙ୍କୁ ପଠାଇ ମା'ଙ୍କୁ ଧରି ଆଣିବାକୁ ଆଦେଶ ଦେଲେ। ମା' ତତ୍‌କ୍ଷଣାତ୍ ସେମାନଙ୍କୁ ସଂହାର କରି ଚାମୁଣ୍ଡେଶ୍ୱରୀ ନାମରେ ବିଦିତା ହେଲେ। ଏଥିରେ ବ୍ୟଥିତ ହୋଇ ଶୁମ୍ଭ, ନିଶୁମ୍ଭ ରକ୍ତବୀଜ ନାମକ ଏକ ପରାକ୍ରମୀ ରାକ୍ଷସକୁ ପଠାଇଲେ। ରକ୍ତବୀଜ ପାଇଥିବା ବର ଅନୁଯାୟୀ ତାର ପ୍ରତି ରକ୍ତବିନ୍ଦୁ ଭୂତଳପାତ ହେଲେ ଗୋଟିଏ ରାକ୍ଷସ ପୁଣି ଜନ୍ମ ନେଉଥିଲା। ଏହି ଅନିବାର୍ଯ୍ୟ ଶକ୍ତିକୁ ପରାହତ କରିବା ପାଇଁ ମା' ମହାକାଳୀ ରୂପ ଧାରଣ କରି ରକ୍ତବୀଜର ରକ୍ତବିନ୍ଦୁ ତଳେ ପଡ଼ିବା ପୂର୍ବରୁ ତାକୁ ପିଇ ଦେଉଥିଲେ। ଏହି ପ୍ରକ୍ରିୟାରେ ରକ୍ତବୀଜର ବର କାର୍ଯ୍ୟ କରିପାରିଲା ନାହିଁ। ଶେଷରେ ମା' ତାକୁ ବିନାଶ କରିଦେଲେ। ଏହାପରେ ଦେବୀ ଶୁମ୍ଭ ନିଶୁମ୍ଭକୁ ବଧ କଲେ। କିନ୍ତୁ ଦେବୀଙ୍କର କ୍ରୋଧ ଓ ଶକ୍ତିର ଅବସାନ ଘଟିଲା ନାହିଁ। ମୃତ୍ୟୁର ଭୟଙ୍କର ନୃତ୍ୟରେ ସେ ସବୁକିଛି ଧ୍ୱଂସ କରି ଚାଲିଲେ। ଦେବତାମାନେ ପ୍ରାର୍ଥନା କଲେ ମଧ ମା' ଶାନ୍ତ ହେଲେ ନାହିଁ। ଶେଷରେ ଶିବ ଯୁଦ୍ଧକ୍ଷେତ୍ରରେ ମୃତାହତ ରାକ୍ଷସମାନଙ୍କ ମଧ୍ୟରେ ମା'ଙ୍କର ଜୟଯାତ୍ରା ମାର୍ଗରେ ଶୋଇଗଲେ ଓ ଯେତେବେଳେ ମା'ଙ୍କର ପାଦ ଶିବଙ୍କ ବକ୍ଷାଘାତ କଲା ସେ ଜିଭ କାମୁଡ଼ି ପକାଇ, ସ୍ତମ୍ଭୀଭୂତ ହୋଇ ତତ୍‌କ୍ଷଣାତ୍ ଶାନ୍ତ ହୋଇଗଲେ। ଏହି ରୂପେ ସୃଷ୍ଟି ଧ୍ୱଂସରୁ ରକ୍ଷା ପାଇଥିଲା।

ଏହି ଦୀପାବଳି ଓ ମା'ଙ୍କ ପୂଜା ଅବସରରେ ଓଡ଼ିଶାରେ ଏହି ଦିନ ବଡ଼ବଡୁଆ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳନ୍ତି। କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତି: "ବଡ଼ବଡୁଆ ହୋ / ଅନ୍ଧାରରେ ଆସ ଆଲୁଅରେ ଯା',/ ପୁରୁଷୋତ୍ତମରେ ମହାପ୍ରସାଦ ଖାଇ/ ବାଇଶି ପାବଚ୍ଛେ ଗଡ଼ଗଡାଉ ଥା'। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି। ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି। ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି। ପବିତ୍ର ଦୀପାବଳି ଉତ୍ସବ କେବଳ ଓଡ଼ିଶାରେ ନୁହେଁ କି ଭାରତରେ ନୁହେଁ ନେପାଳ, ଶ୍ରୀଲଙ୍କା, ମିଆଁମାର, ମରିସସ, ଗୁଏନା, ତ୍ରିନିଦାଦ ଓ ଟବାଗୋ, ସୁରିନେମ, ମାଲେସିଆ, ସିଙ୍ଗାପୁର, ଓ ଫିଜିରେ ଏକ ସରକାରୀ ଛୁଟିଦିନ ଭାବରେ ଘୋଷିତ ହେଉଛି...!!!

**ଅଧ୍ୟକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**
**ମୋବାଇଲ୍: ୯୦୪୦୧୫୧୪୭୫**

### ଜେଲେନସ୍କିଙ୍କ କଥାକୁ ଶୁଣିଲେନି ଟ୍ରମ୍ପ

## ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ରୋକଠୋକ୍ ମନାକଲେ



ନୂଆଦିଲ୍ଲୀ,୧୯।୧୦ଃ ରୁଷ-ୟୁକ୍ରେନ ଯୁଦ୍ଧର ଅନ୍ତ ପାଇଁ ଦାବିକଲେ ଜେଲେନସ୍କି। ଜେଲେନ୍ସ୍କି ତାଙ୍କର ପ୍ରମୁଖ ସହଯୋଗୀଙ୍କ ଆଲୋଚନା କରିବାକୁ ହ୍ୱାଇଟ୍ ହାଉସରେ ପହଞ୍ଚିଥିଲେ। ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ଗାଜା ଯୁଦ୍ଧବିରତି ଚୁକ୍ତି ଏବଂ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି ପାଇଁ ଟ୍ରମ୍ପଙ୍କୁ ଧନ୍ୟବାଦ ଦେଇଥିଲେ। ଜେଲେନ୍ସ୍କି ଟ୍ରମ୍ପଙ୍କୁ ଆମେରିକାର ଏକ ଅସ୍ତ୍ରଶସ୍ତ୍ରର ତାଲିକା ମଧ ପ୍ରଦାନ କରିଥିଲେ। ଏଥିରେ ପାଟ୍ରିଅଟ୍ ମିଶାଇଲ, ଟୋମାହକ୍ ମିଶାଇଲ ଏବଂ ଏଫ-୧୬ ଲଢୁଆ ବିମାନ ସାମିଲ ରହିଛି। ତଥାପି ଟ୍ରମ୍ପ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ୟୁକ୍ରେନକୁ ହସ୍ତାନ୍ତର କରିବାକୁ ରାଜି ହୋଇନାହାଁନ୍ତି। ସେ ୟୁକ୍ରେନକୁ ଦୂରଗାମୀ ମିଶାଇଲ ବିକ୍ରୟ କରିବାକୁ ରାଜି ନଥିବା ଟ୍ରମ୍ପ ରୋକଠୋକ କହିଛନ୍ତି। ଟ୍ରମ୍ପଙ୍କୁ ଭେଟିବା ପୂର୍ବରୁ, ଜେଲେନସ୍କି ଆମେରିକୀୟ ପ୍ରତିରକ୍ଷା କମ୍ପାନୀ ରେଥିଅନ୍‌ର ପ୍ରତିନିଧିମାନଙ୍କ ସହିତ ସାକ୍ଷାତ କରିଥିଲେ। ରେଥିଅନ୍ ଟୋମାହକ୍ କ୍ଷେପଣାସ୍ତ୍ର ଏବଂ ପାଟ୍ରିଅଟ୍ ସିଷ୍ଟମ୍ ତିଆରି କରେ, ଯାହା ୟୁକ୍ରେନ୍‌କୁ ଅତ୍ୟନ୍ତ ଆବଶ୍ୟକ। ବୈଠକରେ ୟୁକ୍ରେନୀୟ ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ଆମେରିକା-ୟୁକ୍ରେନ୍ ସହଯୋଗ ଉପରେ ଆଲୋଚନା ହୋଇଥିଲା। ଜେଲେନସ୍କି ଏଫ-୧୬ ଲଢୁଆ ବିମାନ ନିର୍ମାଣ କରୁଥିବା ପ୍ରତିରକ୍ଷା କମ୍ପାନୀ ଲକହିଡ୍ ମାର୍ଟିନ୍‌ର ପ୍ରତିନିଧିମାନଙ୍କ ସହିତ ମଧ ସାକ୍ଷାତ କରିଥିଲେ।

### ଆମେରିକା ଇତିହାସର ସବୁଠାରୁ ବଡ଼ ପ୍ରତିବାଦ

# ଟ୍ରମ୍ପଙ୍କ ବିରୋଧରେ ବିଶାଳ ଆନ୍ଦୋଳନ




ୱାଶିଂଟନ, ୧୯।୧୦ : ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଆମେରିକାର ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ଯାହା ଆମେରିକାର ଇତିହାସର ସବୁଠାରୁ ବଡ଼ ପ୍ରତିବାଦ। ବିଶେଷକରି ଟ୍ରମ୍ପଙ୍କ ଟ୍ରାନ୍ସଜେଣ୍ଡର ବିରୋଧୀ ବୟାନ ଏବଂ ଅନ୍ୟାନ୍ୟ ବିବାଦୀୟ ନିଷ୍ପତ୍ତି ବିରୋଧରେ ୭୦ ଲକ୍ଷରୁ ଅଧିକ ଲୋକ ପ୍ରତିବାଦ କରିଛନ୍ତି।

ସୂଚନାନୁଯାୟୀ, ଟ୍ରମ୍ପଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ପ୍ରତିବାଦରେ ବିଭିନ୍ନ ସାମାଜିକ, ରାଜନୈତିକ ସାମିଲ ହୋଇଥିବା ଜଣାପଡିଛି। ପ୍ରତିବାଦକାରୀମାନେ ଟ୍ରମ୍ପଙ୍କ ଶାସନକୁ ସମାଲୋଚନା କରିବା ସହିତ 'ଆମକୁ ପରିବର୍ତ୍ତନ ଦରକାର' ବୋଲି ସ୍ଲୋଗାନ ଦେଇଥିଲେ। ଏହି ପ୍ରତିବାଦ ବର୍ତ୍ତମାନ ସାରା ଦେଶରେ ବ୍ୟାପକ ବିରୋଧ ସୃଷ୍ଟି କରିଛି। ଏହି ପ୍ରତିବାଦରେ ଗର୍ଭପାତ ଅଧିକାର ଉପରେ କଟକଣା, ଜଳବାୟୁ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖାଯାଇଥିବା ନୀତି ଏବଂ ସାମାଜିକ ଅସମାନତା ବୃଦ୍ଧି ମଧ ସାମିଲ ରହିଛି। ଟ୍ରମ୍ପଙ୍କ ଶାସନରେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଆକ୍ରମଣର ଶିକାର ହେଉଥିବା ପ୍ରତିବାଦକାରୀମାନେ କହିଥିଲେ ଯେ, ପ୍ରଶାସନ ଏହି ପ୍ରତିବାଦଗୁଡ଼ିକୁ 'ରାଜନୈତିକ ଷଡ଼ଯନ୍ତ୍ର' ଏବଂ 'ସାମାଜିକ ଅଶାନ୍ତି ବିସ୍ତାର କରିବାର ପ୍ରୟାସ' ଭାବରେ ପ୍ରସ୍ତୁତ କରାଯାଇଥିଲା। ଯାହାର ନା 'ନୋ କିଙ୍ଗସ୍ ପ୍ରୋଟେଷ୍ଟ' ବୋଲି ନାମ ଦିଆଯାଇଛି। 'ଟ୍ରମ୍ପଙ୍କ ଏକଛତ୍ରବାଦ ଆଉ ସହ୍ୟ କରାଯିବ ନାହିଁ' ବୋଲି ମଧ ସ୍ଲୋଗାନ ଉଠିଛି।

ଅନ୍ୟପଟେ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଉଥିବା ଏହି ଆନ୍ଦୋଳନ ସ୍ପଷ୍ଟ କରିଛି। ଯାହା ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏହି ପ୍ରତିବାଦ ଭବିଷ୍ୟତରେ ଦେଶରେ ବଡ଼ ରାଜନୈତିକ ପରିବର୍ତ୍ତନ ଆଣିପାରେ ବୋଲି ଅନୁମାନ କରାଯାଉଛି।

### ଆରଜେଡି ସହିତ ମତଭେଦ ହେଲା କାଳ

# ବିହାର ମହାମେଣ୍ଟରୁ ଓହରିଲା ଜେଏମ୍‌ଏମ୍



ପାଟନା/ରାଞ୍ଚି,୧୯।୧୦: ବିହାର ବିଧାନସଭା ନିର୍ବାଚନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମହାମେଣ୍ଟକୁ ଏକ ବଡ଼ ଝଟକା ଦେଇଛି। ଆସନ ବଣ୍ଟନକୁ ନେଇ ଆରଜେଡି ସହିତ ମତଭେଦ ପରେ, ଜେଏମଏମ ବିହାରରେ ମେଣ୍ଟ ଭାଙ୍ଗି ଦେଇଛି ଏବଂ ଏକାକୀ ଛଅଟି ଆସନରେ ଲଢ଼ିବ ବୋଲି ଘୋଷଣା କରିଛି। ତଥାପି, ଏହି ଫାଟ କେବଳ ବିହାର ପର୍ଯ୍ୟନ୍ତ ସୀମିତ ନୁହେଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହାର ପ୍ରଭାବ ଝାଡ଼ଖଣ୍ଡରେ କ୍ଷମତାର ମୂଳ ପର୍ଯ୍ୟନ୍ତ ପହଞ୍ଚିଛି। ଫଳରେ ବିହାର ବିଧାନସଭା ନିର୍ବାଚନ ମଧ୍ୟରେ, ବିରୋଧୀ ମହାମେଣ୍ଟ ଏକ ବଡ଼ ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆସନ ବଣ୍ଟନକୁ ନେଇ ମତଭେଦ ପରେ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଆରଜେଡି ସହିତ ମେଣ୍ଟ ଭାଙ୍ଗି ଦେଇଛି ଏବଂ ବିହାରରେ କେବଳ ଛଅଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଘୋଷଣା କରିଛି। ଜେଏମ୍‌ଏମ୍ ଆରଜେଡି ସହିତ ତାର ସମ୍ପର୍କର ସମୀକ୍ଷା ଘୋଷଣା କରି ରାଜନୈତିକ ଝଡ଼ ସୃଷ୍ଟି କରିଛି।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଏବଂ ମୁଖପାତ୍ର ସୁପ୍ରିୟୋ ଭଟ୍ଟାଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିହାରରେ ଆମ ସହିତ ବିଶ୍ୱାସଘାତକତା କରାଯାଇଛି। ଯେତେବେଳେ ଝାଡ଼ଖଣ୍ଡରେ ନିର୍ବାଚନ ହୋଇଥିଲା, ଆମେ ମେଣ୍ଟ ଧର୍ମ ପାଳନ କରିଥିଲୁ ଏବଂ ଆରଜେଡିକୁ ସମ୍ମାନ କରୁଥିଲୁ, କିନ୍ତୁ ଯେତେବେଳେ ଆମର ପାଳି ଆସିଥିଲା, ଆମକୁ ଅଣଦେଖା କରାଯାଇଥିଲା। ସେ କହିଛନ୍ତି, ଆରଜେଡିର ଜିଦ୍ ଯୋଗୁ ବିହାରରେ ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ଚୁକ୍ତି ହୋଇପାରିଲା ନାହିଁ। ଜେଏମଏମ ବିହାର ଜେଏମଏମ ୧୨ଟି ଆସନ ଦାବି କରୁଥିଲା, କିନ୍ତୁ ଆରଜେଡି ମାତ୍ର ୨-୩ ଟି ଆସନ ଦେବାକୁ ରାଜି ଥିଲା। ଫଳସ୍ୱରୂପ, ଜେଏମଏମ ମହାମେଣ୍ଟରୁ ଅଲଗା ହେବାର ଘୋଷଣା କଲା ଏବଂ ଚକାଇ, ଧମଧା, କାଟୋରିଆ, ମଣିହାରୀ, ଜାମୁଇ ଏବଂ ପିରପାଇଣ୍ଟିରେ ପ୍ରାର୍ଥୀ ଦେବ ବୋଲି କହିଛି।

### ଗରିବ ବନ୍ଦୀଙ୍କ ଲାଗି ସୁପ୍ରିମ କୋର୍ଟଙ୍କ ଐତିହାସିକ ନିଷ୍ପତ୍ତି

## ଜାମିନ ପାଇଁ ଅର୍ଥ ନଥିଲେ ମୁକ୍ତି ସୁନିଶ୍ଚିତ କରିବେ ସରକାର



ନୂଆଦିଲ୍ଲୀ ୧୯।୧୦: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାଖାପାଖି ୩ ବର୍ଷ ପୂର୍ବେ ତତ୍କାଳୀନ ସିଜେଆଇଙ୍କ ଆଗରେ ମଞ୍ଚରେ କହିଥିଲେ ଜାମିନ ରାଶି ନ ଦେଇପାରିବା କାରଣରୁ ଗରିବ ଆଦିବାସୀ ଜାମିନ ମିଳିଲେ ବି ଜେଲରୁ ମୁକୁଳି ପାରୁନାହାନ୍ତି। ପରେ ସୁପ୍ରିମକୋର୍ଟ ଏହାର ଅପଡେଟ୍ ନେଇ ମାମଲାର ସ୍ୱତଃ ସଂଜ୍ଞାନ ନେଇଥିଲେ। ଏ ନେଇ ଦେଶରେ ଦୀପାବଳି ଉତ୍ସବ ଅବସରରେ ଏକ ଭଲ ଖବର ଆସୁଛି। ଜେଲରୁ ଗରିବ ବନ୍ଦୀଙ୍କ ମୁକ୍ତି ପାଇଁ ସୁପ୍ରିମକୋର୍ଟ ଏକ ଅନନ୍ୟ ମାନକ ସଞ୍ଚାଳନ ପ୍ରକ୍ରିୟା ପ୍ରସ୍ତୁତ କରିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ଅପରାଧ ଲାଗି ଗିରଫ ହୋଇଥିବା ଓ ମକଦ୍ଦମା ଶୁଣାଣି କାଳରେ ଜେଲରେ ବନ୍ଦୀ କୌଣସି ଗରିବ ବ୍ୟକ୍ତି ଯଦି ଜାମିନ ବାବଦ ଦେୟ ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ସରକାର ତାଙ୍କର ମୁକ୍ତି ସୁନିଶ୍ଚିତ କରିବେ। ସ୍ପଷ୍ଟ ରୂପେ କୁହାଯାଇଛି ଯେ, ସରକାର ଲିଗାଲ ସର୍ଭିସ ଅଥରିଟିଙ୍କ ମାଧ୍ୟମରେ ଜାମିନ ରାଶି ଉପଲବ୍ଧ କରିବେ। ଏହି ନୂଆ ଏସଓପି ସୁପ୍ରିମକୋର୍ଟ ଆମିକସକ୍ୟୁରୀଙ୍କ ପରାମର୍ଶରେ ପ୍ରସ୍ତୁତ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରପତି ଜଷ୍ଟିସ୍ ଏମ.ଏମ. ସୁନ୍ଦରେସ ଓ ଜଷ୍ଟିସ୍ ଏସ.ସି. ଶର୍ମାଙ୍କ ପୀଠ ଏମିକସକ୍ୟୁରୀ, ବରିଷ୍ଠ ଅଧିବକ୍ତା ସିଦ୍ଧାର୍ଥ ଲୁଥରା ଓ ଆଡିସନାଲ ସୋଲିସିଟର ଜେନେରାଲ ଐଶ୍ୱର୍ଯ୍ୟ ଭାଟିଙ୍କ ପରାମର୍ଶକୁ ସାମିଲ କରିଛନ୍ତି। ସୁପ୍ରିମକୋର୍ଟ ଏଥି ପ୍ରତି ସେବେ ଧ୍ୟାନ ଦେଲେ ଯେତେବେଳେ ଜାଣିଲେ ହଜାର ହାଜର ବିଚାରାଧୀନ ବନ୍ଦୀ ଯେଉଁମାନଙ୍କୁ ଜାମିନ ମିଳିଥିଲେ ମଧ୍ୟ ଜେଲରେ ଏଥିପାଇଁ ପଡିଛନ୍ତି ଯେ, ସେମାନେ ଜାମିନ ବାବଦ ରାଶି ପୈଠ କରିପାରୁ ନାହାନ୍ତି।

## ମା' ହେଲେ ପରିଣୀତି




ମୁମ୍ବାଇ,୧୯।୧: ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ରାଜନେତା ରାଘବ ଚଡ଼ାଙ୍କ ଘରେ ପୁଅ ଜନ୍ମ ହୋଇଛି। ରାଘବ ଇନଷ୍ଟାଗ୍ରାମରେ ଏହି ଖୁସି ଖବର ସେୟାର କରି ଲେଖିଛନ୍ତି, 'ମୋ ପୁଅ ଆସିଛି। ଆମ କୋଳ ଓ ହୃଦୟ ଭରି ଗଲା। ପ୍ରଥମେ ଆମେ ଦୁହେଁ ଥିଲୁ, ଏବେ ଆମେ ପୂର୍ଣ୍ଣ ହେଲୁ।' ଏହି ପୋଷ୍ଟକୁ ଅନେକ ଲୋକ ଲାଇକ କରିଛନ୍ତି। ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ହୁମା କୁରେଶୀ ହୃଦୟ ଇମୋଜି ଦେଇ ଶୁଭେଚ୍ଛା ଜଣାଇଛନ୍ତି। କ୍ରିତି ସାନନ ଓ ଭୋଜପୁରୀ ଅଭିନେତ୍ରୀ ମୋନାଲିସା ମଧ୍ୟ ଶୁଭକାମନା ଦେଇଛନ୍ତି। ଚଳିତ ବର୍ଷ ଅଗଷ୍ଟରେ ପରିଣୀତି ଓ ରାଘବ ଇନଷ୍ଟାଗ୍ରାମରେ ଘୋଷଣା କରିଥିଲେ ଯେ, ସେମାନେ ପ୍ରଥମ ସନ୍ତାନର ଅପେକ୍ଷା କରୁଛନ୍ତି। ସେମାନେ ଏକ କେକ୍‌ର ଫଟୋ ସେୟାର କରି ଲେଖିଥିଲେ, 'ଆମର ଛୋଟ ଶିଶୁ ଆସୁଛି। ଆଶୀର୍ବାଦ ଦିଅ।' ପରିଣୀତି ଓ ରାଘବ ୨୦୨୩ ମେ' ମାସରେ ଦିଲ୍ଲୀରେ ବାଗଦାନ କରିଥିଲେ ଓ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରରେ ବିବାହ କରିଥିଲେ। ଅଗଷ୍ଟରେ 'ଦ ଗ୍ରେଟ୍ ଇଣ୍ଡିଆନ କପିଲ ଶୋ'ରେ ରାଘବ ସୂଚନା ଦେଇଥିଲେ ଯେ, ସେମାନେ ଖୁବ୍ ଶୀଘ୍ର ବାପା-ମା' ହେବେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧୭ ମୃତ



ବ୍ରାସିଲିଆ, ୧୯।୧୦ : ବ୍ରାଜିଲରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଉତ୍ତର-ପୂର୍ବ ବ୍ରାଜିଲର ପର୍ନାମ୍ବୁକୋ ରାଜ୍ୟରେ ଏକ ବସ୍ ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି। ବ୍ରାଜିଲର ଫେଡେରାଲ୍ ହାଇୱେ ପୋଲିସର ସୂଚନା ଅନୁଯାୟୀ, ବସ୍ ଡ୍ରାଇଭର ହଠାତ୍ ନିୟନ୍ତ୍ରଣ ହରାଇ ବସିଥିଲେ। ପୋଲିସ କହିଛି ଯେ, ବସଟି ବିପରୀତ ଲେନକୁ ପାରହୋଇ ରାସ୍ତା କଡ଼ରେ ଥିବା ପଥରରେ ପିଟି ହୋଇଗଲା। ଏହାପରେ ଏକ ବାଲିବନ୍ଧରେ ପିଟିହୋଇ ଓଲଟି ପଡ଼ିଲା। ଫେଡେରାଲ୍ ହାଇୱେ ପୋଲିସ କହିଛି ଯେ, ଦୁର୍ଘଟଣାର କାରଣ ତଦନ୍ତ କରାଯାଉଛି। ଏଥିସହ କୁହାଯାଉଛି ଯେ, ବସଟି ୩୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା ଏବଂ ସେମାନଙ୍କ ମଧ୍ୟରୁ ଅଧା ଲୋକଙ୍କ ମୃତ୍ୟୁ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇଛି। ହେଲେ, ମୋଟ ଆହତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ପୋଲିସ କହିଛି ଯେ, ବସ୍ ଡ୍ରାଇଭରଙ୍କୁ ସାମାନ୍ୟ ଆଘାତ ଲାଗିଛି। ତାଙ୍କର ଶ୍ୱାସକ୍ରିୟା ପରୀକ୍ଷା କରାଯାଇଥିଲା, ଯାହା ସ୍ୱାଭାବିକ ହୋଇଥିଲା।

### ଚନ୍ଦ୍ରଯାନ-୨ର ବଡ଼ ସଫଳତା

## ସୂର୍ଯ୍ୟରେ ପ୍ଲାଜମା ବିସ୍ଫୋରଣର ପ୍ରଭାବ ମାପିବାରେ ସଫଳ



ନୂଆଦିଲ୍ଲୀ, ୧୯।୧୦: ଚନ୍ଦ୍ରଯାନ-୨ର ବଡ଼ ସଫଳତା। ନାସା ଲଗାଉଥିଲା ଅନୁମାନ, ହେଲେ ଇସ୍ରୋ ହାତେଇଲା ଠୋସ୍ ପ୍ରମାଣ। ଜହ୍ନ ରାଇଜ ଉପରେ ବଡ଼ ପ୍ରଭାବ ପକାଏ ସୂର୍ଯ୍ୟରେ ବିସ୍ଫୋରଣ। ପ୍ରଥମ ଥର ପାଇଁ ଚନ୍ଦ୍ରର ବାୟୁମଣ୍ଡଳ ଉପରେ କରୋନାଲ୍ ମାସ୍ ଇଜେକ୍ସନ ବା ସୂର୍ଯ୍ୟରେ ଘଟୁଥିବା ପ୍ଲାଜମା ବିସ୍ଫୋରଣର ପ୍ରଭାବ ମାପିବାରେ ସଫଳ ହୋଇଛି ଭାରତ। ଚନ୍ଦ୍ରର କେବଳ ପୃଷ୍ଠଭାଗ ଯାଏଁ ସୀମିତ ଅତି କ୍ଷୀଣ ଓ ପତଳା ବାହ୍ୟ ବାୟୁମଣ୍ଡଳ ରହିଛି, ଯାହାକୁ ଏକ୍ସୋସ୍ଫିଅର କୁହାଯାଏ। ସୂର୍ଯ୍ୟର କରୋନାଲ୍ ମାସ୍ ଇଜେକ୍ସନ ଏହାର ସାମଗ୍ରିକ ଚାପକୁ ବଢାଇ ଦିଏ ବୋଲି ତଥ୍ୟ ସଂଗ୍ରହ କରିଛି ଚନ୍ଦ୍ରଯାନ-୨ର ଚେସ୍-୨ ଯନ୍ତ୍ର। ଚନ୍ଦ୍ରର ଯେଉଁ ପାର୍ଶ୍ୱରେ ଦିନ ହୋଇଥାଏ, ଅର୍ଥାତ୍ ସୂର୍ଯ୍ୟ ଆଡ଼କୁ ଥାଏ, କେବଳ ସେହି ପଟ ଏକ୍ସୋସ୍ଫିଅର ପ୍ରଭାବିତ ହୋଇଥାଏ। ୨୦୨୪ ମେ ୧୦ରେ ଘଟିଥିବା କରୋନାଲ୍ ମାସ୍ ଇଜେକ୍ସନ ବେଳେ ଏହି ପରୀକ୍ଷଣ ହୋଇଥିଲା। ତେବେ ଆଜି ଇସ୍ରୋ ପକ୍ଷରୁ ସୋସିଆଲ ମିଡିଆରେ ଏନେଇ ସୂଚନା ଦିଆଯାଇଛି। ୨୦୧୯ ସେପ୍ଟେମ୍ବରରେ ଚନ୍ଦ୍ରଯାନ-୨ ବିଶ୍ୱର ପ୍ରଥମ ମହାକାଶଯାନ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରି ଇତିହାସ ରଚିଥିଲା।

## ଦୀପ ଜାଳିବାରେ ଅଯଥା ଟଙ୍କା ଖର୍ଚ୍ଚ କରନାହିଁ: ଅଖିଳେଶ

ନୂଆଦିଲ୍ଲୀ,୧୯।୧୦: ଦୀପାବଳିରେ ଦୀପ ଏବଂ ମହମବତୀ ଜଳାଇବା ସମ୍ପର୍କରେ ଅଖିଳେଶ ଯାଦବଙ୍କ ବୟାନକୁ ନେଇ ଆଲୋଚନା ଜୋର ଧରିଛି। ମୁଖତାର ଆବାସ ନକଭି କହିଛନ୍ତି ଯେ, ଦୀପାବଳିରେ ଦୀପ ନ ଜଳାଇବା ବିଷୟରେ ଅଖିଳେଶ ଯାଦବଙ୍କ ବୟାନ ନିନ୍ଦନୀୟ। ଏହି ପର୍ବ ଆନନ୍ଦର ପ୍ରତୀକ ଏବଂ ଭାରତର ସାଂସ୍କୃତିକ ଏବଂ ଧାର୍ମିକ ବିବିଧତାକୁ ପ୍ରତିଫଳିତ କରେ। ଏପରି ବୟାନ ତାଙ୍କର ହତାଶାକୁ ପ୍ରତିଫଳିତ କରେ।

## ପ୍ୟାରିସ୍‌ର ପ୍ରସିଦ୍ଧ ମ୍ୟୁଜିୟମରୁ ଦାମୀ ଅଳଙ୍କାର ଲୁଟ୍



ପ୍ୟାରିସ, ୧୯।୧୦: ଫ୍ରାନ୍ସର ରାଜଧାନୀ ପ୍ୟାରିସ ସ୍ଥିତ ପ୍ରସିଦ୍ଧ ଲୁଭ୍ର ମ୍ୟୁଜିୟମକୁ ରବିବାର ସକାଳେ ଅସ୍ଥାୟୀ ଭାବେ ବନ୍ଦ କରିଦିଆ ଯାଇଛି। ସୂଚନା ଅନୁସାରେ ଉକ୍ତ ସଂଗ୍ରହାଳୟରୁ ବହୁ ଦାମୀ ଅଳଙ୍କାର ସବୁ ଚୋରି ହୋଇଯାଇଛି। ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ରାଶିଦା ଦାତି ଏହି ଘଟଣାର ସ୍ପଷ୍ଟ କରି କହିଛନ୍ତି ଯେ, ସଂଗ୍ରହାଳୟରେ ହୋଇଥିବା ଏହି ଚୋରିର ଯାଞ୍ଚ ଚାଲିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଚୋରମାନେ ସୁରକ୍ଷା ସିଷ୍ଟମକୁ ଚକମା ଦେଇ ସଂଗ୍ରହାଳୟର ପ୍ରସିଦ୍ଧ ଗ୍ୟାଲେରୀରୁ ମୂଲ୍ୟବାନ ଦାମୀ ଅଳଙ୍କାର ସବୁ ଚୋରେଇ ନେଇଛନ୍ତି। ରାଶିଦା ଦାତି ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ଆଜି ସକାଳେ ଲୁଭ୍ର ସଂଗ୍ରହାଳୟ ଖୋଲିବା ସମୟରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଚୋରି ପରେ ଜାରି ଭିଡ଼ିଓ ଫୁଟେଜ୍‌ରେ ଦେଖିବାକୁ ମିଳୁଛି ସଂଗ୍ରହାଳୟରୁ ବାହାରକୁ ଯିବା ପାଇଁ ଆଗନ୍ତୁକଙ୍କ ଲମ୍ବା ଧାଡ଼ି ଲାଗିଛି। ଅନ୍ୟ ଏକ ଭିଡ଼ିଓରେ ସଂଗ୍ରହାଳୟର ବାହାରେ ସୁରକ୍ଷାକର୍ମୀଙ୍କ ମୁତୟନ ନଜର ଆସିଥିଲା। ଏଏଫପି ନ୍ୟୁଜ୍ ଏଜେନ୍ସି ଜଣେ ଅଧିକାରୀଙ୍କ ଅନୁସାରେ ସୂଚନା ଦେଇଛି ଯେ, ଲୁଟେରା ଅଳଙ୍କାର ଗୁଡ଼ିକୁ ନେଇ ସଂଗ୍ରହାଳୟରୁ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଲୁଭ୍ରକୁ ପୂରାଦିନ ପାଇଁ ବନ୍ଦ ରଖାଯାଇଛି। ସଂଗ୍ରହାଳୟ ସରକାରୀ ବିବୃତ୍ତିରେ କହିଛି , ତାହା ବିଶେଷ ପରିସ୍ଥିତି କାରଣରୁ ବନ୍ଦ ରହିବ , କିନ୍ତୁ ଡକାୟତି ସହ ଜଡ଼ିତ କୌଣସି ଅତିରିକ୍ତ ସୂଚନା ପ୍ରକାଶ କରି ନାହିଁ।

## ବିଜେପି ସାଂସଦଙ୍କ କାରକେଡ୍‌କୁ ପଥର ମାଡ଼



କୋଲକାତା, ୧୯।୧୦(ସଂଚାର ବ୍ୟୁରୋ): ଦାର୍ଜିଲିଂର ବିଜେପି ସାଂସଦ ରାଜୁ ବିସ୍ତାଙ୍କ କନଭେନ ଉପରକୁ ପଥର ଫିଙ୍ଗା ଘଟଣାକୁ ନେଇ ପୁଣି ଥରେ ପାହାଡ଼ରେ ଅଶାନ୍ତି ସୃଷ୍ଟି ହୋଇଛି। ଶନିବାର ରିମ୍ବିକ ଏବଂ ଲୋଧାମା ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଫେରୁଥିବା ସମୟରେ ସୁଖିଆପୋଖରୀର ମାସଧୁରା ଅଞ୍ଚଳରେ କାରକେଡ୍ ଉପରକୁ ହଠାତ୍ ପଥର ଫିଙ୍ଗା ଯାଇଥିଲା। ଯଦିଓ କନଭେନରେ ଥିବା ଗୋଟିଏ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା, କିନ୍ତୁ ସାଂସଦ ନିଜେ କିମ୍ବା ଦଳର ଅନ୍ୟ କେହି ଆହତ ହୋଇନାହାନ୍ତି। ଏହି ଘଟଣା ପଛରେ କିଏ ଅଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ପରେ ଅଞ୍ଚଳରେ ବିଶାଳ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଆକ୍ରମଣ ପରେ ରାଜୁ ବିସ୍ତା ଅଭିଯୋଗ କରିଛନ୍ତି, 'ପାହାଡ଼ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଜଣେ ମଧ୍ୟସ୍ଥିଙ୍କୁ ନିଯୁକ୍ତ କରି ଶାନ୍ତି ଭଙ୍ଗକରିବା ପାଇଁ ଏକ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ଆମେ ଏହି କାପୁରୁଷ ଆକ୍ରମଣକୁ ଭୟ କରୁନାହୁଁ, କିନ୍ତୁ ପାହାଡ଼ରେ ଶାନ୍ତି ପ୍ରତିଷ୍ଠା କରିବାକୁ ଅଧିକ ଦୃଢ଼ ପ୍ରତିବଦ୍ଧ। ପୂର୍ବରୁ ଜଳପାଇଗୁଡ଼ି ଜିଲ୍ଲାର ନାଗରାକାଟାରେ ପ୍ରତିବାଦ ସମୟରେ ମାଲଦା ସାଂସଦ ଖଗେନ ମୁର୍ମୁ ଏବଂ ବିଧାୟକ ଶଙ୍କର ଘୋଷଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହି ଘଟଣା ଶାନ୍ତହେବା ମାତ୍ରେ ପାହାଡ଼ରେ ସାଂସଦଙ୍କ କନଭେନ ଉପରେ ଆକ୍ରମଣକୁ ନେଇ ନୂତନ ଉତ୍ତେଜନା ପ୍ରକାଶ ପାଇଛି। ସାଂସଦ କହିଛନ୍ତି, 'ମୁଁ ଏଫ୍‌ଆଇଆର୍ ଦାୟର କରିଛି। କିନ୍ତୁ ମମତା ଦିଦିଙ୍କ ପୁଲିସ କେତେ କାମ କରିବ ସେ ବିଷୟରେ ମୋର ସନ୍ଦେହ ରହିଛି। ତେବେ, ବିଜେପି ସାଂସଦ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କୁ ଏପରି ଅଟକା ଯାଇପାରିବ ନାହିଁ। ମୁଁ ପୁଣି ରିମ୍ବିକ ଯିବି।'

## ଅସ୍ତ୍ରବିରତିରେ ଗାଜା ଉପରେ ଆକ୍ରମଣ କଲା ଇସ୍ରାଏଲ

ନୂଆଦିଲ୍ଲୀ,୧୯।୧୦ଃ ଆମେରିକାର ମଧ୍ୟସ୍ଥତା ପରେ ଇସ୍ରାଏଲ ଏବଂ ଗାଜା ମଧ୍ୟରେ ଯୁଦ୍ଧବିରାମ ହୋଇଥିଲେ ବି, ତିକ୍ତତା ବଢ଼ିବାରେ ଲାଗିଛି। ଏହାରି ମଧ୍ୟରେ ଆମେରିକାର ଏକ ରିପୋର୍ଟ ପରେ ରବିବାର ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଛି। ପ୍ରକୃତରେ ଆମେରିକାରର ଏକ ରିପୋର୍ଟରେ କୁହାଯାଇଛି ଯେ, ହମାସ ଗାଜାର ବିବାଦୀୟ ଅଞ୍ଚଳରେ ନାଗରିକଙ୍କ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଛି। ଯାହା ଯୁଦ୍ଧବିରାମ ଚୁକ୍ତି ସ୍ପଷ୍ଟ ଉଲ୍ଲଘଂନ ହୋଇପାରେ। ତେବେ ଏହି ରିପୋର୍ଟର କୌଣସି ଠୋସ୍ ତଥ୍ୟ ଦିଆଯାଇନାହିଁ। ଇସ୍ରାଏଲ ସେନା ମଧ ଆକ୍ରମଣ ବିଷୟରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରିନାହିଁ। ତେବେ ଅନ୍ତର୍ଜାତୀୟ ଗଣମାଧମର ରିପୋର୍ଟ ଅନୁସାରେ ଇସ୍ରାଏଲ ରାଫାରେ ଆକାଶମାର୍ଗରୁ ଆକ୍ରମଣ କରିଛି। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଶନିବାର କଡ଼ା ଚେତାବନୀ ଦେଇଥିଲେ ଯେ, ଗାଜାରେ ଯୁଦ୍ଧ ସେପର୍ଯ୍ୟନ୍ତ ବନ୍ଦହେବନି ଯେପର୍ଯ୍ୟନ୍ତ ହମାସକୁ ସଂପୂର୍ଣ୍ଣ ଭାବେ ନିରସ୍ତ୍ର କରାନଯିବ। ଗାଜାବାସୀଙ୍କ ପାଇଁ ପ୍ରମୁଖ ପ୍ରବେଶ ଦ୍ୱାର ରାଫା କ୍ରସିଂ ସୋମବାରଠାରୁ ପୁଣି ଖୋଲିଯିବ।

## ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପ୍ରତି ଗିରିରାଜଙ୍କ ଅଶାଳୀନ ମନ୍ତବ୍ୟ



ଅରୱଲ, ୧୯।୧୦ଃ ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ରାଜ୍ୟରେ ରାଜନୈତିକ ଦଳମାନେ ପ୍ରଚାର ଅଭିଯାନ ଆରମ୍ଭ କରିସାରିଲେଣି। ଏଥିପାଇଁ ଗୋଟିଏ ପରେ ଗୋଟିଏ ରାଲି ଅନୁଷ୍ଠିତ ହେଉଥିବା ବେଳେ ଦଳୀୟ ଷ୍ଟାର ପ୍ରଚାରକମାନେ ଭୋଟରଙ୍କୁ ଆକର୍ଷିତ କରିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏହିକ୍ରମରେ ବିଜେପିର ଫାୟାରବ୍ରାଣ୍ଡ ନେତା ଗିରିରାଜ ସିଂହ ତାଙ୍କର ଏକ ବିବାଦୀୟ ଟିପ୍ପଣୀକୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି। ଗିରିରାଜ ଅରୱାଲରେ ଶନିବାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଅଳ୍ପ ସଂଖ୍ୟକ ବର୍ଗ ମୋଦି ସରକାରଙ୍କ ଲାଭ ନେଉଛନ୍ତି, ହେଲେ କେବେ ବିଜେପିକୁ ଭୋଟ ଦିଅନ୍ତି ନାହିଁ। ତାଙ୍କର ଏପରି ବିବାଦୀୟ ବୟାନ ଏବେ ବିହାରରେ ଜନଅସନ୍ତୋଷର କାରଣ ପାଲଟିଛି। ନିର୍ବାଚନୀ ସଭାରେ ସେ ଏକ କଥା ଛଳରେ ଏପରି କହିଛନ୍ତି। ଆମକୁ ନିମକ ହରାମଙ୍କ ଭୋଟର ଆବଶ୍ୟକତା ନାହିଁ ବୋଲି ଗିରିରାଜ ଶେଷରେ କହିଥିଲେ।

### ବିହାର ନିର୍ବାଚନ ଲାଗି ବିଜେପିର ପ୍ରସ୍ତୁତି ଚୂଡ଼ାନ୍ତ

# ମୋଦୀ କରିବେ ୧୨ ରାଲି, ଶାହଙ୍କ ୨୫ ସଭା



ପାଟନା,୧୯।୧୦ଃ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ନଭେମ୍ବର ୬ ତାରିଖରେ ହେବାକୁ ଯାଉଛି। ଏହା ପୂର୍ବରୁ, ସମସ୍ତ ଦଳ ସେମାନଙ୍କର ପ୍ରଚାରକୁ ଜୋରଦାର କରିଛନ୍ତି। ବିଜେପି ଏବଂ ଜେଡିୟୁ ସମାନ ସଂଖ୍ୟକ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେଣୁ, ବିଜେପିର ପ୍ରଚାର ମଡ୍ୟୁଲ୍ ସ୍ପଷ୍ଟ ଏବଂ ଆକର୍ଷଣୀୟ ଦେଖାଯାଉଛି। ବିଜେପି ବିହାରରେ ଜିତିବା ପାଇଁ ନିଜର ସାଂସଦ ଏବଂ ମୁଖ୍ୟମନ୍ତ୍ରୀମାନଙ୍କୁ ମଧ ନିୟୋଜିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ ବିହାରରେ ଅନେକ ରାଲି ଏବଂ ସାଧାରଣ ସଭା କରିବାର କାର୍ଯ୍ୟକ୍ରମ ରହିଛି।

ବିହାର ପାଇଁ ବିଜେପିର ପ୍ରଭାରୀ ଦିଲୀପ ଜୟସୱାଲ ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ନିଜେ ବିହାରରେ ଜନତାଙ୍କୁ ବିଜେପିର ବିଜୟ ପାଇଁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ନିର୍ବାଚନ ପାଇଁ ୧୨ ରାଲି କରିବେ। ତାଙ୍କର ପ୍ରଥମ ରୋଡ ଶୋ ସମସ୍ତିପୁରରେ ହେବ, ତା'ପରେ ବେଗୁସରାଇରେ ଆଉ ଏକ ରାଲି ହେବ, ଯେଉଁଠାକୁ ସେ ୨୩ ଅକ୍ଟୋବରରେ ଗସ୍ତ କରିବେ। ସେ ଏହି ଦିନ ଭାଗଲପୁର, ଗୟା ଏବଂ ସାସାରାମରେ ମଧ ସାଧାରଣ ସଭା କରିବେ। ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ୨୮ ଅକ୍ଟୋବରରେ ଦରଭଙ୍ଗା, ମୁଜାଫରପୁର ଏବଂ ପାଟନାରେ ମଧ ରାଲି କରିବେ। ତା'ପରେ ସେ ନଭେମ୍ବର ୧ରେ ଛାପରା ଏବଂ ପୂର୍ବ ଚମ୍ପାରଣରେ ରୋଡ୍ ଶୋ କରିବେ। ତା'ପରେ ସେ ନଭେମ୍ବର ୩ରେ ପଶ୍ଚିମ ଚମ୍ପାରଣ, ସହରସା ଏବଂ ଆରାରିଆରେ ପ୍ରଚାର କରିବେ।

ଅମିତ ଶାହ ୨୫ ରାଲି କରିବେ। ଏହି ରାଲିଗୁଡ଼ିକ ମାଧ୍ୟମରେ ଅମିତ ଶାହ ଏନଡିଏ କର୍ମୀଙ୍କୁ ଉତ୍ସାହିତ କରିବେ। ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପି ଏବଂ ଏନଡିଏ ମଧ୍ୟରେ ଯେପରି କୌଣସି ଫାଟ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଧ ପ୍ରଚାର କରୁଛି। ଅମିତ ଶାହ ବିଭିନ୍ନ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୨୫ ରାଲି କରିବେ। ସେ ୧୨ ସାଧାରଣ ସଭାକୁ ମଧ ସମ୍ବୋଧିତ କରିବେ। ତାଙ୍କ ସହିତ ରାଜନାଥ ସିଂହ ଏବଂ ନୀତିନ ଗଡକରୀ ମଧ ସାଧାରଣ ସଭାରେ ଯୋଗଦେବେ।

ପର୍ଥରେ ଅନର୍ଥ: ମିଳିଲାନି ଦୀପାବଳି ଭେଟି

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ



**ନୂଆଦିଲ୍ଲୀ,୧୯।୧୦:** ଦେଶସାରା ଦୀପାବଳି ପାଇଁ ପ୍ରସ୍ତୁତି ଚାଲିଛି। ପ୍ରଶଂସକମାନେ ଆଶା କରିଥିଲେ ଯେ, ଟିମ ଇଣ୍ଡିଆ ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବ, ଦେଶକୁ ବିଜୟର ଉପହାର ଦେବ, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇପାରିଲା ନାହିଁ। ପର୍ଥରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚରେ ଅଷ୍ଟ୍ରେଲିଆ ଭାରତକୁ ୭ ୱିକେଟରେ ପରାସ୍ତ କରିଛି। ଅଧିନାୟକ ମିଚେଲ ମାର୍ଶ ଅଷ୍ଟ୍ରେଲିଆ ପାଇଁ ୪୬ ରନର ନଟ ଆଉଟ ଇନିଂସ ଖେଳିଥିଲେ। ନିୟମିତ ବର୍ଷା ଯୋଗୁ ମ୍ୟାଚ ୨୬ ଓଭରକୁ ହ୍ରାସ କରାଯାଇଥିଲା। ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆର ଏହା ପ୍ରଥମ ବିଜୟ। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନିକିଆରେ, ଟିମ ଇଣ୍ଡିଆ ୨୬ ଓଭରରେ ୯ ୱିକେଟରେ ୧୩୬ ରନ କରିଥିଲା, କିନ୍ତୁ ଅଷ୍ଟ୍ରେଲିଆକୁ ୧୩୧ ରନର ଡିଏଲଏସ୍ ଟାର୍ଗେଟ ଦିଆଯାଇଥିଲା, ଯାହାକୁ କଙ୍ଗାରୁମାନେ ୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିଥିଲେ। ୨୨୩ ଦିନ ପରେ, ରୋହିତ ଶର୍ମା ଏବଂ ବିରାଟ କୋହଲି ଟିମ ଇଣ୍ଡିଆ ପାଇଁ ଖେଳିଥିଲେ, କିନ୍ତୁ ଏହି ମହାନ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ମ୍ୟାଚରେ, ଟିମ ଇଣ୍ଡିଆ ବିଜୟ ହାସଲ କରିପାରି ନଥିଲା। ଉଭୟଙ୍କ ବ୍ୟାଟ ଏଥିରେ ନୀରବ ରହିଥିଲା।

କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଯାପିତ

# ବିବେକାନୁଯାୟୀ ନିଷ୍ପତ୍ତି ନିଅନ୍ତୁ ରାଜସ୍ୱ ଅଧିକାରୀ



**ଭୁବନେଶ୍ୱର, ୧୯।୧୦(ସଂଚାର ବ୍ୟୁରୋ):** ରାଜସ୍ୱ ଆଇନ କେତେଦୂର ଠିକ ଭାବରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ସମୀକ୍ଷା କରିବା ଦରକାର। ଯଦି ହେଉନାହିଁ ତା'ର କାରଣ ସମ୍ପର୍କରେ ତର୍ଜମାର ଆବଶ୍ୟକତା ରହିଛି। ଆମକୁ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ। ରାଜସ୍ୱ ସେବା ରାଜ୍ୟରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଆମକୁ ନିରନ୍ତର ଭାବରେ କାର୍ଯ୍ୟ କରିବାକୁ ପଡିବ। ନିଜର ବିଚାର ଓ ବିବେକ ଅନୁଯାୟୀ ସାଧାରଣ ଲୋକଟିକୁ ନ୍ୟାୟ ଦେବାକୁ ପଡିବ। ଆମେ ଜନସାଧାରଣଙ୍କ ସେବକ। ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ତୁରନ୍ତ ସେବା ଓ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ସଚେତନ ରହି କାର୍ଯ୍ୟ କରିବାକୁ ପଡିବ। ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜନସାଧାରଣଙ୍କୁ ସଠିକ ଭାବରେ ରାଜସ୍ୱ ସେବା ଯୋଗାଇ ଦେବା ସହ ସମାଜର ମଙ୍ଗଳ ଓ ସମାଜକୁ ଆଗକୁ ନେବାକୁ ରାଜସ୍ୱ ଅଧିକାରୀମାନେ ନିରନ୍ତର କାର୍ଯ୍ୟ ଜାରି ରଖନ୍ତୁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି।

**● ଭିତ୍ତିଭୂମି ଉନ୍ନତି ସହ ପୂରଣ ହେବ ଖାଲି ପଦବୀ**

ଗୋଠପାଟଣା ସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଆୟୋଜିତ ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀର ଉଦଯାପନୀ ଦିବସ ଅବସରରେ ମନ୍ତ୍ରୀ ପୂଜାରୀ କହିଲେ ଯେ, ହାଇଟେକ ସର୍ଭେକୁ ନିର୍ଭୁଲ ଭାବରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରିବାକୁ ପଡିବ। ତାହେଲେ ଜମିଜମା ବ୍ୟବସ୍ଥା ଓ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ଓ ଜନସାଧାରଣ ଏହାର ସୁଫଳ ପାଇପାରିବେ। ସରକାର ପ୍ରତ୍ୟେକ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତି ନେଇଥିବାବେଳେ ସମସ୍ତ ପ୍ରକାରର ଭିତ୍ତିଭୂମିର ଉନ୍ନତି କରାଯିବ। ଖାଲିଥିବା ପଦ ପଦବୀ ପୂରଣ କରାଯିବା ସହ ଆଧୁନିକରଣ ଦିଗରେ କାର୍ଯ୍ୟ କରାଯିବ। ଓଡିଶା ରାଜସ୍ୱ ବିଭାଗକୁ ଏକ ମଡେଲ ବିଭାଗରେ ପରିଣତ କରିବାକୁ ସମସ୍ତେ ବଦ୍ଧ ପରିକର ହୁଅନ୍ତୁ ବୋଲି ଉପସ୍ଥିତ ରାଜସ୍ୱ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ

**ବାରିପଦା, ୧୯।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବଡସାହି ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ଜଣକୁ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲରେ ଭର୍ତ୍ତି ଯାଇଛି। ଗୁରୁତର ଆହତ ଜଣକ ବଡ଼ସାହି ଥାନା ଅନ୍ତର୍ଗତ ମାଙ୍କଡାପାଳ ଅଞ୍ଚଳର ସଞ୍ଜୟ ନାୟକ(୩୨)। ସଞ୍ଜୟ ଏକ ଘରୋଇ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ଟିଉସନ ପଢ଼ାନ୍ତି। ଶନିବାର ରାତିରେ ଟିଉସନ ସାରି ଘରକୁ ଫେରୁଥିବା ବେଳେ ଘଟଣା ଘଟିଛି। ମାଙ୍କଡାପାଳ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ଅଜଣା ବ୍ୟକ୍ତି ତାଙ୍କୁ ଅଟକାଇ ଗୁଳିକାଣ୍ଡ କରିଥିଲେ। ଯୁବକଙ୍କ ପେଟରେ ଗୁଳି ବାଜିଛି। ହସ୍ପିଟାଲରେ ତାଙ୍କ ଚିକିତ୍ସା ଜାରି ରହିଛି। ଏନେଇ ବଡ଼ସାହି ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବେଆଇନ ବାଣ ଜବତ, ଜଣେ ଗିରଫ

**ବାରିପଦା, ୧୯।୧୦(ସଂଚାର ବ୍ୟୁରୋ):** ଦୀପାବଳି ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ବେଆଇନ ଭାବେ ବିକ୍ରି କରାଯାଉଥିବା ବାଣ ଜବତ କରିଛି। ଏହା ସହିତ ଜଣକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ଷ୍ଟେସନ ବଜାର ଅଞ୍ଚଳର ସେକ୍ ମନିରୁଦ୍ଦିନ (୪୨)। ପୁଲିସ ପେଟ୍ରୋଲିଂ ଜାରି ଥିବାବେଳେ ବେଆଇନ ଭାବେ ବାଣ ବିକ୍ରି କରୁଥିବାର ସୂଚନା ମିଳିଥିଲା। ଯାହାକୁ ନେଇ ଷ୍ଟେସନ ବଜାର ସ୍ଥିତ ଦୋକାନରେ ପୁଲିସ ଚଢ଼ଉ କରିଥିଲେ। କୌଣସି ଅନୁମତି ପତ୍ର ନଥାଇ ବିଭିନ୍ନ ବାଣ ବିକ୍ରି କରୁଥିବାର ଜଣାପଡ଼ିଥିଲା। ସରକାରୀ ନିୟମକୁ ଅବମାନନା କରି ବାଣ ବିକ୍ରି କରୁଥିବା ନେଇ ପୁଲିସ ପକ୍ଷରୁ ଦୋକାନର ବାଣ ଜବତ କରି ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି।

## ଦୋକାନ ସଟର ଭାଙ୍ଗି ରୁପା ଓ ଟଙ୍କା ଚୋରି

**ବାରିପଦା, ୧୯।୧୦(ସଂଚାର ବ୍ୟୁରୋ):** ବାରିପଦା ସହରରେ କିଛି ଦିନର ବ୍ୟବଧାନ ପରେ ପୁଣି ଚୋରି ଘଟଣା ଘଟିଛି। ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସୁନାମୁହିଁ ଅଞ୍ଚଳର ଦିଲ୍ଲୀପ କୁମାର ବେହେରା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେସନ ବଜାରରେ ଦୁଇଟି ଦୋକାନ ରହିଛି। ସେ ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବା ବେଳେ ଏହାର ସୁଯୋଗ ନେଇ ଚୋରି ହୋଇଛି। ଦୋକାନ ସଟର ତାଲା ଭାଙ୍ଗି ୬୦, ୦୦୦ ଟଙ୍କା ଓ ୩ କିଲୋ ଗ୍ରାମର ରୁପା ଚୋରି କରିଛନ୍ତି। ଯାହାକି ତାଙ୍କୁ ଦୀପାବଳି ପାଇଁ ଉପହାରରେ ମିଳିଥିଲା। ସକାଳୁ ଦୋକାନ ଖୋଲିବା ବେଳକୁ ସେ ଚୋରି ନେଇ ଜାଣିବାକୁ ପାଇଥିଲେ। ଚୋରି ବାବଦରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

## ଅଟୋ-ବାଇକ ଧକ୍କା:୩ ଗୁରୁତର

**ଚମ୍ପୁଆ, ୧୯।୧୦(ସଂଚାର ବ୍ୟୁରୋ):** ଚମ୍ପୁଆ ଥାନା ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥ କଞ୍ଚନପୁର ଛକ ନିକଟରେ ସଡ଼କ ଦୁର୍ଘଟଣାରେ ନଅ ଜଣ ଆହତ ହୋଇଛନ୍ତି। ଆହତଙ୍କ ସହିତ ଚାରି ଜଣ ଶିଶୁଙ୍କୁ ମିଶାଇ ମୋଟ ନଅ ଜଣ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଅଟୋରେ ଚାଳକଙ୍କୁ ମିଶାଇ ସାତ ଜଣ ଓ ବାଇକରେ ଥିବା ଦୁଇ ଜଣ ଆହତ ହୋଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆହତ ମାନଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଆହତଙ୍କ ମଧ୍ୟରୁ ଅଟୋରେ ଥିବା ଏମଡି ରିୟାଜୁଦ୍ଦିନ( ୨୮) ଓ ବାଇକ୍ ଚାଳକ ଜୟନ୍ତିନାପୁର ଗ୍ରାମର ନନ୍ଦନ ମୁଣ୍ଡା(୨୩) ଓ ତାଙ୍କ ସାଙ୍ଗରେ ଥିବା ପାଞ୍ଚ ବର୍ଷର ପୁତୁରା ରକି ମୁଣ୍ଡାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଚମ୍ପୁଆ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡି ଗୁଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## କାଠ ଫାଳିଆରେ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

**ଜୟପୁର, ୧୯।୧୦(ସଂଚାର ବ୍ୟୁରୋ):** କାଠ ପାଳିଆରେ ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ହାନାଗୁଡାର ସାଗର ବାଘ (୨୮)। ସୂଚନା ଅନୁଯାଇ ହାନାଗୁଡାର ସାଗର ବାଘ ସହ ସିମନ ନାଗକୁ ମୋବାଇଲକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତ ସାଗର ଏକ କାଠ ଫାଳିଆରେ ସିମନର ମୁଣ୍ଡରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମିମନର ମୁଣ୍ଡ ଫାଟି ଯାଇଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜଳିଗଲା ଚଳନ୍ତା ଅଟୋ, ବର୍ତ୍ତିଗଲେ ଯାତ୍ରୀ



**ଫୁଲବାଣୀ,୧୯।୧୦(ସଂଚାର ବ୍ୟୁରୋ):** ସହର ଉପକଣ୍ଠ ସାରତାଗୁଡାଠାରେ ରବିବାର ଅପରାହ୍ନ ଚଳନ୍ତା ଅବସ୍ଥାରେ ରାସ୍ତା ଉପରେ ଜଳି ଯାଇଛି ଏକ ଅଟୋରିକ୍ସା। ସୂଚନା ଅନୁଯାୟୀ, କଟିଙ୍ଗିଆ ପଞ୍ଚାୟତ ଦୋକାନପଦରର ପ୍ରମୋଦ କହଁର ଆଜି ତାଙ୍କ ଅଟୋରିକ୍ସା ନେଇ ଫୁଲବାଣୀ ଆସିଥିଲେ। ଅପରାହ୍ନରେ ସେ ଗାଁକୁ ଫେରୁଥିବାବେଳେ ସାରତାଗୁଡ଼ା ନିକଟରେ କୌଣସି କାରଣରୁ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଦେଖୁ ଦେଖୁ ଗାଡ଼ି ହୁତୁହୁତୁ ହୋଇ ଜଳିଯାଇଥିଲା। ପ୍ରମୋଦଙ୍କ ସହିତ ଗାଡ଼ିରେ ବସିଥିବା ଅନ୍ୟ ୩ ଜଣ ଭୟରେ ଗାଡ଼ିରୁ ବାହାରି ଆସିଥିଲେ। ତେବେ ଗାଡ଼ିରେ ଥିବା ସାମଗ୍ରୀ ସହ କିଛି କୁକୁଡ଼ା ଜଳିଯାଇଥିଲେ। ଫୁଲବାଣୀରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

## ବାଲିବୋଝେଇ ଟ୍ରାକ୍ଟର ଜବତ

**ବାରିପଦା, ୧୯।୧୦(ସଂଚାର ବ୍ୟୁରୋ):** ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ଜିଲ୍ଲା ଖଣି ବିଭାଗ ସ୍କ୍ୱାର୍ଡ ଦ୍ୱାରା ଚଢ଼ଉ କରି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବାରିପଦା ଟାଉନ ଥାନାରେ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ନାମରେ ଅଭିଯୋଗ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଯାହାକୁ ନେଇ ପୁଲିସ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ ପ୍ରକ୍ରିୟା ହୋଇ ଟ୍ରାକ୍ଟର ଜବତ କରାଯାଉଥିବା ବେଳେ ଖଣି ବିଭାଗ ଦେଖଣାହାରି ସାଜିଥିଲା। ତେବେ ଅନେକ ଦିନର ବ୍ୟବଧାନ ପରେ ଖଣି ବିଭାଗ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଷ୍ଟେସନ ବଜାର ଅଞ୍ଚଳରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଅଭିଯୋଗ କ୍ରମେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ବିଦ୍ୟୁତ ଆଘାତରେ ଜଣେ ମୃତ

**ଜୟପୁର, ୧୯।୧୦(ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଟାଙ୍ଗୁଆ ପଞ୍ଚାୟତର ରାଙ୍ଗିଣିଗୁଡା ଗ୍ରାମର ଅନିମେଶ ହଲଦାର ଆଜି ଚାଷଜମିରେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳୁ ଅନିମେଶ ବିଲକୁ ଯାଉଛି କହି ଘରୁ ବାହାରିଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ସମସ୍ତେ ଖୋଜାଖୋଜି କରିଥିଲେ। ଶେଷରେ ପରିବାର ଲୋକେ ବିଲରେ ବିଦ୍ୟୁତ ଆଘାତରେ ମୃତ୍ୟୁହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ।

ଖଣି ବିଭାଗର ଅଚାନକ ଚଢ଼ାଉ

## କୋଟିଏ ଟଙ୍କାର ଖଣିଜ ଜବତ



**ବଡ଼ବିଲ,୧୯।୧୦(ସଂଚାର ବ୍ୟୁରୋ):** କେନ୍ଦୁଝରର ବଡ଼ବିଲ୍ ଅଞ୍ଚଳରେ ଆଜି ଖଣି ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ପାଖାପାଖି ୧ କୋଟି ଟଙ୍କାର ଖଣିଜ ସାମଗ୍ରୀ ଜବତ କରାଯାଇଛି। ବ୍ୟାପକ ପରିମାଣର ଖଣିଜ ପଦାର୍ଥ ଚୋରି ହେଉଥିବା ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ପାଇବା ପରେ ଖଣି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ୍ ଟିମ୍ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ରେଲୱେ ସାଇଡିଂ ନିକଟରେ ବ୍ୟାପକ ଖଣିଜ ପଦାର୍ଥ ଉତ୍ତୋଳନ ପରେ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଥିଲା। ଏହିସବୁ ସାମଗ୍ରୀ ଅନ୍ୟତ୍ର ପରିବହନ ସକାଶେ ସେଠାରେ ମହଜୁଦ ରହିଥିଲା। ଏହି ଖନନ ବେଆଇନ୍ ଭାବେ ହୋଇଥିବାରୁ ଖଣିଜ ପଦାର୍ଥକୁ ଏକ ପରିତ୍ୟକ୍ତ ସ୍ଥାନରେ ଅନ୍ୟମାନଙ୍କ ନଜରରୁ ଏଡ଼ାଇବା ସକାଶେ ମହଜୁଦ ରଖାଯାଇଥିବା ଅନୁମାନ କରାଯାଉଛି। ଜବତ ହୋଇଥିବା ଖଣିଜ ପଦାର୍ଥରେ ବ୍ୟାପକ ମାତ୍ରାରେ ଲୌହପଥର ରହିଥିଲା। ତେବେ ଏହି ବେଆଇନ୍ ଖନନ ପଛରେ କେଉଁମାନଙ୍କର ଭୂମିକା ରହିଛି, ତାହା ଜାଣିବା ସକାଶେ ବିଭାଗ ପକ୍ଷରୁ ତଦନ୍ତକୁ ଅଧିକ ବ୍ୟାପକ କରାଯାଇଛି।

# ରାଜ୍ୟ ପୁଲିସ୍ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ



**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ):** ଗତ ତିନି ଦିନ ଧରି ଚାଲିଥିବା ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଆଜି ଅପରାହ୍ନରେ ରିଜର୍ଭ ପୁଲିସ ଗ୍ରାଉଣ୍ଡ ପରିସରରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଏକ ବିକଶିତ ରାଷ୍ଟ୍ର ଓ ସମୃଦ୍ଧ ରାଜ୍ୟର ସରଂଚନାର ସଂକଳ୍ପକୁ ସାକାର କରିବାରେ ପୁଲିସ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଭାଗର ମେରୁଦଣ୍ଡ ଭଳି ନିଷ୍ଠାର ସହ ଦାୟିତ୍ୱ ତୁଲାଉଥିବା ପୁଲିସ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ବୃତ୍ତିଗତ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅପରାଧିକ ମାମଲାଗୁଡିକରେ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି ପୁଲିସ ସଫଳତା ଆଣିବ ବୋଲି ଆଶା ପ୍ରକଟ କରିଥିଲେ। ଏହା ପୁଲିସର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ଦ୍ୱାରା ଆଦୃତ ଏବଂ ପ୍ରଶଂସାର ପାତ୍ର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଉନ୍ନତ ମାନର ସେବା ପ୍ରଦାନ କରିବାରେ ପୁଲିସ ବିଭାଗ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ପୁଲିସ ବିଭାଗର ଆଧୁନୀକିକରଣ ନିମନ୍ତେ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ସାରା ରାଜ୍ୟରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ଜିଲ୍ଲାରେ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଅଧିକାରୀ ନିଯୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତ ବ୍ୟକ୍ତ କରିଥିଲେ। ସମାଜରେ ମହିଳା, ଶିଶୁ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ସୁରକ୍ଷା ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି। ମହିଳା ସଂକ୍ରାନ୍ତ ଅପରାଧଗୁଡିକର ମୁକାବିଲା କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଫାଷ୍ଟଟ୍ରାକ କୋର୍ଟ ସ୍ଥାପନ କରାଯିବା ଉପରେ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟ ସହ ଆଲୋଚନା କରୁଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ରାଜ୍ୟ ପୁଲିସ ଅଧିକ ଲୋକାଭିମୁଖୀ ହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଭଲଭାବେ କାମ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। ଏହି ଅବସରରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସର୍ବୋତ୍ତମ ବୃତ୍ତିଗତ ସେବା ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ। ଏଥିସହ ନିଶାଦ୍ରବ୍ୟ ଚୋରା କାରବାର, ଆଇନଶୃଙ୍ଖଳା ରକ୍ଷା ଆଦି କ୍ଷେତ୍ରରେ ପୁଲିସ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିଜ ବକ୍ତବ୍ୟରେ ବୃତ୍ତିଗତ ଦକ୍ଷତାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ବିଗତ ଦିନରେ ତଦନ୍ତର ମାନ ବୃଦ୍ଧି ଲାଗି କ୍ରାଇମ ବ୍ରାଞ୍ଚ୍ ପକ୍ଷରୁ କ୍ରାଇମବ୍ରାଞ୍ଚ୍ ମୁଖ୍ୟାଳୟ ସହ ଓ ବିଭିନ୍ନ ରେଞ୍ଜଗୁଡିକରେ ବହୁ ପ୍ରଶିକ୍ଷଣ ଶିବିର ତଥା କର୍ମଶାଳା ଆୟୋଜନ କରାଯାଇଛି। ଏହାସହ ଆଗାମୀ ଦିନରେ କ୍ରାଇମବ୍ରାଞ୍ଚ୍ ତରଫରୁ ନୂଆ ମଡ୍ୟୁଲ୍ ପ୍ରସ୍ତୁତ କରାଯାଇ ବିଭିନ୍ନ ରେଞ୍ଜରେ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ଉଲ୍ଲେଖ କରିଥିଲେ। କ୍ରାଇମବ୍ରାଞ୍ଚର ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳିଲା...

ମହାଆଳତୀରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ହେବା ପରେ ଆକର୍ଷଣୀୟ ଡ୍ରୋନ ଶୋ' ଓ ଲେଜର ଶୋ'ରେ ସମଗ୍ର ନଗରୀ ଝଲସି ଉଠିଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ଯୋଗୀ ସରଜୁ ଘାଟରେ ପହଞ୍ଚି ଆଳତି ମଧ୍ୟ କରିଥିବା ଜଣାପଡ଼ିଛି। ଏଥର ୨୬ ଲକ୍ଷ ୧୭ ହଜାର ୨୧୫ ଦୀପ ପ୍ରଜ୍ୱଳନ ସହ ୨୧୨୮ ବିଦ୍ୱାନଙ୍କ ମହାଆଳତୀ ଗିନିଜ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମ ଦୁଇ ଦୁଇଟି ରେକର୍ଡ କରିଛି। ଏନେଇ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସଂକ୍ରାନ୍ତ ପ୍ରମାଣପତ୍ର ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜୟବୀର ସିଂହ ଓ ପ୍ରମୁଖ ସଚିବ ଅମ୍ରିତ ଅଭିଜାତ୍ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ପ୍ରଦାନ କରିଛନ୍ତି। ଗୋଟିଏ ପ୍ରମାଣପତ୍ର ସର୍ବାଧିକ ଦୀପ ପ୍ରଜ୍ୱଳନ ପାଇଁ ଉତ୍ତର ପ୍ରଦେଶ ପର୍ଯ୍ୟଟନ ବିଭାଗ, ଅଯୋଧ୍ୟା ପ୍ରଶାସନ ଓ ରାମ ମନୋହର ଲୋହିଆ ଅୱଧ ୟୁନିଭର୍ସିଟିକୁ ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟଟି ଏକକାଳୀନ ସର୍ବାଧିକ ବିଦ୍ୱାନ ଆଳତି କରିବା ସକାଶେ ପର୍ଯ୍ୟଟନ ବିଭାଗ ସହ ଜିଲ୍ଲା ପ୍ରଶାସନ ଓ ସରଜୁ ଆଳତି ସମିତିକୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ବର୍ଷ ମଧ୍ୟ ରେକର୍ଡ ସଂଖ୍ୟକ ୨୬ ଲକ୍ଷ ୧୧ ହଜାର ୧୦୧ ଦୀପ ଏକକାଳୀନ ପ୍ରଜ୍ୱଳିତ ହୋଇଥିଲା।

## ଟ୍ରାକ୍‌କୁ...

ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମେ ଗ୍ରାମପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣର ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛୁ। ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିଅର ଇଞ୍ଜିନିଅର, ଗ୍ରାମ ରୋଜଗାର ସେବକ ଓ ଏକାଉଣ୍ଟାଣ୍ଟ-ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ଅର୍ଥାତ୍ ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡିକ ୱାନ୍ ଷ୍ଟପ୍ ୱାନ୍ ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ହିତାଧିକାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା କରିଛନ୍ତି। ହିତାଧିକାରୀମାନେ ମୁଣ୍ଡ ଉପରେ ଛାତ ବ୍ୟବସ୍ଥା କରିଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଗ୍ରାମପଞ୍ଚାୟତ ଭବନ ଗ୍ରାମୀଣ ଶାସନର ମୂଳ କେନ୍ଦ୍ର ହୋଇଥିବାରୁ ପଞ୍ଚାୟତ ପାଇଁ ଲୋକଙ୍କ ଆଶା- ଆକାଂକ୍ଷା ପୂରଣ କରିପାରୁଥିବା ତଥା ସମସ୍ତ ସେବା ଯୋଗାଇପାରିବା ଭଳି ଆଧୁନିକ ଭବନ ଦରକାର ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଓ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ନୀଳଚକ୍ର...

କେହି ଏହାକୁ ଶୁଭ ସଙ୍କେତ ବୋଲି କହୁଛନ୍ତି ତ ଆଉ କେହି ଏହାକୁ ଅଶୁଭ ସଙ୍କେତ ବୋଲି କହିବା ସହ କିଛି ଅଘଟଣ ଘଟିବା ନେଇ ଆଶଙ୍କା ପ୍ରକଟ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ନୀଳଚକ୍ର ଉପରେ ଚିଲ ବସିବା ନେଇ ମହାପ୍ରଭୁ କିଛି ସଙ୍କେତ ଦେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବିଇଓଙ୍କ...

ଶିକ୍ଷକମାନେ କୌଣସି କାମରେ ତାଙ୍କ ପାଖରେ ପହଞ୍ଚିଲେ, ଶ୍ରୀମତୀ ମହାପାତ୍ର ସେମାନଙ୍କୁ ଦୁର୍ବ୍ୟବହାର ସହ ଅପମାନିତ କରି ଫେରାଇ ଦେଉଥିବା ଅଭିଯୋଗ ହୋଇଛି।

ସେହିପରି ଅନେକ ସମୟରେ ବିଇଓ ନିଜ ବ୍ଲକରେ ନ ରହି ପାଖ ବ୍ଲକରେ ବୁଲନ୍ତି ଓ ନିଜ ଦାୟିତ୍ୱ ସଠିକ ଭାବେ ସମ୍ପାଦନ କରନ୍ତି ନାହିଁ। ଏଥିସହ ସେ କାର୍ଯ୍ୟରେ ଯୋଗଦେବା ଦିନଠୁ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କଠାରୁ ଆରମ୍ଭ କରି ଶିକ୍ଷକମାନଙ୍କୁ କଥା କଥାରେ ଧମକଚମକ ମଧ୍ୟ ଦେଉଛନ୍ତି। ଏମିତିକି କେହି କୌଣସି ସମସ୍ୟା ନେଇ ତାଙ୍କ ପାଖକୁ ଗଲେ ଶ୍ରୀମତୀ ମହାପାତ୍ର ଆଗେ ତାଙ୍କୁ ପଚାରନ୍ତି ସେ କେଉଁ ଦଳର ଲୋକ ଆଉ କାହାର ସମର୍ଥକ। ନିକଟରେ ସେ ଶିକ୍ଷକ ସଂଘର କେତେକ ସଦସ୍ୟଙ୍କୁ ବିନା କାରଣରେ ଅପମାନିତ କରିଥିଲେ। ପରେ ମାହାଙ୍ଗା ବିଧାୟକଙ୍କ ମଧ୍ୟସ୍ଥତାରେ ସେ ଉକ୍ତ ସଂଘ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ପ୍ରିୟାପ୍ରୀତିରେ ଲିପ୍ତ ଥିବା କର୍ମଚାରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ସବୁ ଦୋଷଦୁର୍ବଳତା ପ୍ରତି ଶ୍ରୀମତୀ ମହାପାତ୍ର ଆଖି ବୁଜିଦେଇଥିବା ବେଳେ କର୍ମଠ ଓ ସଚ୍ଚୋଟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ କଥା କଥାରେ ଧମକ ଦେଉଛନ୍ତି। ଯେପରିକି କୌଣସି ସଚ୍ଚୋଟ କର୍ମଚାରୀ କି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ନାଁରେ ଅନେକ ଅଭିଯୋଗ ରହିଛି ବୋଲି କହି ପରୋକ୍ଷ ଭାବେ ଭୟଭୀତ କରିବା, ଇଚ୍ଛା ଅଛି ଯଦି କାମ କର ନ ହେଲେ ଚାକିରି ଛାଡିଦିଅ ବୋଲି ଭର୍ତ୍ସନା କରୁଛନ୍ତି। ସେହିଭଳି ସେ ସରକାରଙ୍କ ନୀତିନିୟମକୁ ଅଣଦେଖା କରି ମନଇଚ୍ଛା ଦୁର୍ନୀତି ଓ ଲାଞ୍ଚ କାରବାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହା ପୂର୍ବରୁ ମାହାଙ୍ଗାର ଚୌଧୁରୀ ରାଧାନାଥ ବିଦ୍ୟାପୀଠରେ ଶ୍ରୀମତୀ ମହାପାତ୍ର ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ପଦବୀ ଓ କ୍ଷମତାର ଅପବ୍ୟବହାର କରି ସରକାରୀ ଅନୁଦାନ ଆତ୍ମସାତ କରିଥିଲେ। କ୍ଷମତାରେ ଅନ୍ଧ ହୋଇ ଶ୍ରୀମତୀ ମହାପାତ୍ର ଉକ୍ତ ସ୍କୁଲ୍‌ର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକଙ୍କୁ ତାଙ୍କ ଗାଡ଼ି ଚାଳକ ଭାବେ ମଧ୍ୟ ବ୍ୟବହାର କରୁଥିଲେ। ସରକାରୀ ଛୁଟି ସମୟରେ ଶିକ୍ଷକମାନଙ୍କ ଭିତରେ ବିଭାଜନ କରିବାକୁ ମଧ୍ୟ ସେ ଚକ୍ରାନ୍ତ କରିଥିଲେ। ଲାଞ୍ଚ କାରବାରରେ ଲିପ୍ତ ରହି ସେ ବେଆଇନ ଭାବେ ଅନେକ ଶିକ୍ଷକଙ୍କୁ ବଦଳି କରି ଶିକ୍ଷା ବିଭାଗରେ ଅରାଜକତା ସୃଷ୍ଟି କରୁଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଏଭଳି ବ୍ୟବହାର ପାଇଁ ଶ୍ରୀମତୀ ମହାପାତ୍ରଙ୍କ ବିରୋଧରେ ଏକ ମାମଲା ମଧ୍ୟ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ବିଚାରାଧୀନ ରହିଛି। ତେଣୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରିବା ସକାଶେ ନିଶ୍ଚିନ୍ତକୋଇଲିବାସୀ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ଢୋଲ...

ନଥାନ୍ତି। ହେଲେ ଏବେ ପ୍ରଚାର ନିଶାରେ ମସଗୁଲ ଥିବା ବିଏମସିର ସ୍ୱାସ୍ଥ୍ୟ ଅଧିକାରୀମାନେ ନିଜ ପ୍ରଚାରରେ ମାତିଥିବାରୁ ବିଭିନ୍ନ ସ୍ଥାନକୁ ଯିବା ପୂର୍ବରୁ ବାତ୍ୟା ସୂଚନା ପ୍ରଦାନ ଭଳି ଚଢ଼ାଉ ସୂଚନା ଦେବାକୁ ବି ପଛାଉନାହାନ୍ତି। ସବୁଠାରୁ ରୋଚକ କଥା ହେଲା, ପାର୍ବଣ ସମୟକୁ ବାଦ୍ ଦେଲେ ବିଏମସି ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ସହରରେ ଦେଖାଦର୍ଶନ ମିଳିନଥାଏ। ଯଦି କୌଣସିଠାରେ ଖାଦ୍ୟଜନିତ ସମସ୍ୟା ଦେଖାଦିଏ, ତା'ହେଲେ କାଁ ଭାଁ ଚଢ଼ାଉ କରାଯାଏ। ପାର୍ବଣ ସମୟରେ ପ୍ରଚାର ପ୍ରସାର ପାଇଁ ସ୍ୱାସ୍ଥ୍ୟ ଅଧିକାରୀମାନେ ଯେଭଳି ଚଢ଼ାଉ କରୁଛନ୍ତି, ଅନୁରୂପ ଚଢ଼ାଉ ବର୍ଷସାରା ବିନା ସୂଚନାରେ କରାଗଲେ ଅନ୍ତତଃପକ୍ଷେ ରାଜଧାନୀବାସୀ ମିଠାଠାରୁ ଆରମ୍ଭ କରି ଭଲ ମାନର ମାଛ, ମାଂସ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପାଇପାରନ୍ତେ ବୋଲି ଚଢ଼ାଉ ସ୍ଥଳରେ ଉପସ୍ଥିତ ଲୋକେ ମତ ଦେଉଛନ୍ତି।

## ଦୁଷ୍କର୍ମୀକୁ...

ପହଞ୍ଚି କରୁଣାକରକୁ ପିଟି ପିଟି ଜୀବନରେ ଶେଷ କରିଦେଇଥିଲା। ଏହାପରେ ସେ ଶବକୁ ନାଳରେ ଫିଙ୍ଗିଦେଇଥିଲା। ତେବେ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋହନପଶି ନିକଟସ୍ଥ ନାଳରୁ କରୁଣାକରର ମୃତଦେହକୁ ଉଦ୍ଧାର କରିଛି। ପରଜଙ୍ଗ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ପୁଲିସର ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ଯୁବତୀଙ୍କ ପିତାଙ୍କୁ ଆହୁରି ୧୦ ଜଣ ସହଯୋଗ କରିଥିବା ଶୁଣିବାକୁ ମିଳିଛି। ଅବଶ୍ୟ ପୁଲିସ୍ ତଦନ୍ତ ସରିବା ପରେ ଏହା ସ୍ପଷ୍ଟ ହେବ। କିନ୍ତୁ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି।

# ତେଲ ଚୋରିର ଭୂସ୍ୱର୍ଗ ପାଲଟିଲାଣି ପାରାଦୀପ




**ପାରାଦୀପ,୧୯।୧୦ (ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପର ତିନୋଟି ତେଲ ଡିପୋରୁ ରାଜ୍ୟର ବିଭିନ୍ନ ତେଲ ଡିପୋକୁ ତେଲ ଟ୍ୟାଙ୍କର ମାଧ୍ୟମରେ ତେଲ ସପ୍ଲାଇ କରାଯାଉଛି। ଏହି ତେଲ ଟ୍ୟାଙ୍କରରୁ କିଛି ଚୋର ଡ୍ରାଇଭରଙ୍କୁ ହାତକରି ପାରାଦୀପର ବିଭିନ୍ନ ଜାଗାରେ ତେଲ କାଟି ରଖୁଛନ୍ତି। ପରିତ୍ୟକ୍ତ ଜାଗାରେ ଏକାଧିକ ତେଲ ବ୍ୟାରେଲ ଭର୍ତି ହେବାପରେ ଏମାନେ ସେହି ତେଲକୁ କିଛି ରିହାତି ମୂଲ୍ୟରେ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କମାଉଥିବା ବେଳେ କିଛି ଚୋର ତୈଳ ବିଶୋଧନାଗାରକୁ ଯାଇଥିବା ପାଇପ ଲାଇନରୁ ମଧ ତେଲ ଚୋରି କରି କୋଟିପତି ପାଲଟି ଗଲେଣି। ସେହିପରି ବନ୍ଦର ନିଷିଦ୍ଧାଞ୍ଚଳକୁ ଯାଉଥିବା କିଛି ଟ୍ୟାଙ୍କର ମଧ୍ୟରୁ ମଧ ଏହି ଅସାଧୁ ତେଲ ଚୋରମାନେ ତେଲ ଚୋରି କରି ଆଣି ବିକ୍ରି କରୁଛନ୍ତି। ଗତ କିଛି ମାସ ତଳେ ପିପିଏଲ ଛକ ନିକଟରେ ଥିବା ଏକ କଣ୍ଟେନରରେ ଚୋରା ତେଲ ଗଛିତ ଥିବାବେଳେ ଚୋର ମାନଙ୍କ ମଧ୍ୟରେ ବ୍ୟବସାୟିକ ବିବାଦ ହେତୁ ବୋମା ମାଡ଼ ହୋଇ କଣ୍ଟେନର ନିଆଁ ଲାଗିଲା ଓ ଦୁଇଟି ଟ୍ରକ ମଧ ପୋଡିଗଲା। ଅନେକ ସମୟ ହେବ ଏହି ବ୍ୟବସାୟ ଟିକେ ଧିମା ପଡିଥିବା ବେଳେ ପୁଣି ଗତ କିଛିମାସ ହେବ ଏହି ତେଲ ଚୋରି ଆରମ୍ଭ ହୋଇଛି।

ଟର୍ମିନାଲ ଛକର କିଛି ଦୂରରେ ଥିବା ନୂତନ ନିର୍ମାଣାଧୀନ ରାସ୍ତାରେ ଥିବା ଏକ ପରିତ୍ୟକ୍ତ ଜାଗାରେ ଏହି ଚୋରମାନେ ତେଲ ଗଛିତ ରଖୁଥିବା ବେଳେ ଏକ ପୁରୁଣା ବ୍ୟବସାୟୀ ଗତ ଚାରିଦିନ ହେବ ଟର୍ମିନାଲ ଛକକୁ ଆସି ତେଲ ଚୋରି ବ୍ୟବସାୟ ଆରମ୍ଭ କରିଥିଲା। ସେଠାରେ ପୂର୍ବରୁ ଚୋରା ତେଲ ବ୍ୟବସାୟ କରୁଥିବା ଚୋରମାନେ ଅତି ସତର୍କତାର ସହ ତେଲ କଟାହେବା ବେଳେ ପୁଲିସକୁ ଖବର ଦେଇ ଧରାଇ ଦେଇଥିବା ଚର୍ଚ୍ଚା ହେଉଛି। ପୁଲିସ ୪୨୦ ଲିଟର ଚୋରା ଡିଜେଲ ସହ ଦୁଇ ଡ୍ରାଇଭରଙ୍କୁ ଧରି ଥାନାକୁ ଆଣିଛି। କିନ୍ତୁ ଏହି ତେଲକୁ ଚୋରି କରୁଥିବା ରାକେଟର ମୁଖ୍ୟ ଖସିଯିବା ଓ ଉଭୟ ତେଲ ଚୋରି ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଶୁଣିବାକୁ ମିଳିଛି । ଗୋଟିଏ ଗୋଷ୍ଠୀ କିଭଳି ଭାବେ ଦୀର୍ଘଦିନ ହେବ ସେହି ଜାଗାରେ ତେଲ ବ୍ୟବସାୟ କରୁଛନ୍ତି ଓ ଦିନରାତି କାହା ଅନୁକମ୍ପାର ସେମାନଙ୍କ ପାଖରେ ପୋଲିସ ପହଂଚି ପାରୁନାହିଁ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

## ୬ ଫୁଟର ଅଜଗର ସାପ ଉଦ୍ଧାର



**ହିଞ୍ଜିଳିକାଟୁ,୧୯।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଗୌଡ଼ାଞ୍ଚଳ ସ୍ଥିତ ବ୍ରୁକ କଲୋନୀ ତଥା ପଶୁଡାକ୍ତରଖାନା ସାମ୍ନା ଯୁଧିଷ୍ଠିର ଦଳେଇଙ୍କ ଘର ସମ୍ମୁଖରୁ ଶନିବାର ରାତିରେ ୬ଫୁଟିଆ ଅଜଗରକୁ ଉଦ୍ଧାର କରାଯାଇଛି। ରାତି ଅଧରେ କୁକୁରମାନେ ଲଗାତାର ଭୁକିବାରୁ ସ୍ଥାନୀୟ ଲୋକ ବାହାରକୁ ଆସି ବିରାଟକାୟ ଅଜଗର ସାପ ଦେଖିଥିଲେ। ସଙ୍ଗେ ସଙ୍ଗେ ସ୍ନେକ ହେଲ୍ପ ଲାଇନ ସଦସ୍ୟକୁ ଜଣାଇଥିବା ବେଳେ ସ୍ନେକ ହେଲ୍ପ ଲାଇନ ସଦସ୍ୟ କାଳିଆ ନାହାକ ପହଂଚି ଅଜଗରକୁ ଉଦ୍ଧାର କରି ଜଙ୍ଗଲକୁ ନେଇ ଛାଡିଥିଲେ। ଏହା ପରେ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ



**ଛତ୍ରପୁର,୧୯।୧୦(ସଂଚାର ବ୍ୟୁରୋ):** ରମ୍ଭା ଥାନା ଅନ୍ତର୍ଗତ ହୁମ୍ମା ଫାଣ୍ଡି ଅଧୀନରେ ଥିବା ହୁମା ହାଟ ପଡିଆ ନିକଟରେ ଖଜୁରାପଲ୍ଲୀ ଛକ ପାଖରେ ଆଜି ଅପରାହ୍ନ ସମୟରେ ଏକ ଦୁଃଖଦ ସଡକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କା ଫଳରେ ଜଣେ ବ୍ୟକ୍ତି ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ରାମଚନ୍ଦ୍ର ମହାରଣା (୪୫), ଘର ନରେନ୍ଦ୍ର ବାଲି ଗ୍ରାମ, କେ.ନୂଆଗାଁ ଥାନା ଅନ୍ତର୍ଗତ ବୋଲି ଜଣାପଡ଼ିଛି। ଧକ୍କା ପରେ ଅଜଣା ଗାଡି ଚାଳକ ଗାଡି ସହ ଫରାର ହୋଇଯାଇଛନ୍ତି। ସୂଚନା ପାଇ ହୁମ୍ମା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ଛତ୍ରପୁର ହସ୍ପିଟାଲକୁ ପଠାଇଛନ୍ତି। ଏପର୍ଯ୍ୟନ୍ତ ଗାଡି ଓ ଚାଳକଙ୍କ ପରିଚୟ ମିଳିନାହିଁ, ପୁଲିସ ତଦନ୍ତ ଜାରି ରଖିଛି।

## ଜଳିଗଲା ୩ ବାଣ ଦୋକାନ



**ଛତ୍ରପୁର,୧୯।୧୦(ସଂଚାର ବ୍ୟୁରୋ):** ଦୀପାବଳି ପୂର୍ବ ସନ୍ଧ୍ୟାରେ ରମ୍ଭା ସହରରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଧୋବାସୀ ପୋଖରୀ ନିକଟରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବାଣ ଦୋକାନରେ ଆଜି ଅପରାହ୍ନ ୩ଟା ସମୟରେ ହଠାତ୍ ସର୍ଟ ସର୍କିଟ୍ ହେବା ଫଳରେ ନିଆଁ ଲାଗିଯାଇଥିଲା। ଅତି ସ୍ୱଳ୍ପ ସମୟରେ ଅଗ୍ନି ଦ୍ରୁତ ଭାବରେ ପାଖପାଖି ଥିବା ଅନ୍ୟ ୨ଟି ବାଣ ଦୋକାନକୁ ବ୍ୟାପିଯାଇଥିଲା। ଏହାର ଫଳରେ ଲକ୍ଷାଧିକ ଟଙ୍କା ମୂଲ୍ୟର ବାଣ ଓ ସାମଗ୍ରୀ ଜଳି ଖାକ ହୋଇଯାଇଛି। ଭାଗ୍ୟକ୍ରମେ ବଡ଼ ମାନବୀୟହାନି ହୋଇନଥିଲେ ମଧ, ଜନଜୀବନରେ ଭୟ ଓ ଅସନ୍ତୋଷର ପରିସ୍ଥିତି ଦେଖିବାକୁ ମିଳିଛି। ଘଟଣା ସୂଚନା ପାଇ ରମ୍ଭା ଅଗ୍ନିଶମ ବିଭାଗର ୨ଟି ଗାଡ଼ି ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଅଗ୍ନିକୁ ନିୟନ୍ତ୍ରଣ କରିଥିଲେ।

## ମନ୍ଦିର କୂଅରୁ ଯୁବକର ମୃତଦେହ ଉଦ୍ଧାର ଘଟଣାରେ ପଶ୍ଚିମବଙ୍ଗ ପୁଲିସର ତଦନ୍ତ



**ସାଲେପୁର,୧୯।୧୦(ସଂଚାର ବ୍ୟୁରୋ):** ମନ୍ଦିର କୂଅରୁ ଯୁବକର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ଆଜି ପଶ୍ଚିମବଙ୍ଗ ପୁଲିସ ସାଲେପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯୁବକର ମୃତ୍ୟୁ କିପରି ହେଲା, କେଉଁ ପରିସ୍ଥିତିରେ ସେ ଓଡ଼ିଶା ଆସି ସାଲେପୁର ଅଞ୍ଚଳରେ ପହଞ୍ଚିଲା, କୂଅରେ କିପରି ପଡ଼ି ମୃତ୍ୟୁବରଣ କଲା, ଏ ସମସ୍ତ ଦିଗକୁ ଆଧାର କରି ପଶ୍ଚିମବଙ୍ଗର ୨ଜଣିଆ ପୁଲିସ ଟିମ୍ ଯୁବକର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ ଗତ ୧୭ତାରିଖ ଦିନ ସକାଳେ ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଏକ କୂଅ ମଧ୍ୟରୁ ପଶ୍ଚିମବଙ୍ଗ ଅଞ୍ଚଳର ରମେଶ ମାଂଝୀ(୨୬)ଙ୍କ ଗଳିତ ମୃତଦେହ ସାଲେପୁର ପୁଲିସ ଉଦ୍ଧାର କରିଥିଲା। ମୃତ ରମେଶଙ୍କ ପ୍ୟାଣ୍ଟ ପକେଟରୁ ପ୍ୟାନ୍ କାର୍ଡ ଓ ଏଟିଏମ୍ କାର୍ଡରୁ ତାର ପରିଚୟ ପାଇବାପରେ ସାଲେପୁର ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା।

● ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ ଘଟଣା

## ପରିବାରକୁ ଭେଟିଲେ ଯୁବନେତା ଚିତ୍ତରଞ୍ଜନ



**ମାର୍ଶାଘାଇ,୧୯।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅଧୀନ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ଗୋପିନାଥ ଦାସଙ୍କ ପୁଅ ବ୍ରଜବନ୍ଧୁ ଦାସ (୬୨) ଙ୍କର ୧୧ ତାରିଖ ଦିନ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବ୍ରଜବନ୍ଧୁ ଘରର ମୁଖ୍ୟ ରୋଜଗାରିଆ ଭାବରେ ଦିନ ମଜୁରିଆ କାର୍ଯ୍ୟ କରି ୬ ପ୍ରାଣୀଙ୍କ ମୁହଁରେ ଆହାର ଦେଉଥିଲେ। ବ୍ରଜବନ୍ଧୁଙ୍କ ଦେହାନ୍ତ ପରେ ଦୁଇ ପୁଅ, ଦୁଇ ଝିଅ, ୮୫ ବର୍ଷୀୟା ବୃଦ୍ଧା ମାଆ ଓ ଧର୍ମ ପତ୍ନୀ ଏବେ ବେସାହାରା ହୋଇ ପଡିଛନ୍ତି। ରହୁଥିବା ବାସଗୃହଟିକୁ ଛାଡ଼ିଲେ ତାଙ୍କର ଆଉ ସମ୍ବଳ ବୋଲି କିଛି ନାହିଁ। ଏମିତି ପରିସ୍ଥିତିରେ ସ୍ୱାମୀଙ୍କ ଦେହାନ୍ତ ପତ୍ନୀ ଭଗବତି ଦାସଙ୍କୁ ଚିନ୍ତାରେ ପକାଇଛି। ପିଲାମାନଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣର ଚିନ୍ତାକୁ ଏବେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କେମିତି କରିବେ ସେ କଥାକୁ ଭାବି ଭାବି ଅର୍ଥନିଃଶ୍ୱାସୀ ହୋଇ ପଡ଼ି ସରକାରୀ, ସାମାଜିକ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପରିବାର ପାଖରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ପହଞ୍ଚି ସହଯୋଗ କରୁଛନ୍ତି। ଆଜି ଯୁବନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେଇଛନ୍ତି। ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ସେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ଚିତ୍ତରଞ୍ଜନ।

## ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୯।୧୦(ସଂଚାର ବ୍ୟୁରୋ):** ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀମାନଙ୍କ କାର୍ତ୍ତିକ ପଂଚୁକ ବ୍ରତ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଅକ୍ଟୋବରମାସ ୩୧ତାରିଖ ଠାରୁ ନଭେମ୍ବରମାସ ୫ତାରିଖ ପର୍ଯ୍ୟନ୍ତ ତୁଳସୀକ୍ଷେତ୍ରରେ ଏହି ବ୍ରତ ପାଳନ କରାଯିବ। ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସରେ ହବିଷ୍ୟାଳୀମାନଙ୍କ ପାଇଁ କାର୍ତ୍ତିକ ପଂଚୁକ ବ୍ରତ ପାଳନ ଅବସରରେ ଦୈନିକ ବିଭିନ୍ନ ସାଧୁସନ୍ଥମାନଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ, ଆଲୋଚନା ଚକ୍ର ଓ ସଂର୍କୀନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି କିଭଳି କରାଯିବ ସେଥିନିମନ୍ତେ ଯଥାଯଥ ଭାବେ କାର୍ତ୍ତିକ ପଞ୍ଚୁକ ବ୍ରତ ବିଧି ମୁତାବକ ପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା

## ବୃଦ୍ଧାଶ୍ରମରେ ଜନ୍ମଦିନ ପାଳି ସମାଜକୁ ଦେଲେ ନିଆରା ବାର୍ତ୍ତା



**ମହାକାଳପଡ଼ା,୧୯।୧୦(ସଂଚାର ବ୍ୟୁରୋ):** ଜଣେ ଯୁବକ ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀମାନଙ୍କ ଗହଣରେ ନିଜର ଜନ୍ମଦିନ ପାଳନ କରି ସମାଜକୁ ନିଆରା ସଚେତନତାର ବାର୍ତ୍ତା ଦେଇଛନ୍ତି। କେବଳ ସେତିକି ନୁହେଁ ବୟସ୍କ ମାନଙ୍କ ପାଖରୁ ଆଶୀର୍ବାଦ ନେବା ସହିତ ତାଙ୍କ ମୁହଁରେ ହସ ଫୁଟାଇଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ମେରଦା ଗ୍ରାମର ଯୁବନେତା ଇଂ ରୁଦ୍ରନାରାୟଣ ମୁଦୁଲି ତାଙ୍କର ଜନ୍ମଦିନକୁ ଖରିନାସି ଠାରେ ଥିବା ବରିଷ୍ଠ ନାଗରିକ ନିବାସରେ ଅନ୍ତେବାସୀମାନଙ୍କ ଗହଣରେ ବନ୍ଧୁମାନଙ୍କ ସହିତ ପାଳନ କରିଛନ୍ତି। ଅନ୍ତେବାସୀମାନଙ୍କୁ ମନ ପସନ୍ଦର ଖାଦ୍ୟ ଖୁଆଇ ତାଙ୍କ ଆଶୀର୍ବାଦ ନେବା ସହିତ ତାଙ୍କ ମୁହଁରେ ହସ ଫୁଟାଇଛନ୍ତି। ଆଜିର ଯୁବପିଢ଼ୀ ଜନ୍ମଦିନକୁ ଅନ୍ୟାନ୍ୟ ଢଙ୍ଗରେ ପାଳନ କରୁଥିବା ବେଳେ ରୁଦ୍ର ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିବା ଆଜିର ସମାଜ ପାଇଁ ନିତ୍ୟାନ୍ତ ଆବଶ୍ୟକ।

**ପୂଜା ପେଣ୍ଡାଲରେ ନଗ୍ନ ନୃତ୍ୟକୁ ନେଇ ବିବାଦ**

## ତ୍ୱରିତ ପଦକ୍ଷେପ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ମାର୍ଶାଘାଇ,୧୯।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ଲକ୍ଷ୍ମୀପୂଜାରେ ମେଲୋଡ଼ି ନାଁରେ ଜଣେ ଆଇଟମ ଗାର୍ଲ୍ ଅଶ୍ଲୀଳତାର ସବୁ ସୀମା ପାର କରି ନଗ୍ନ ନୃତ୍ୟ କରିବା ଘଟଣା ଏବେ ରୋଚକ ପରିସ୍ଥିତିରେ ପହଞ୍ଚିଛି। ସମ୍ପୃକ୍ତ ଆଇଟମ ଗାର୍ଲ୍‌ଙ୍କ ସମେତ କମିଟି ସଦସ୍ୟ ଓ ସଭାପତି, ସମ୍ପାଦକଙ୍କ ନାମରେ ଅଶ୍ଲୀଳତାକୁ ପ୍ରୋତ୍ସାହନ କରାଇଥିବାରୁ ମାର୍ଶାଘାଇ ଥାନାରେ ଜଣେ ମହିଳା ଅଭିଯୋଗ କରିଥିଲେ। ଏବେ ଘଟଣା ପହଞ୍ଚିଛି ଗୃହ ବିଭାଗ ନିକଟରେ। ତ୍ୱରିତ ପଦକ୍ଷେପ ପାଇଁ କେନ୍ଦ୍ରାପଡ଼ା ଏସ୍ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ ମାର୍ଶାଘାଇ ଜୁଣ ଛକରେ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମଙ୍ଗଳବାର ମେଲୋଡ଼ି କାର୍ଯ୍ୟକ୍ରମ ପାଇଁ ଆଇଟମ ଗାର୍ଲ୍ ସାହୁ ଭାଉଜଙ୍କୁ ଡକା ଯାଇଥିଲା। ହେଲେ ଆଇଟମ ଗାର୍ଲ୍ ଯେଉଁଭଳି ନଗ୍ନତା ଦେଖାଇଲେ ସେ ନେଇ ଜଣେ ମହିଳା କମିଟି କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ଆଇଟମ ଗାର୍ଲ୍‌ଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ପାଇଁ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶନିବାର ସୁବ୍ରତ କୁମାର ସେଠୀ ସମ୍ପୃକ୍ତ ଆଇଟମ ଗାର୍ଲ୍‌ଙ୍କ ଅଶ୍ଲୀଳତା ପ୍ରଦର୍ଶନ ଛୋଟ ପିଲାମାନଙ୍କ ପାଇଁ ବିପଦ ଓ ଏହି ଘଟଣାରେ ପ୍ରଶାସନ ଓ ପୁଲିସ ନିରବ ଥିବା ଦର୍ଶାଇ ଆଇଟମ ଗାର୍ଲ୍‌ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉଲ୍ଲେଖ କରିଥିଲେ। ସୁବ୍ରତଙ୍କ ଅଭିଯୋଗ ପରେ ଘଟଣାରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଏସ୍ପିଙ୍କୁ ଗୃହ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାରେ କେନ୍ଦ୍ରାପଡ଼ା ଏସ୍ପି କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଅନାଥ ଦୁଇ ନାବାଳକକୁ ଥଇଥାନ କରିବାକୁ ଦାବି



**ଫୁଲବାଣୀ,୧୯।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡ଼ି ପଞ୍ଚାୟତ ଉପର ଶ୍ରୀଗୁଣୀ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାପ କାମୁଡାରେ ମା'ଙ୍କର ମୃତ୍ୟୁ ଘଟିଥିବା ବେଳେ ମାତ୍ର ଦୁଇ ମାସ ପରେ ବାପାଙ୍କର ଅଚାନକ ମୃତ୍ୟୁ ଘଟିବା ପରେ ଦୁଇ ଜଣ ନାବାଳକ ପୁଅ ଅନାଥ ହୋଇ ପର ଘରେ ଆଶ୍ରୟ ନେବା ସହ ବହୁ ଅସୁବିଧାରେ ଚଳୁଛନ୍ତି ।

ସୂଚନା ଅନୁସାରେ ପଲାବୃଡ଼ି ପଞ୍ଚାୟତ ୧୪ ନମ୍ବର ୱାର୍ଡ ଉପର ଶ୍ରୀଗୁଣୀ ଗାଁରେ ଚଳିତ ବର୍ଷ ଜୁଲାଇ ମାସରେ ଘରେ ଶୋଇଥିବା ଅବସ୍ଥାରେ ରାତିରେ ଲକ୍ଷଣ ବିନ୍ଧାଣିଙ୍କ ସ୍ତ୍ରୀ ମଲି ବିନ୍ଧାଣିଙ୍କୁ ବିଷାକ୍ତ ସାପ କାମୁଡି ଥିଲା। ତୁରନ୍ତ ତାଙ୍କୁ ମେଡିକାଲକୁ ନିଆଯାଇଥିଲେ ମଧ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପରେ ନିଜେ ଲକ୍ଷଣ ବିନ୍ଧାଣି ନିଜର ୯ ବର୍ଷର ପୁଅ ଶିବୁ ବିନ୍ଧାଣି ଓ ୫ ବର୍ଷର ପୁଅ ଆଦର୍ଶ ବିନ୍ଧାଣିକୁ ଧରି ଘରେ ରହୁଥିଲେ । ମାତ୍ର ଦୁଇ ମାସ ମଧ୍ୟରେ ଚଳିତ ମାସ ୧୫ ତାରିଖରେ ଲକ୍ଷଣ ବିନ୍ଧାଣିଙ୍କର ମଧ ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁ ପରେ ଦୁଇ ନାବାଳକ ଅସହାୟ ହୋଇ ପଡିବା ସହ ଅନାଥ ହୋଇଗଲେ । ଅସହାୟ ଅବସ୍ଥାରେ ନାବଳକ ଦୁଇଜଣ ନିଜ ବଡ଼ ବାପା ଗୁମ୍ଫୁରୀ ବିନ୍ଧାଣିଙ୍କ ଘରେ ଆଶ୍ରୟ ନେଇଛନ୍ତି ।

ଗୁମ୍ଫୁରୀ ବିନ୍ଧାଣି ମଧ ଜଣେ ଅସହାୟ କୁଲି ମଜୁରୀ ସହ ଲୁହା ଶାଳ କାମ କଲେ ନିଜର ପେଟ ପୋଷିବା ସହ ନିଜର ଚାରି ପୁଅ ଝିଅ ଏବଂ ସ୍ତ୍ରୀଙ୍କୁ ନେଇଁ ବଡ଼ କଷ୍ଟରେ ଚଳୁଛନ୍ତି। ବର୍ତମାନ ପରିସ୍ଥିତିରେ ସମସ୍ତଙ୍କୁ ଗୋଟିଏ ଜାଗାରେ ଚଳେଇବା ମଧ କଷ୍ଟକର ହୋଇ ପଡିଛି। ତୁରନ୍ତ ସରକାର ସମସ୍ୟାକୁ ଅନୁଭବ କରି ଦୁଇ ନାବାଳକକୁ ସାହାଯ୍ୟ ଓ ସହଯୋଗ କରିବା ବଡ଼ ବାପା ଗୁମ୍ଫୁରୀ ବିନ୍ଧାଣି ସହ ଗ୍ରାମବାସୀ ଦାବୀ କରିଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିଭାଗରେ ପିଅନ ରାଜୁତି

**କେନ୍ଦ୍ରାପଡ଼ା,୧୯।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ପିଅନ ସନ୍ତୋଷ କୁମାର କୁଣ୍ଡୁ ଭିଜିଲାନ୍ସରେ ଧରାଇ ଦେବାକୁ ଧମକ ଦେଉଛନ୍ତି । କେବଳ ପିଅନ ନୁହଁନ୍ତି ପିଅନଙ୍କ ପତ୍ନୀ ମଧ ବାରମ୍ବାର ଫୋନକରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଭିନ୍ନ ଧମକଚମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ପିଅନ ଜଣକ ପୂର୍ବରୁ କେନ୍ଦ୍ରାପଡ଼ା ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ କାର୍ଯ୍ୟରେ ଅବହେଳା କରିବା ଓ ବିଶୃଙ୍ଖଳିତ ଆଚରଣ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ହଟିବା ପରେ ତାଙ୍କୁ ମହାକାଳପଡ଼ା ବଦଳି କରାଯାଇଥିଲା। ଏହାପରେ ସେ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ତାଙ୍କ ବିରୋଧରେ ଏବେ ବିଭାଗୀୟ ତଦନ୍ତ ଚାଲିଛି । ବିଭାଗୀୟ ତଦନ୍ତ ନ କରି ତାଙ୍କୁ କ୍ଲିନ ଚିଟ ଦେବ ପାଇଁ ସେ ଦାବି କରୁଛନ୍ତି। ଏଥିରେ ମୁଁ ରାଜି ନ ହେବାରୁ ମୋତେ ଭିଜିଲାନ୍ସରେ ଧରାଇ ଦେବାର ଧମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି। ପୂର୍ବରୁ ଦୁଇଜଣ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଏହି ପିଅନ ଜଣଙ୍କ ଭିଜିଲାନ୍ସରେ ଧରାଇ ଦେଇଥିଲେ। ଏହି ସାହାସରେ ସେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଧମକ ଦେଉଛନ୍ତି । କେତେକ ଅଧିକାରୀଙ୍କୁ ଭିଜିଲାନ୍ସର ଧମକ ଦେଇ ବ୍ଲାକମେଲିଙ୍ଗ କରି ବହୁ ଅର୍ଥ ଆଦାୟ କରୁଥିବା ଭଳି ସଂଗୀନ ଅଭିଯୋଗ ତାଙ୍କ ବିରୋଧରେ ରହିଛି । ଏଭଳି ଘଟଣାକୁ ନେଇ ସାରା ଜିଲ୍ଲାରେ ହଟଚମଟ ସୃଷ୍ଟି ହୋଇଛି।

## ପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅର୍ଥରାଶି ପ୍ରଦାନ




**ଯାଜପୁର,୧୯।୧୦(ସଂଚାର ବ୍ୟୁରୋ):** ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରାମାଞ୍ଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ନିମନ୍ତେ ଆଜି ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ନୂତନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ଓଡ଼ିଶାର ୨୮ଟି ଜିଲ୍ଲାର ୪୮,୬୯୩ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ କର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନାର ଲାଭ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଆଜିର ଏହି ଶୁଭ ଅବସରରେ ଯାଜପୁର ଜିଲ୍ଲାରେ ଯୋଗ୍ୟ ୧,୬୬୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଗୃହ ନିର୍ମାଣ ନିମନ୍ତେ ତୃତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତି ଆକାରରେ ୪୦,୦୦୦ ଅର୍ଥ ରାଶି ପ୍ରଦାନ କରାଯାଇଛି।

ଏହା ସହିତ ଆଜି ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲାର ୧୦ଟି ପଞ୍ଚାୟତରେ ଯଥା: ବରୀ ବ୍ଲକର ବାଲିବିଲି ପଞ୍ଚାୟତ, ଧର୍ମଶାଳା ବ୍ଲକର ପଖାର ପଞ୍ଚାୟତ, ରସୁଲପୁର ବ୍ଲକର ବଡକାଇଞ୍ଚି ପଞ୍ଚାୟତ, କୋରେଇ ବ୍ଲକର ଗୌରପୁର ପଞ୍ଚାୟତ, ବିଂଝାରପୁର ବ୍ଲକର ଗୁହାଳି ପଞ୍ଚାୟତ, ଦଶରଥପୁର ବ୍ଲକର ଡହଣୀହତା ପଞ୍ଚାୟତ, ଯାଜପୁର ବ୍ଲକର ବଡ଼ସୁଆର ପଞ୍ଚାୟତ, ସୁକିନ୍ଦା ବ୍ଲକର କଙ୍କଡାପାଳ ପଞ୍ଚାୟତ ଏବଂ ବଡ଼ଚଣା ବ୍ଲକର ଶାଳପଦା ଓ ବୈରୀ ପଞ୍ଚାୟତରେ ନୂଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ଅଭିଯାନ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୯।୧୦(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମରେ ସାଇବର ରଥକୁ ପତାକା ଦେଖାଇ ସାଇବର ସୁରକ୍ଷା ଅଭିଯାନ -୨୦୨୫ ଉଦଘାଟନ କରିଛନ୍ତି। ଏଥିସହିତ ସାଇବର ରଥ ଜିଲ୍ଲା ଭ୍ରମଣ କରି ଅନଲାଇନ୍ ଠକେଇ ନିବାରଣ, ତଥ୍ୟ ଗୋପନୀୟତା, ସାମାଜିକ ଗଣମାଧ୍ୟମ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଆଚରଣ ଭଳି ବିଷୟଗୁଡ଼ିକ ଉପରେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ। ଏହି ପଦକ୍ଷେପର ଅଂଶ ସ୍ୱରୂପ, ଖୋର୍ଦ୍ଧା ପୁଲିସ ଡିପିଓ ସମ୍ମିଳନୀ ହଲ ଏବଂ ଖୋର୍ଦ୍ଧା ପୁଲିସ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ପୁଲିସ କର୍ମଚାରୀ ଏବଂ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା।




## ଦୀପାବଳିରେ ମାଟି ଦୀପର ଚାହିଦା ନାହିଁ



**ଆନନ୍ଦପୁର,୧୯।୧୦ (ସଂଚାର ବ୍ୟୁରୋ):** ଦୀପାବଳୀ ପାଇଁ ଗାଁଠୁ ସହର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଦୀପାବଳୀରେ ଦୀପ ଜାଳିବା ବଦଳେ ଚାଇନା ଲାଇଟ୍‌କୁ ବଢୁଛି ଆକୃଷ୍ଟ। ଚାକଚକ୍ୟ ମଧ୍ୟରେ ମାଟିଦୀପର ଚାହିଦା କମୁଛି, ଜୀବିକା ଉପରେ ପ୍ରଭାବ ପଡୁଛି। କାଳୀପୂଜା ସାଙ୍ଗକୁ ଦୀପାବଳି ପାଳନ ପାଇଁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜୋରଦାର ପ୍ରସ୍ତୁତି ଚାଲିଛି। ଦୀପାବଳିର ମୁଖ୍ୟ ଆକର୍ଷଣ ହେଉଛି ମାଟିଦୀପ ତେବେ ଅନେକ ସ୍ଥାନରେ ମାଟିଦୀପ ବଦଳରେ ଏବେ ଚାଇନା ରଙ୍ଗିନ ଲାଇଟ୍ ଓ କ୍ୟାଣ୍ଡେଲ ଲଗାଯାଉଛି। ଚାକଚକ୍ୟ ମଧ୍ୟରେ ମାଟିଦୀପର ଚାହିଦା କମିଯାଉଥିବାରୁ କାରିଗରଙ୍କ ଜୀବିକା ସଙ୍କଟରେ ପଡ଼ିଛି।

ଆନନ୍ଦପୁର ଉପଖଣ୍ଡର ଫକୀରପୁର, ମୁଗୁପୁର, ଜଳସୁଆଁ, ଟୋଲଙ୍ଗପଡ଼ା ଆନନ୍ଦପୁର, ଦେଓଗାଁ, କେଶଦୁରା ପାଲ ଅଞ୍ଚଳରେ ମାଟିଦୀପ ତିଆରି ହୋଇଥାଏ। ପାଖାପାଖି ପାଞ୍ଚ ଶହ ପରିବାର ନିଜର କୌଳିକ ବୃତ୍ତିକୁ ଆଦରି ନେଇ ମାଟିଦୀପ ତିଆରି କରୁଛନ୍ତି। ଦୀପାବଳି ଥିବାରୁ ପ୍ରସ୍ତୁତ ହୋଇଥିବା ଦୀପଗୁଡ଼ିକୁ ସ୍ଥାନୀୟ ଦୋକାନ, ବଜାରରେ ବିକ୍ରି କରିବା ସହିତ ଆନନ୍ଦପୁରର ପ୍ରମୁଖ ମନ୍ଦିର ଦଧିବାମନଜିଉ, ବାଲୁଙ୍କେଶ୍ୱର, ଉତ୍ତରେଶ୍ୱର, ଝାଡ଼େଶ୍ୱର, କୁଶଳେଶ୍ୱର ମନ୍ଦିର, ନୂଆପଡ଼ାର ଜଗନ୍ନାଥ ମନ୍ଦିରକୁ ବର୍ଷତମାମ ଦୀପ ଯୋଗାଯାଏ। ତେବେ ଚାଇନା ଲାଇଟ୍‌କୁ ଭୁଲି ଆମେ ସଭିଏଁ ମାଟି ଦୀପକୁ ବ୍ୟବହାର କରିବା ଆବଶ୍ୟକତା ରହିଛି।

## କ୍ଷୁଦ୍ର ନାଟକ ପରିବେଷଣ କରି ରାଜ୍ୟସ୍ତରକୁ ମନୋନୀତ

**ରାଜନଗର,୧୯।୧୦ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ମାଧମିକ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲା ଜୋନ ସ୍ତରୀୟ କଳା ଉତ୍ସବରେ କଟକ ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଂଶ ଗ୍ରହଣ କରି ଶିକ୍ଷଣୀୟ କ୍ଷୁଦ୍ର ନାଟକ ବୃଦ୍ଧାଶ୍ରମ ପରିବେଷଣ କରି ପ୍ରଥମ ସ୍ଥାନ ସହ ଆସନ୍ତା ୨୨ଓ ୨୩ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।



## ସାଇବର ସଚେତନତା କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ,୧୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ସାଇବର ଅପରାଧ ରୋକିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସ୍ଥାନୀୟ ବାଇପାସ ଛକ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ ସାରା ବିଶ୍ୱରେ ସାଇବର ଅପରାଧ ବ୍ୟାଧି ଭଳି ମାଡି ଚାଲିବା ସହିତ ଏକ ଆହ୍ୱାନ ଭାବେ ଦେଖାଦେଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ଲୋକମାନେ ସାଇବର ଅପରାଧ ସମ୍ପର୍କରେ ସଚେତନ ନଥିବାରୁ ଅନେକ ସମୟରେ ଏହାର ଶିକାର ହୋଇ ସର୍ବସ୍ୱାନ୍ତ ହେବା ଘଟଣା ସରକାର ଓ ପ୍ରଶାସନ ଦୃଷ୍ଟିକୁ ଆସିଛି। ଜନସାଧାରଣ ସାଇବର ଅପରାଧରୁ ରକ୍ଷା ପାଇବା ପାଇଁ କୌଣସି ଅଜଣା ଫୋନ କଲ ନଧରିବା, ଅଜଣା ବ୍ୟକ୍ତି ଫୋନ କରି ଓଟିପି ମାଗିଲେ ନଦେବା ସହିତ ନିକଟସ୍ଥ ସାଇବର ଥାନା, ପୋଲିସ ଥାନା କିମ୍ବା ହେଲ୍ପ ଲାଇନ ନମ୍ବର ୧୯୩୦କୁ ଜଣାଇବା ପାଇଁ ପରାମର୍ଶ ଦେଇ ସାଇବର ଅପରାଧ ବିଷୟରେ ଜନସଚେତନତା ସୃଷ୍ଟି କରିଥିଲେ ।

ସାଇବର ଅପରାଧ ରୋକିବା ପାଇଁ ଜନସଚେତନତା ସୃଷ୍ଟି ଉଦେଶ୍ୟରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରଥକୁ ସ୍ୱାଗତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସଜ୍ଜିତ ରଥରେ ସାଇବର ଅପରାଧ ରୋକିବା ସମ୍ପର୍କରେ ସଚେତନତା ପାଇଁ ବିଭିନ୍ନ ପୋଷ୍ଟର ମରାଯିବା ସହିତ ଏଲସିଡି ମଧ ଲଗାଯାଇ ସାଇବର ଅପରାଧ ନିୟନ୍ତ୍ରଣର ବିଭିନ୍ନ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ।

ସଂଚାର THE SANCHAR




## ନାଣ୍ଟୁଙ୍କୁ ନଣ୍ଡା କଲା କିଏ ?

ଯାତ୍ରା ଜଗତର ନଣ୍ଡା ବାବୁ ଓରଫ ନାଣ୍ଟୁ ଢେର କିଛି ଦିନ ହେଲା ଚର୍ଚ୍ଚାରେ ଥିଲେ। ଅନେକ ଯାତ୍ରା କଳାକାରଙ୍କୁ ନଣ୍ଡା କରିବାର ଅଭିଯୋଗ ତାଙ୍କ ଉପରେ ଲାଗୁଥିଲା। ତେବେ ସେ ସବୁକୁ ଖଣ୍ଡନ କରି ଚାଲିଥିଲେ। ହେଲେ ଏଥର କିନ୍ତୁ ନାଣ୍ଟୁ ବାବୁ ନିଜେ ନଣ୍ଡା ହୋଇଗଲେ। କଂଗ୍ରେସ ଭବନ ଆଗରେ ଯେଉଁଭଳି ଅପମାନିତ ହେଲେ ତାହା ଦେଖିବା ପରେ ରାଜଧାନୀରେ ଗୋଟିଏ ଚର୍ଚ୍ଚା ଯେ ସମସ୍ତଙ୍କୁ ନଣ୍ଡା କରୁଥିବା ନାଣ୍ଟୁ ବାବୁଙ୍କର ଏଭଳି ଅବସ୍ଥା କଲା କିଏ ?



ବାବୁ ମଞ୍ଚ ଉପରେ ରାଜନୀତି କରୁଥିବାବେଳେ ଏବେ କିନ୍ତୁ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିଲେ। କଂଗ୍ରେସରେ ମିଶିବେ ବୋଲି ଦଳ ବଳ ଧରି ଆସିଥିଲେ। ବେଶ୍ ଟଙ୍କା ଖର୍ଚ୍ଚ କରିଥିଲେ। ବେକରେ ଗଜରା ପକାଇ କଂଗ୍ରେସ ଭବନକୁ ଆସିଥିଲେ। ଲକ୍ଷ୍ୟଥିଲା ଦଳରେ ମହାମିଶ୍ରଣ କରିବା। ନିଜେ ମିଶିବା ସହିତ ପୁଳାଏ ସମର୍ଥକଙ୍କୁ ମିଶାଇ ଗଣମାଧ୍ୟମରେ ବାହାବା ନେବା। ହେଲେ ନାଣ୍ଟୁ ବାବୁଙ୍କର ସବୁ ଯୋଜନା ଫସର ଫାଟିଗଲା। କଂଗ୍ରେସ ଭବନରେ ପହଞ୍ଚିଲା ବେଳକୁ ଫାଟକରେ ତାଲା। କେହି ଖୋଲିଲେନି। ଭବନ ମାଲିକ ଭକ୍ତ ବାବୁ ଥିଲେ ନୂଆପଡାରେ। ସେଠାକୁ ଖବର ଗଲା। ଭକ୍ତ କହିଲେ ନାଣ୍ଟୁଙ୍କ ଭଳି ଅପରାଧିଙ୍କୁ ଦଳରେ ମିଶାଇବିନି। ମୁଁ ଗାନ୍ଧୀଙ୍କ ମାର୍ଗରେ ଚାଲିଛି। ଏହା ଶୁଣିବାପରେ ନାଣ୍ଟୁ ଗଜରା ଫୋପାଡି ଘରକୁ ଗଲେ। ଗଣମାଧ୍ୟମରେ କହିଲେ ମୁଁ ତାରା ବାହିନିପତିଙ୍କ ସହିତ କଥା ହୋଇ ଆସିଥିଲା। ହେଲେ ତାରା ବି ଆକାଶର ତାରା ଭଳି ସ୍ଥିର ରହିଲେ। କିଛି କହିଲେନି। ନାଣ୍ଟୁ ଏକପ୍ରକାର ନଣ୍ଡା ହୋଇଗଲେ। ତେବେ ରାଜଧାନୀରେ ଆଲୋଚନା ହେଉଛି ନାଣ୍ଟୁଙ୍କୁ ଏଭଳି ନଣ୍ଡା କଲା କିଏ ଓ ନଣ୍ଡା କରିବାପାଇଁ କେତେ ମାଲ୍‌ନେଇଛି।

## ଶରତ ହେଲେ ତାରକା ପ୍ରଚାରକ

ନୂଆପଡା ଉପନିର୍ବାଚନ ମଇଦାନକୁ କଂଗ୍ରେସ ତାହାର ଦଳବଳ ନେଇ ଓହ୍ଲାଇଥିବାବେଳେ ପ୍ରଚାର ପାଇଁ ୪୦ ଜଣିଆ ନାମତାଲିକା ପ୍ରସ୍ତୁତ କରିଛି। ତେବେ ଏହି ତାଲିକାର ୧୩ ନମ୍ବର ସ୍ଥାନରେ ଥିବା ଷ୍ଟାର ପ୍ରଚାରକ ଶରତ ପଟ୍ଟନାୟକଙ୍କୁ ନେଇ ଆଲୋଚନା ଜୋର ଧରିଛି। ଶରତ ହେଉଛନ୍ତି ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ଗତ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡାର କଂଗ୍ରେସ ପ୍ରାର୍ଥୀ। ତେବେ ଦୁଃଖର ବିଷୟ ହେଉଛି କଂଗ୍ରେସ ଶରତଙ୍କୁ ପ୍ରାର୍ଥୀ କରିଥିବାବେଳେ ସେ ଏଠାରୁ ମାତ୍ର ୧୫,୫୦୧ ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ଥିଲେ। କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଘାଷିରାମ ମାଝୀ ୫୦ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଘାଷିରାମଙ୍କ ପାଇଁ ଶରତ ଚତୁର୍ଥ ସ୍ଥାନକୁ ଆସିବା ସହିତ ଅତ୍ୟନ୍ତ ଲଜ୍ଜାଜନକ ପରାଜୟ ବରଣ କରିଥିଲେ। ହେଲେ ଏଥର ଘାଷିରାମଙ୍କ ରଥର ଅନ୍ୟତମ ସାରଥୀ ହେବେ ଶରତ। ହେଲେ କିଛି କଂଗ୍ରେସିଆଙ୍କ କହିବାକଥା ଯେ ଯେଉଁଲୋକ ନିଜେପ୍ରାର୍ଥୀ ହୋଇ ମାତ୍ର ୧୫ହଜାର ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଲେ ସିଏ ଏବେ କେତେ ଭୋଟ ଯୋଗାଡ କରିପାରିବେ ? ଲୋକଙ୍କୁ କ'ଣ କହିଭୋଟ ମାଗିବେ ? କେଉଁ ଆଧାରରେ ତାଙ୍କୁ ତାରକା ପ୍ରଚାରକ ତାଲିକାରେ ରଖାଗଲା ? ତେବେ ଆଉ କିଛି କଂଗ୍ରେସ କର୍ମୀଙ୍କ କହିବା ଅନୁଯାୟୀ ନୂଆପଡା ଫଳାଫଳ ଯାହା ହେଉ, ଭକ୍ତ କିନ୍ତୁ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଫର୍ମୁଲାରେ ଶରତଙ୍କ ମୁଣ୍ଡରେ ତାରା ଖଞ୍ଜି ଦେଇଛନ୍ତି। ଦେଖାଯାଉ ଏଥିରୁ କ'ଣ ଲାଭ ମିଳୁଛି।



## ହବିଷ୍ୟାଳିଙ୍କୁ ଖୋଜି ହାଲିଆ



ରାଜ୍ୟର କୋଣ ଅନୁକୋଣରୁ ଏବେ ହବିଷ୍ୟାଳିମାନେ ପୁରୀରେ ଡେରା ପକାଇଛନ୍ତି। ସରକାର ବି ସବୁ ପ୍ରକାର ବନ୍ଦୋବସ୍ତ କରିଛନ୍ତି। ବିଜେଡି ଅମଳରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାଟି କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ବିଜେପି ସରକାର ଅଧିକ ବ୍ୟବସ୍ଥା କରିଛନ୍ତି। ହବିଷ୍ୟାଳିମାନଙ୍କୁ ଯେଭଳି ହାତରୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ନପଡିବ ତାହାର ବ୍ୟବସ୍ଥା କରିଛନ୍ତି। ପୁଲିସ୍ ଓ ଦାୟିତ୍ୱରେ ଥିବା ଅଫିସରମାନେ କର୍ଡନ କରି ହବିଷ୍ୟାଳିମାନଙ୍କୁ ଶ୍ରୀମନ୍ଦିରକୁ ନେଉଛନ୍ତି। ହେଲେ କିଛି ହବଷ୍ୟାଳି ମନ୍ଦିର ଭିତରୁ ଅନ୍ୟ ସ୍ଥାନକୁ ବୁଲିବାକୁ ପଳାଇବା ଏବେ ପୁଲିସ୍ ଓ ସରକାରୀ ବାବୁମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନିକଟରେ କିଛି ହବିଷ୍ୟାଳି ମନ୍ଦିରରୁ ଫେରିଲାବେଳେ ଦେଖାଗଲା ଯେ ସେମାନଙ୍କ ମଧ୍ୟରୁ ୪/୫ ଜଣ ଦଳରେ ନାହାନ୍ତି। ସେମାନଙ୍କୁ ନେଇ ।ଇଥିବା ବାବୁମାନଙ୍କ ଅକଲ ଗୁଡୁମ। କ'ଣ କରିବେ ବୁଦ୍ଧିବାଟ ନପାଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ। ତୁରନ୍ତ ଖୋଜାଖୋଜି ହେଲା। ଅନ୍ୟ ଉପାୟ ନପାଇ ଥାନାରେ ଜଣାଇଲେ। ତା ପରେ ସେହିସବୁ ହବିଷ୍ୟାଳିଙ୍କ ମୋବାଇଲ୍ ଫୋନ୍ ଟ୍ରାକ୍ କରିବାରୁ ଦେଖାଗଲା ଯେ ସେମାନେ କୋଣାର୍କ ଅଭିମୁଖେ ।ଉଛନ୍ତି। ତୁରନ୍ତ ବାଟରେ ଥିବା ଥାନାକୁ ଖବର ଦିଆଗଲା। ସେମାନେ ଯାଉଥିବା ବସ୍‌କୁ ଅଧାବାଟରେ ଅଟକାଯିବା ସହିତ ହବିଷ୍ୟାଳିଙ୍କୁ ଅନ୍ୟଏକ ଗାଡିରେ ପୁରୀ ଅଣାଗଲା। ସେମାନେ କହିଥିଲେ ଯେ କୋଣାର୍କ ବୁଲିବାକୁ ଯାଉଥିଲେ। ବାବୁମାନେ କ'ଣ କହିବେ କିଛି ଭାବିପାରିଲେ ନାହିଁ। ଚାକିରି ରହିଯାଇଥିବାରୁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲେ। କେମିତି କାର୍ତ୍ତିକ ସରିବ ହବିଷ୍ୟାଳି ଶିବିର ଦାୟିତ୍ୱରେ ଥିବା ବାବୁମାନେ ଏବେ ଦିନ ଗଣିବାରେ ଲାଗିଛନ୍ତି।

## ରାଜେନ୍ଦ୍ର ଢୋଲକିଆ କାହାର ହେବେ



ନୂଆପଡା ଉପନିର୍ବାଚନ।ଇଁ ଏବେ ମଇଦାନ ଦୁଲୁକୁଥିବାବେଳେ ସ୍ୱର୍ଗରେ ଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆ କାହାର ହେବେ ତାକୁ ନେଇ ଟଣାଓଟରା ଆରମ୍ଭ ହୋଇଛି। ରାଜେନ୍ଦ୍ରଙ୍କ ପାଳିତ ପୁତ୍ର ଜୟ ରାତାରାତି ବିଜେପିକୁ ଯାଇ ସେଠାରୁ ପ୍ରାର୍ଥୀ ହେବା ସହିତ ନିଜ ଗାଡିରେ ରାଜେନ୍ଦ୍ରଙ୍କ ଫଟୋ ମାରି ବୁଲିବା ଆରମ୍ଭ କରିଛନ୍ତି। ଏପରିକି ରାଜେନ୍ଦ୍ରଙ୍କ ଅଧୁରା ସ୍ୱପ୍ନକୁ ଜୟ ସାକାର କରିବେ ବୋଲି କହିବୁଲୁଛନ୍ତି। ବିଜେଡି ମଧ ସମାନ ଫର୍ମୁଲା ଆପଣେଇବାକୁ ସ୍ଥିର କରିଛି। କାରଣ ରାଜେନ୍ଦ୍ର ହେଉଛନ୍ତି ବିଜେଡିର ପୂର୍ବତନ ମନ୍ତ୍ରୀ। ତାଙ୍କ ନାମରେ ଅନୁକମ୍ପା ଭୋଟ ରହିଛି। ତେଣୁ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ରାଜେନ୍ଦ୍ରଙ୍କ ଫଟୋ ମାରି ବୁଲିବାକୁ ସ୍ଥିର ହୋଇଛି। ସବୁ ପ୍ରସ୍ତୁତି ସରିଲାଣି। ଏଥି ସହିତ ମନ୍ତ୍ରୀ ଥିବା ସମୟରେ ରାଜେନ୍ଦ୍ର ବାବୁ ଯେଉଁସବୁ ଭାଷଣ ଦେଇଥିଲେ ତାହାର ଛୋଟ ଛୋଟ କ୍ଲିପ ମଧ ବଜାରକୁ ଛାଡିବାରେ ଲାଗିଛନ୍ତି ବିଜେଡି ଟିମ୍। ଏବେ ମଇଦାନରେ ଉଭୟ ବିଜେପି ଓ ବିଜେଡି ରାଜେନ୍ଦ୍ରଙ୍କୁ ନିଜର ସମ୍ପତ୍ତି ବୋଲି ଦର୍ଶାଉଥିବାବେଳେ ରାଜେନ୍ଦ୍ର କାହାର ହେବେ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ରାଜେନ୍ଦ୍ରଙ୍କର ଗୋଟିଏ ଫଟୋ ଗେରୁଆ ଗାଡିରେ ଲାଗିଥିବାବେଳେ ଆଉ ଗୋଟିଏ ଫଟୋ ସବୁଜ ଗାଡିରେ ଲାଗିବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ତେବେ ବର୍ତ୍ତମାନ ବିଜେଡିରେ ଥିବା ନେତା ଓ ଜୟଙ୍କ ସହିତ ବିଜେଡି ଛାଡିଥିବା ନେତା ଭୋଟରଙ୍କୁ କ'ଣ କହିବେ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ରାଜେନ୍ଦ୍ର କାହାର ହେବେ ତାହାକୁ ନେଇ ନୂଆପଡାର ଗଳି କନ୍ଦିରେ ଆଲୋଚନା।

## ଓଜନ ହେଲାଣି ମାଡ୍ରାସ ବୋଝ




ରାଜ୍ୟରେ ଦୁର୍ଘଟଣା ହ୍ରାସ ପାଇଁ ସରକାର ଡାକି ଆଣିଥିବା ମାଡ୍ରାସ ଆଇଆଇଟି ଏବେ ଖୋଦ ସରକାରୀକଳ ପାଇଁ ବୋଝ ହେବାରେ ଲାଗିଛି। ଏହି ସଂସ୍ଥାକୁ ନେଇ ପରିବହନ ବିଭାଗର ବିଭିନ୍ନ ଶାଖା ମଧ୍ୟରେ ଟଣାଓଟରା ଚାଲିଥିବାରୁ ବୋଝ ଦିନକୁ ଦିନ ଓଜନିଆ ହେଲାଣି। ମାଡ୍ରାସ ଆଇଆଇଟି ସହିତ ରାଜ୍ୟ ସରକାର କରିଥିବା ଚୁକ୍ତି ଅନୁଯାୟୀ ଦୁର୍ଘଟଣା ହ୍ରାସ ପାଇଁ ଏହି ସଂସ୍ଥା ବୁଦ୍ଧି ଦେବ ଓ ସେଥିପାଇଁ ପାଉଣା ବାବଦରେ ୪କୋଟିରୁ ଅଧିକ ଟଙ୍କା ନେବ। ଏଥି ସହିତ ମାଡ୍ରାସି ବାବୁମାନେ ଓଡିଶା ଆସିଲେ ସେମାନଙ୍କ ରହିବା ଓ ଗସ୍ତଖର୍ଚ୍ଚ ସରକାର ବହନ କରିବେ। ତେବେ ଏହି ସଂସ୍ଥା ସରକାରଙ୍କୁ କି ପ୍ରକାର ବୁଦ୍ଧି ଦେଉଛି ଓ ଦୁର୍ଘଟଣା କେତେ ହ୍ରାସ ହେଉଛି ତାହାର ବିନ୍ଦୁ ବିସର୍ଗ ରାଜ୍ୟବାସୀ ଜାଣିପାରୁ ନାହାନ୍ତି। ତେବେ ସମସ୍ୟା ହେଉଛି ଏହି ସଂସ୍ଥାରେ ନିଯୁକ୍ତ ବାବୁ ଓ କର୍ମଚାରୀଙ୍କ କ୍ଷମତାକୁ ନେଇ। ମାଡ୍ରାସ ଆଇଆଇଟି ପକ୍ଷରୁ ଏଠାରେ ଗୋଟିଏ ଦପ୍ତର ଖୋଲାଯାଇ ଜଣେ ଅବସରପ୍ରାପ୍ତ ବାବୁଙ୍କ ସହିତ କିଛି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ସେମାନେ ନିଜକୁ ଏବେ ପରିବହନ ବିଭାଗର ଅଧିକାରୀଙ୍କ ଠାରୁ ବଡ ବୋଲି ଭାବୁଥିବା ଚର୍ଚ୍ଚା ଚାଲିଛି। ଏପରିକି ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ଏବେ ଭାଗ ଭାଗ ହୋଇ ବିଭାଗରେ କଳି ଲଗାଇବାରେ ମାତିଛନ୍ତି। ନିଜର କ୍ଷମତାକୁ ନେଇ ଏଭଳି ଦ୍ୱନ୍ଦରେ ମାତିଛନ୍ତି ଯେ ପରଦା ପଛରେ ରହି ବିଭାଗୀୟ ବିଭାଗୀୟ ବାବୁଙ୍କୁ ବଦନାମ କରିବାକୁ ପଛାଉ ନାହାନ୍ତି। ଯୁଦ୍ଧ ଅଧିକ ହେବା ପୂର୍ବରୁ ଏହି ଦକ୍ଷିଣୀ ସଂସ୍ଥା ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି।

# ବିଜେପିରେ ଯୋଗଦେଲେ ପ୍ରେମକୁମାର ଆଜାଦଙ୍କ ଝିଅ

- ନୂଆପଡ଼ାରେ ବିଜେପି ଜିତିବା ସୁନିଶ୍ଚିତ: ମନମୋହନ
- କଂଗ୍ରେସ ଉପରୁ ନୂଆପଡାବାସୀ ଆସ୍ଥା ହରାଇଛନ୍ତି: ଶିଖା



**ଭୁବନେଶ୍ୱର, ୧୯।୧୦(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହୋଇଥିଲେ। ଏହା ପରେ ଉଭୟ କଂଗ୍ରେସ ଓ ବିଜେଡି ନେତା ଓ କର୍ମୀ ପର୍ଯ୍ୟାୟକ୍ରମେ ବିଜେପିରେ ଯୋଗ ଦେଉଛନ୍ତି। ଆଜି ନୂଆପଡା ଜିଲ୍ଲାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତଃ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶିଖା ଆଜାଦ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶ୍ରୀମତି ଆଜାଦଙ୍କୁ ସ୍ୱାଗତ ଜଣାଇଛନ୍ତି। ନୂଆପଡା ଉପନିର୍ବାଚନ ପୂର୍ବରୁ ଶ୍ରୀମତୀ ଆଜାଦଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ଆହୁରି ଅଧିକ ଶକ୍ତିଶାଳୀ ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଛି। କଂଗ୍ରେସ ଦଳ ଉପରୁ ନୂଆପଡାବାସୀ ଆସ୍ଥା ହରାଇ ବସିଛନ୍ତି। ଚଳିତ ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ପାଇ ଜୟଯୁକ୍ତ ହେବେ ବୋଲି ଶ୍ରୀମତୀ ଆଜାଦ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ଅମ୍ବିକା ହେମ୍ବ୍ରମ ମଧ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

## ରାଜ୍ୟବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇ ଏକ ସୁରକ୍ଷିତ ଏବଂ ସବୁଜ ଦୀପାବଳି ପାଳନ ପାଇଁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ୍ସ ହ୍ୟାଣ୍ଡେଲରେ ସେୟାର କରାଯାଇଥିବା ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଲୋକ ଏବଂ ଆନନ୍ଦର ପର୍ବ ଦୀପାବଳି ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି। ଜ୍ଞାନର ଆଲୋକ ମଣିଷଙ୍କୁ ଅଜ୍ଞାନର ଅନ୍ଧକାରରୁ ରକ୍ଷା କରେ। ଦୀପାବଳିର ପର୍ବ ଆମକୁ ନୂତନ ଆଶା, ସ୍ୱପ୍ନ ଏବଂ ଲକ୍ଷ୍ୟ ସହିତ ଏକ ସୁନ୍ଦର ଏବଂ ସମୃଦ୍ଧ ଭବିଷ୍ୟତକୁ ସ୍ୱାଗତ କରିବାକୁ ଉତ୍ସାହିତ କରେ। ଏହି ବର୍ଷ, ପ୍ରକୃତି ଏବଂ ପରିବେଶକୁ ସମ୍ମାନ ଦେଇ ଏକ ପ୍ରଦୂଷଣମୁକ୍ତ ଏବଂ ସବୁଜ ଦୀପାବଳି ପାଳନ କରିବା ପାଇଁ ମାଝୀ ଆହ୍ୱାନ କରିଛନ୍ତି।

## ୨ ବାଣ ଦୋକାନରେ ଭୟଙ୍କର ଅଗ୍ନିକାଣ୍ଡ

**ଗଞ୍ଜାମ/ରମ୍ଭା,୧୯।୧୦(ସଂଚାର ବ୍ୟୁରୋ) :** ଦୀପାବଳି ପୂର୍ବରୁ ରମ୍ଭା ସହରରେ ରବିବାର ଏକ ବଡ଼ ଧରଣର ଅଘଟଣ ଘଟିଛି। ଧୋବାସୀ ପୋଖରୀ ନିକଟରେ ଖୋଲିଥିବା ବାଣ ଦୋକାନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ରତ୍ନାକର ବେହେରା ଏବଂ କାହ୍ନୁ ତରେଇଙ୍କ ୨ଟି ବାଣ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ରମ୍ଭା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ି ସାହାଯ୍ୟରେ ନିଆଁକୁ ଆୟତ୍ତ କରିଛନ୍ତି। ଏପରିକି ନିଆଁ ଲିଭାଇବା ବେଳେ ବର୍ଷା ହେବାରୁ ନିଆଁକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥିଲା। ରମ୍ଭା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏବଂ ପ୍ରାଥମିକ ସୂଚନା ଅନୁଯାୟୀ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ରମ୍ଭା ସହରରେ ଦୀପାବଳି ପାଇଁ ୫ଟି ବାଣ ଦୋକାନକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏପରି କି ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଧୋବାସୀ ପୋଖରୀ ନିକଟରେ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି।

● ବାତ୍ୟା ଆକଳନ ହୋଇନି ସ୍ପଷ୍ଟ

## ବର୍ଷା ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ) :** ଆସୁଛି ଲଘୁଚାପ। ୨୧ରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ବର୍ତ୍ତମାନ ଦକ୍ଷିଣ ଆଣ୍ଡାମାନ ସାଗର ଓ ସଂଲଗ୍ନ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ସୃଷ୍ଟି ହେବ ଲୋପ୍ରେସର। ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ଅଧିକ ଘନୀଭୂତ ହୋଇ ପରବର୍ତ୍ତୀ ୪୮ ଘଣ୍ଟାରେ ଅବପାତରେ ପରିଣତ ହେବ। କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବଙ୍ଗୋପସାଗର ଉପରେ ଏହା ଡିପ୍ରେସନର ରୂପ ନେବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଲଘୁଚାପରେ ପରିଣତ ହେବା ପରେ ଏହା ବାତ୍ୟାର ରୂପ ନେବ କି ନାହିଁ ତାହା ଆକଳନ କରାଯାଇପାରିବ ବୋଲି କୁହାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ତିନିଦିନ ଯାଏ ରାଜ୍ୟରେ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ଠାଖରେ ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ଅକ୍ଟୋବର ମାସରେ ଲଘୁଚାପ ଆସୁଥିବାରୁ ଲୋକଙ୍କ ମଧ୍ୟରେ ପଶିଛି ଛନକା।

## ବିଜେପିର ମିଶ୍ରଣ ପର୍ବ



**ମାଲକାନଗିରି,୧୯।୧୦(ସଂଚାର ବ୍ୟୁରୋ):** ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର କଂଗ୍ରେସ ଏବଂ ବିଜେଡି ଦଳର ବହୁ କର୍ମୀ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଯାହା ସ୍ଥାନୀୟ ରାଜନୈତିକ କ୍ଷେତ୍ରରେ ଏକ ନୂତନ ପରିବର୍ତ୍ତନର ଆଗମନକୁ ସୂଚାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ଦୂରଦର୍ଶିତା ଓ ଦେଶବାସୀଙ୍କ ପାଇଁ କରାଯାଇଥିବା ବିକାଶ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇ ଏମାନେ ବିଜେପି ଦଳରେ ସାମିଲ ହୋଇଥିବା କହିଥିଲେ। ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିବା ବେଳେ ଜିଲ୍ଲା ସଭାପତି ଅଶୋକ ପରିଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ନିମାଇଁ ପାଲ,ବାଲିମେଳା ନଗରପାଳ ପ୍ରଦୀପ ନାୟକ,ଜିଲ୍ଲା ସାଧାରଣ ସଂପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ଉପସଭାପତି ସମୀର ମିସ୍ତ୍ରୀ, ବିଧାୟକ ପ୍ରତିନିଧି ନିହାର ରାୟ, ଜୟନ୍ତ ମଜୁମଦାର, କ୍ରିଷ୍ଣା, ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେପିରେ ସାମିଲ ହୋଇଥିବା କର୍ମୀମାନେ ହେଲେ ସୁଦୟ ତଫାଦାର,ବଗେନ୍ଦ୍ର ବନ୍ଧାମ, ଦିଲିପ ସଞ୍ଜାମ, ମହେଶ ଜୟମ, କାନା ସଞ୍ଜାମ, ସିଂହା ସାଲବମ, ଏକକେତର୍ହେ କାନାମ, କୁନା ରାମ, ସୁଭା ମାର୍କୋ, କୃଷ୍ଣା କାଡ଼ାମ, ଆପ୍ପା ରାଓ କାଡ଼ାମ, ମୋଟୁମ ପଟ୍ଟା, ସୂର୍ଯ୍ୟ ନୋଫାଡେନ ପ୍ରମୁଖ।

## ବନ୍ଧୁକ ସହ ଧରାହେଲା ଦୁର୍ଦ୍ଧାନ୍ତ ଚିଆଁ



**ବରଗଡ଼,୧୯।୧୦(ସଂଚାର ବ୍ୟୁରୋ) :** ଧରାପଡ଼ିଲା ଦୁର୍ଦ୍ଧାନ୍ତ ଅପରାଧୀ ଚିଆଁ ଓରଫ୍ ବୁଦ୍ଧଦେବ ବିଶ୍ୱାଳ। ତା' ସହ ୨ ଆନ୍ତଃରାଜ୍ୟ ନିଶା ବେପାରୀକୁ ମଧ୍ୟ ଗିରଫ କରିଛି ବିଜେପୁର ପୁଲିସ। ସେମାନଙ୍କ ଠାରୁ ଦେଶୀ ପିସ୍ତଲ ସହ ମାଗାଜିନ, ଜୀବନ୍ତ ଗୁଳି, ଗଞ୍ଜେଇ, ମୋଟର ସାଇକେଲ, ମୋବାଇଲ ଆଦି ଜବତ ହୋଇଛି। ଏହା ସହ ବିଜେପୁର ଥାନା ପୋଲିସ ଆର୍ମସ ଆକ୍ଟ ଏବଂ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ କରୁଛି। ବିଜେପୁର ଗୁଡ଼ାପାଲିରେ ଯାଞ୍ଚ ସମୟରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ପୋଲିସ। ମୁଖ୍ୟ ଅଭିଯୁକ୍ତ ଚିଆଁର ଘର ଝାରସୁଗୁଡ଼ା ଜିଲ୍ଲା ଧୁଲୁଣ୍ଡାରେ, ସେହିଭଳି ଅନ୍ୟ ଦୁଇ ଅଭିଯୁକ୍ତ ହେଉଛନ୍ତି ଛତିଶଗଡ଼ ଚାମ୍ପା-ଜାଞ୍ଜଗିର୍ ଜିଲ୍ଲା ରଙ୍ଗନୀର ପାରସରାମ ଭାନୁ ଏବଂ ବୌଦ୍ଧ ଜିଲ୍ଲା ମାଲିବିରାଇର ତାରାକାନ୍ତ ଭୋଇ। ସୋମନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ଟି ମାଗାଜିନ, ୧୨ଟି ଜୀବନ୍ତ ଗୁଳି, ୨୯ କେଜି ଗଞ୍ଜେଇ, ଗୋଟିଏ ମୋଟର ସାଇକେଲ, ଗୋଟିଏ ସ୍କୁଟି, ୫ଟି ମୋବାଇଲ ଜବତ କରାଯାଇଛି।

## 'ନ୍ୟାୟ ପାଇବାରେ ଅଭାବ ପ୍ରତିବନ୍ଧକ ନ ହେଉ'




**ଭୁବନେଶ୍ୱର, ୧୯।୧୦(ସଂଚାର ବ୍ୟୁରୋ):** ସମ୍ବିଧାନ ପ୍ରତି ଭାରତୀୟଙ୍କୁ ସମାନତାର ଅଧିକାର ଦେଇଛି। ନ୍ୟାୟ ପାଇବା ସମସ୍ତଙ୍କ ଅଧିକାର। ଗରିବ କିମ୍ବା ଆର୍ଥିକ ଦୁର୍ବଳବର୍ଗର ସାଧାରଣ ଲୋକଟିଏ ଅର୍ଥାଭାବରୁ ନ୍ୟାୟ ପାଇବାରୁ ବଞ୍ଚିତ ନ ହେଉ। ଏହାକୁ ଧ୍ୟାନ ଦେଇ ଦୁର୍ବଳ ଶ୍ରେଣୀ ନିକଟରେ ଆଇନ ସହାୟତା ପହଞ୍ଚିବାକୁ ସୁନିଶ୍ଚିତ କରିବା ଜରୁରୀ। ଏହା ହେଲେ ଜେଲରେ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ହ୍ରାସ ପାଇବ। ଏହା କହିଛନ୍ତି ଜାତୀୟ ମାନବାଧିକାର ଆୟୋଗ ସଦସ୍ୟା ବିଜୟା ଭାରତୀ ସାୟାନୀ। ସୋଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବୋଧିତ କରି ଶ୍ରୀମତି ସାୟାନୀ କହିଛନ୍ତି ଯେ, ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ଏହି ସଫଳତା ସତ୍ତ୍ୱେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଦାରିଦ୍ର୍ୟ, ଜାତିଗତ ବୈଷମ୍ୟ ଏବଂ ଲିଙ୍ଗ ଅସମାନତା ଭଳି ଆହ୍ୱାନର ମୁକାବିଲା କରିବାକୁ ହେବ। ଅକ୍ଟୋବର ୨୦୨୫ରେ ପ୍ରକାଶିତ ବିଶ୍ୱ ବ୍ୟାଙ୍କ ରିପୋର୍ଟକୁ ଉଦ୍ଧୃତ କରି ସେ କହିଲେ ଏବେ ବି ଦେଶର ୩୪ କୋଟି (୨୩.୮%) ଲୋକ ଦୈନିକ ମାତ୍ର ୩୬୦ ଟଙ୍କାରେ ଚଳୁଛନ୍ତି। ଉତର ପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଭଳି ବଡ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ବେଶୀ । ଏ ତିନି ରାଜ୍ୟରେ ଦେଶର ୪୬ ପ୍ରତିଶତ ଗରିବ ରହୁଛନ୍ତି। ସରକାର ଗରିବୀ ହଟାଇବାକୁ ଗତ ୧୫ ବର୍ଷରେ ବହୁ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତଥାପି ଦାରିଦ୍ର୍ୟତା ଏବେ ମଧ୍ୟ ଏକ ବଡ଼ ସମସ୍ୟା ହୋଇ ରହିଛି। ସେ କହିଥିଲେ ଯେ ଆଇନଗତ ଅଧିକାର ଏବଂ ବାସ୍ତବତା ମଧ୍ୟରେ ଥିବା ଦୂରତ୍ୱକୁ ଆଖିରେ ରଖି ସମସ୍ତଙ୍କ ପାଇଁ ସୁଲଭ ଓ ସମାନ ନ୍ୟାୟର ବ୍ୟବସ୍ଥା ରହିବା ଆବଶ୍ୟକ।

ତୃତୀୟ ଟ୍ୟାକ୍ସ ଫୋର୍ସ କମିଟି ବୈଠକ

## ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା



**ଭୁବନେଶ୍ୱର, ୧୯।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅଗ୍ରଗତି ସଂପର୍କରେ ଉଚ୍ଚସ୍ତରୀୟ ୩ୟ ଟ୍ୟାକ୍ସ ଫୋର୍ସ କମିଟି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ତରରେ ସଂସ୍ଥାଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ପ୍ରକଳ୍ପ ପରିଚାଳନା ଓ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ।

ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ହେମନ୍ତ ଶର୍ମାଙ୍କ ସମେତ ଟ୍ୟାକ୍ସ ଫୋର୍ସ କମିଟିର ଅନ୍ୟାନ୍ୟ ସଦସ୍ୟ ଥିବା ଅର୍ଥ, ଶକ୍ତି, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ହସ୍ତତନ୍ତ ଓ ବୟନ ଶିଳ୍ପ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନର ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

ବୈଠକରେ କେତେକ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରିତାରେ ସରକାରଙ୍କ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ଏବଂ ନିଷ୍ପତ୍ତି ଅନୁସାରେ ମାର୍ଗଦର୍ଶିକା ଅନୁଯାୟୀ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟକାରିତାରେ ଭୂ-ଅଧିଗ୍ରହଣ ସଂପର୍କିତ ରହୁଥିବା ସମସ୍ୟାର ସମାଧାନ ସଂପର୍କରେ ଇଡ୍‌କୋ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରି ମୁଖ୍ୟ ଶାସନ ସଚିବ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସଂପର୍କରେ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଜମି ହରାଇଥିବା ଅବଶିଷ୍ଟ ବ୍ୟକ୍ତିମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଶିଳ୍ପ କମ୍ପାନୀର ଆବଶ୍ୟକତା ଅନୁସାରେ ଓପିଟିସିଏଲ ପକ୍ଷରୁ ଆବଶ୍ୟକ ବିଦ୍ୟୁତ୍ ସବ୍‌ଷ୍ଟେସନ ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା।

କେନ୍ଦୁଝର, ବଲାଙ୍ଗିର, ଜଗତସିଂହପୁର, ଖୋର୍ଦ୍ଧା ଆଦି ଜିଲ୍ଲାରେ ବୟନଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ସଡ଼କ ସୁବିଧା ପାଇଁ ଭୂ-ଅଧିଗ୍ରହଣ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ସଂପିର୍କିତ ସମସ୍ୟାକୁ ସମାଧାନ କରିବା ପାଇଁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜିଲ୍ଲାରେ ଅନୁମୋଦନ ଅନୁସାରେ ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଜମି ଯୋଗାଇଦିଆଯିବା ସହ ଆବଶ୍ୟକ ସୁବିଧା ଏବଂ ପାଇପ୍ ଯୋଗେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକାରିତା ସମୀକ୍ଷା କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବିଶ୍ୱକୁ ଧ୍ୱଂସ କରିବ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ!

ନ୍ୟୁୟର୍କ/ନୂଆଦିଲ୍ଲୀ, ୧୯।୧୦: ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବଢ଼ିଛି। ଯଦି ଏହା ବନ୍ଦ ନହୁଏ, ତେବେ ଏହା ବିଶ୍ୱ ଅର୍ଥନୀତି ଉପରେ ଗମ୍ଭୀର ପ୍ରଭାବ ପକାଇବ। ଏହା ବହୁ କ୍ଷତି ଘଟାଇବ ବୋଲି ଆଶା କରାଯାଉଛି। ଏହା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)କୁ ଚିନ୍ତାରେ ପକାଇଛି। ଆଇଏମଏଫ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ଆଶା ପ୍ରକାଶ କରିଛନ୍ତି ଯେ, ଆମେରିକା ଏବଂ ଚୀନ୍ ବାଣିଜ୍ୟ ଉତ୍ତେଜନାକୁ କମ କରିବେ ଏବଂ ବିରଳ ପୃଥିବୀ ଉପାଦାନର ବିଶ୍ୱ ପ୍ରବାହରେ ବାଧା ଏଡ଼ାଇବେ। ସେ କହିଛନ୍ତି ଯେ ଏପରି ବାଧା ବିଶ୍ୱ ଅଭିବୃଦ୍ଧି ଉପରେ "ମହତ୍ୱପୂର୍ଣ୍ଣ ପ୍ରଭାବ" ପକାଇବ। ଆଇଏମଏଫ ର ପରିଚାଳନା କମିଟିର ଏକ ବୈଠକ ପରେ ଜର୍ଜିଭା ଏହା କହିଛନ୍ତି। ସେ କହିଛନ୍ତି, ଏପରି ପରିସ୍ଥିତି ଅନିଶ୍ଚିତତା ବୃଦ୍ଧି କରିବ ଏବଂ ପୂର୍ବରୁ ଦୁର୍ବଳ ବିଶ୍ୱ ଅଭିବୃଦ୍ଧିକୁ ଆହୁରି କ୍ଷତି ପହଞ୍ଚାଇବ। ଚଳିତ ବର୍ଷ ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧରେ ଏକ ନୂତନ ମୋଡ଼ ସହିତ ସମନ୍ୱୟ ସ୍ଥାପନ କରିଥିଲା। ଏହା ବିଶ୍ୱର ହଜାର ହଜାର ଆର୍ଥିକ ଅଧିକାରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରଙ୍କ ମଧ୍ୟରେ ଆଲୋଚନାକୁ ପ୍ରଭାବିତ କରିଥିଲା। ଯଦି ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ବୃଦ୍ଧି ପାଏ, ତେବେ ଭାରତ ମଧ୍ୟ ଏହାର ବ୍ୟତିକ୍ରମ ହେବ ନାହିଁ। ଭାରତ ଅନେକ କ୍ଷେତ୍ରରେ ପ୍ରଭାବିତ ହେବ। ମଙ୍ଗଳବାର ଦିନ ଆଇଏମଏଫ ୨୦୨୫ ପାଇଁ ବିଶ୍ୱ ଜିଡ଼ିପି ଅଭିବୃଦ୍ଧି ୩.୨% ରହିବ ବୋଲି ଆକଳନ କରିଛି। ଏହା ଜୁଲାଇ ୩.୦% ଏବଂ ଏପ୍ରିଲ ୨.୮% ଆକଳନ ଅପେକ୍ଷା ଅଧିକ। ଆଇଏମଏଫ କହିଛି ଯେ, ଶୁଳ୍କ ସ୍ଥିତି ଏବଂ ଆର୍ଥିକ ପରିସ୍ଥିତି ଆଶାଠାରୁ ଅଧିକ ଅନୁକୂଳ ପ୍ରମାଣିତ ହୋଇଛି। ତଥାପି, ଏହି ଆକଳନ ଯୁକ୍ତରାଷ୍ଟ୍ର ଏବଂ ଚୀନ୍ ଠାରୁ ସାମ୍ପ୍ରତିକ ନୂତନ ବିପଦକୁ ପ୍ରତିଫଳିତ କରେ ନାହିଁ। ଜର୍ଜିଭା କହିଛନ୍ତି ଯେ ଆଇଏମଏଫ ଏହି ଘଟଣାକ୍ରମ ଉପରେ କଡ଼ା ନଜର ରଖିବ। ତଥାପି, ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସଦସ୍ୟ ଦେଶଗୁଡ଼ିକ ସାଧାରଣତଃ ଆଶ୍ୱସ୍ତ ହୋଇଛନ୍ତି ଯେ ବିଶ୍ୱ ଅର୍ଥନୀତି ଛଅ ମାସ ପୂର୍ବେ ଆଶଙ୍କା କରାଯାଇଥିବା ଅପେକ୍ଷା ଅଧିକ ସ୍ଥିର ପ୍ରମାଣିତ ହୋଇଛି। ସେ କହିଛନ୍ତି, ଦେଶଗୁଡ଼ିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ନିୟାମକ ସଂସ୍କାର କରିବା ଏବଂ ବିଶ୍ୱ ଅସନ୍ତୁଳନକୁ ସମାଧାନ କରିବା ଜରୁରୀ। ଏବେ ଚିନ୍ତା ବଢ଼ିବାର ଲାଗିଛି। କାରଣ ହେଉଛି ବିଶ୍ୱ ଅର୍ଥନୀତି ଆମ ଆବଶ୍ୟକତାଠାରୁ କମ୍ ପ୍ରଦର୍ଶନ କରୁଛି। ଅନିଶ୍ଚିତତାର ଏକ କଳା ବାଦଲ ଆମ ମୁଣ୍ଡ ଉପରେ ଝୁଲୁଛି ବୋଲି ଜର୍ଜିଭା କହିଛନ୍ତି।



ଆଇଏମଏଫ ମୁଖ୍ୟଙ୍କ ଚେତାବନୀ ମଧ୍ୟ ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ବୃଦ୍ଧି ପାଇବା ଦ୍ୱାରା ବିଶ୍ୱ ଅଭିବୃଦ୍ଧି ମନ୍ଥର ହୋଇପାରେ। ବିଶ୍ୱ ଅଭିବୃଦ୍ଧି ମନ୍ଥର ହେବା ଭାରତୀୟ ରପ୍ତାନି ଉପରେ ସିଧାସଳଖ ନକାରାତ୍ମକ ପ୍ରଭାବ ପକାଇବ, ଯାହା ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଏହା ବ୍ୟତୀତ, ବିରଳ ଧାତୁ ପ୍ରବାହରେ ଯେକୌଣସି ବାଧା ଭାରତୀୟ ଉତ୍ପାଦନ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପଗୁଡ଼ିକୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇବା ପାଇଁ ସଂଘର୍ଷ କରିବାକୁ ବାଧ୍ୟ କରିପାରେ। ଯାହା ଦ୍ୱାରା ଖର୍ଚ୍ଚ ବୃଦ୍ଧି ପାଇପାରେ। ତେବେ ଆଇଏମଏଫର ବହୁପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ ଭାରତ ଭଳି ଦେଶ ପାଇଁ ସକାରାତ୍ମକ, କାରଣ ଏହା ବାଣିଜ୍ୟକୁ ସ୍ଥିର କରିବାରେ ସାହାଯ୍ୟ କରିପାରିବ ବୋଲି ଅର୍ଥ ବିଶେଷଜ୍ଞ ଆଶା ପ୍ରକଟ କରିଛନ୍ତି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି ଲୋକାର୍ପିତ



ବଲାଙ୍ଗୀର, ୧୯।୧୦: ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅରୁନ୍ଧତୀ ଜୁଏଲର୍ସ ନୂତନ ଟିଭି ବିଜ୍ଞାପନ (ଟିଭିସି) ଉନ୍ମୋଚନ କରିଛି। ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଏହି ଅବସରରେ ଉତ୍ତମ ଗ୍ରାହକ ସେବା ସାଙ୍ଗକୁ ଶୁଦ୍ଧତା ଭରା ଅଳଙ୍କାର ଯୋଗୁଁ ଏହି ପ୍ରତିଷ୍ଠାନ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଧନ୍‌ତେରସ୍ ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନୂତନ ଡିଜାଇନ୍‌ର ଗହଣା ଉପରେ ଆକର୍ଷଣୀୟ ଅଫର୍ ରଖାଯାଇଛି। ଏହି ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ସହ ପ୍ରତି କ୍ରୟ ଉପରେ ନିଶ୍ଚିତ ଉପହାର, ହୀରା ଗହଣା କ୍ରୟରେ ପ୍ରତି କ୍ୟାରେଟ୍ ହୀରା ମୂଲ୍ୟ ଉପରେ ୨୦ ହଜାର ଟଙ୍କା ଯାଏଁ ରିହାତି ଏବଂ ସ୍ୱର୍ଣ୍ଣମୁଦ୍ରା ଉପହାର ଘୋଷଣା କରାଯାଇଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଅଫର୍ ରହିଛି।

## ଆଜିର ସୁନା ଦର



ଧନତେରସ ପରେ କମିଲା ସୁନା ଏବଂ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୧,୦୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୦,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୮୬୦ ଓ ୧,୧୯,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୨,୦୦୦ ଟଙ୍କା ହୋଇଛି।

### ଦି ହେରିଟେଜ୍ ସ୍କୁଲର ବାର୍ଷିକ ନାଟ୍ୟୋତ୍ସବ

## ନାଟକ 'ବସୁଧୈବ କୁଟୁମ୍ବକମ୍' ମଞ୍ଚସ୍ଥ

କୋଲକାତା, ୧୯।୧୦(ସଂଚାର ବ୍ୟୁରୋ): ପବିତ୍ର ଦୀପାବଳୀର ଅବ୍ୟବହିତ ପୂର୍ବରୁ ଚୌଭାଗା ଆନନ୍ଦପୁରସ୍ଥିତ ଦି ହେରିଟେଜ୍ ସ୍କୁଲର ସେକେଣ୍ଡାରୀ କକ୍ଷ ପକ୍ଷରୁ ବାର୍ଷିକ ନାଟ୍ୟୋତ୍ସବ 'ବସୁଧୈବ କୁଟୁମ୍ବକମ୍' ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅନୁଭବ ଦାସଗୁପ୍ତାଙ୍କ ନିର୍ଦ୍ଦେଶନାରେ ଖୁବ୍ ଶିକ୍ଷଣୀୟ, ସଂସ୍କୃତି ଧର୍ମୀ ଓ ମନୋରଞ୍ଜନକାରୀ ନାଟକକୁ ସ୍କୁଲର ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ଉଦଘାଟନୀ ଉତ୍ସବରେ ସ୍କୁଲର ଅଧକ୍ଷା ଶ୍ରୀମତୀ ସୀମା ସପ୍ରୁ 'ବିଭିନ୍ନତା ମଧରେ ଏକତା' ହେଉଛି ଭାରତର ମୂଳମନ୍ତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହରିକିଷନ ଚୌଧୁରୀ କହିଥିଲେ ୨୪ ବର୍ଷ ତଳେ ସ୍ଥାପିତ କ୍ଷୁଦ୍ର ଅନୁଷ୍ଠାନଟି ଏକ ବିଶାଳ ଦ୍ରୁମ ରୂପକ ବିଶ୍ୱବିଦ୍ୟାଳୟରେ ଉଭା ହେବାକୁ ଯାଉଛି। କାର୍ଯ୍ୟକ୍ରମରେ କଲ୍ୟାଣ ଭାରତୀ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ଅଗ୍ରଓ୍ୱାଲଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷକ ଅଭିଷେକ ମଣ୍ଡଳ।



## ଆଉ ୩୦ ବିମାନ କିଣିବ ଇଣ୍ଡିଗୋ




ନୂଆଦିଲ୍ଲୀ, ୧୯।୧୦: ଏୟାରବସ୍‌ଠାରୁ ଇଣ୍ଡିଗୋ ଏୟାରଲାଇନ୍ସ ଅଧିକ ୩୦ଟି ଏ୩୫୦-୯୦୦ ବିମାନ କିଣିବ। ଏଥିପାଇଁ ଇଣ୍ଡିଗୋ ଆଜି କ୍ରୟ ଆଦେଶ ଘୋଷଣା କରିଛି। ଅନ୍ତର୍ଜାତୀୟ ମାର୍ଗରେ ଏହି ଚଉଡ଼ା ବିମାନଗୁଡ଼ିକୁ ଇଣ୍ଡିଗୋ ଚଳାଇବ। ତେବେ କେତେ ଟଙ୍କାରେ ଏହାକୁ ଇଣ୍ଡିଗୋ କିଣିବ ତାହା କୁହାଯାଇନାହିଁ। ଇଣ୍ଡିଗୋ ନିକଟରେ ବର୍ତ୍ତମାନ ୪୦୦ ବିମାନ ଥିବାବେଳେ ୯୦୦ରୁ ଅଧିକ ବିମାନ କିଣିବା ପାଇଁ କମ୍ପାନି ଆଦେଶ ଦେଇଛି। ନୂଆ ଘୋଷଣା ପରେ ଇଣ୍ଡିଗୋର ଚଉଡ଼ା ବିମାନ କ୍ରୟ ଆଦେଶ ସଂଖ୍ୟା ୬୦ରେ ପହଞ୍ଚିଛି। ପୂର୍ବରୁ ୩୦ଟି ଏ୩୫୦-୯୦୦ ବିମାନ କିଣିବା ପାଇଁ କମ୍ପାନି ଆଦେଶ ଦେଇଥିଲା। ଏଥିସହିତ ଇଣ୍ଡିଗୋ ରୋଲସ୍-ରୟେସ୍ ସହିତ ଏକ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ଅନୁଯାୟୀ, ଇଣ୍ଡିଗୋର ଏୟାରବସ ଏ୩୫୦ ବିମାନରେ ଟ୍ରେଣ୍ଟ୍ ଏକ୍ସଡବ୍ଲ୍ୟୁବି-୮୪ ଇଞ୍ଜିନ ରୋଲସ୍-ରୟେସ୍ ଲଗାଇବ।

### ଭାରତ-ଚୀନ ସମ୍ପର୍କର ନୂଆ ଉଡାଣ

## ୯ ନଭେମ୍ବରରୁ ସାଂଘାଇ-ନୂଆଦିଲ୍ଲୀ ଡାଇରେକ୍ଟ ଫ୍ଲାଇଟ୍

ନୂଆଦିଲ୍ଲୀ ୧୯।୧୦: ଭାରତ ଓ ଚୀନ ମଧରେ ପୁଣି ଥରେ ବିମାନ ସଂଯୋଗ ଆରମ୍ଭ ହେବାକୁ ଯାଉଛି। ଚୀନ୍ ଇଷ୍ଟର୍ଣ୍ଣ ଏୟାରଲାଇନ୍ସ ୯ ନଭେମ୍ବରରୁ ସାଂଘାଇ ଓ ନୂଆ ଦିଲ୍ଲୀ ମଧରେ ରାଉଣ୍ଡ ଟ୍ରିପ କରିବ। ଏହି ନିଷ୍ପତ୍ତି ଦୁଇ ଦେଶଙ୍କ ମଧରେ ସ୍ୱଭାବିକ ସମ୍ପର୍କ ସ୍ଥାପନା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେ କରାଯାଉଛି। ଏୟାର ଲାଇନ୍ସ ସୂଚନା ଅନୁସାରେ ସାଂଘାଇ ଓ ନୂଆଦିଲ୍ଲୀ ମଧରେ ସବୁ ବୁଧବାର, ଶନିବାର ଓ ରବିବାର ବିମାନ ଚାଲିବ। ସାଂଘାଇ ପୁଡୋଙ୍ଗ ଏୟାରପୋର୍ଟରୁ ମଧାହ୍ନ ୧୨ଟା ୫୦ ମିନିଟ୍ ରେ ବିମାନ ଉଡାଣ କରି ଅପରାହ୍ନ ୫ଟା ୪୫ ମିନିଟ୍ ରେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବ। ସେହିପରି ଫେରସ୍ତ ଉଡାଣ ନୂଆଦିଲ୍ଲୀରୁ ରାତି ୭ଟା ୫୫ ମିନିଟ୍ ରେ ବାହାରି ତା ପରଦିନ ଭୋର ୪ଟା ୧୦ ମିନିଟ୍ ରେ ସାଂଘାଇର ପୁଡୋଙ୍ଗ ଏୟାରପୋର୍ଟରେ ପହଞ୍ଚିବ। ଏହି ରୁଟରେ ଟିକେଟ୍ ବିକ୍ରି ମଧ ଆରମ୍ଭ ହୋଇଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ଦୁଇ ଦେଶ ପାଖାପାଖି ୫ ବର୍ଷ ପରେ ସିଧା ଉଡାଣ ସେବା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଗତ ଅଗଷ୍ଟ ମାସରେ ତିଆନଜେନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ବୈଠକ କାଳରେ ହୋଇଥିଲା। ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାକ୍ଷାତ ଆଲୋଚନା ଅବସରରେ ଏ ନେଇ ନିଷ୍ପତ୍ତି ହୋଇଥିଲା। ଏପଟେ ଇଣ୍ଡିଗୋ ଏୟାରଲାଇନ୍ସ ଅକ୍ଟୋବର ୨୬ରୁ କୋଲକାତା-ଗ୍ୱାଙ୍ଗଝୁ ଦୈନିକ ଉଡାଣ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଏହା ଛଡା ଦିଲ୍ଲୀ-ଗ୍ୱାଙ୍ଗଝୁ ରୁଟରେ ଇଣ୍ଡିଗୋ ଖୁବ୍ ଶୀଘ୍ର ଉଡାଣ ଆରମ୍ଭ କରିବା ପାଇଁ ଏବେ ପ୍ରସ୍ତୁତିରେ ଅଛି। ଏହି ଉଡାଣ ସ୍ୱାଭାବିକ ହେଲେ ଦୁଇ ଦେଶଙ୍କ ମଧରେ ସିଧା ବିମାନ ଯାତ୍ରା ସମସ୍ୟା ଏବେ ଦୂର ହେବ।




## ରିଲାଏନ୍ସ ଡିଜିଟାଲ୍‌ର ଇଲେକ୍ଟ୍ରୋନିକ୍ସ ମହୋତ୍ସବ

Reliance digital
PERSONALISING TECHNOLOGY
www.reliancedigital.in

ମୁମ୍ବାଇ,୧୯।୧୦: ଉତ୍ସବ ଋତୁରେ ରିଲାଏନ୍ସ ଡିଜିଟାଲ୍‌ର 'ଇଲେକ୍ଟ୍ରୋନିକ୍ସ ମହୋତ୍ସବ'ରେ ସଞ୍ଚୟ ମଧ ହେଉଛି। ନୂଆ ଗ୍ୟାଜେଟ୍ ଠାରୁ ଆରମ୍ଭ କରି ଘରୋଇ ଉପକରଣ ପର୍ଯ୍ୟନ୍ତ ସାମଗ୍ରୀ ଆକର୍ଷଣୀୟ ଅଫରଗୁଡ଼ିକ ଜରିଆରେ କିଣି ଉତ୍ସବ ମୁହୂର୍ତ୍ତ ଭାବେ ପାଳନ କରିପାରିବେ। ପ୍ରଯୁଜ୍ୟ ଉତ୍ପାଦଗୁଡ଼ିକ ଉପରେ ଜିଏସ୍‌ଟି-ହ୍ରାସମୂଲ୍ୟର ସର୍ବାଧିକ ଲାଭ ଉଠାଇପାରିବେ ଏବଂ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ। ଏହି ରିହାତି ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ, ଜିଓମାର୍ଟ ଡିଜିଟାଲ ଷ୍ଟୋରଗୁଡ଼ିକରେ ଏବଂ www.reliancedigital.in ରେ ଅନଲାଇନରେ ଉପଲବ୍ଧ। ଏହି ଉତ୍ସବ ଅଫରଗୁଡ଼ିକ କେବଳ ୨୬ ଅକ୍ଟୋବର ପର୍ଯ୍ୟନ୍ତ ଉପଲବ୍ଧ।

## ଜିଓ ଗ୍ରାହକ ୫୦ କୋଟି ଟପିଲେ

ମୁମ୍ବାଇ, ୧୯।୧୦: ତୈଳ, ଡିଜିଟାଲ ଏବଂ ରିଟେଲ ବ୍ୟବସାୟରେ ଉତ୍ତମ ପ୍ରଦର୍ଶନ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ନିଟ୍ ଲାଭ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୟମାସରେ ୧୪.୩ ପ୍ରତିଶତ ବୃଦ୍ଧି ପାଇ ୨୨,୦୯୨ କୋଟି ଟଙ୍କା ହୋଇଛି। ଗତବର୍ଷ ଏହି ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ନିଟ୍ ଲାଭ ୧୯,୩୨୩ କୋଟି ଟଙ୍କା ରହିଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ମୋଟ ରାଜସ୍ୱ ଦ୍ୱିତୀୟ ତ୍ରୟମାସରେ ୯.୯ ପ୍ରତିଶତ ବୃଦ୍ଧି ପାଇ ୨,୮୩,୫୪୮ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷ ସମାନ ସମୟରେ ୨,୫୮,୦୨୭ କୋଟି ଟଙ୍କା ରହିଥିଲା। ରିଲାଏନ୍ସର ଡିଜିଟାଲ ଶାଖା ଜିଓ ପ୍ଲାଟଫର୍ମସ୍ ଲିମିଟେଡର ରାଜସ୍ୱରେ ୧୪.୯ ପ୍ରତିଶତ ବୃଦ୍ଧି ଦେଖାଦେଇ ୪୨,୬୫୨ କୋଟି ଟଙ୍କାରେ ପହଞ୍ଚିଛି। ନିଟ୍ ଲାଭରେ ୧୨.୮ ପ୍ରତିଶତ ବୃଦ୍ଧି ପାଇ ୭୩୭୯ କୋଟି ଟଙ୍କା ରହିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ଗାଡ଼ି ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବିପୁଳ ବିକ୍ରି

ନୂଆଦିଲ୍ଲୀ, ୧୯।୧୦: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଜିଏସ୍‌ଟି ହ୍ରାସର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ଜିଏସ୍‌ଟି ହ୍ରାସର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହିତ ରେଳ, ଆଇଟି ଓ ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ଜିଏସ୍‌ଟି ହ୍ରାସ ଫଳରେ ଦେଶରେ ଗାଡ଼ି ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବିପୁଳ ବିକ୍ରି ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ନିତ୍ୟ ବ୍ୟବହୃତ ୫୪ଟି ସାମଗ୍ରୀ ଉପରେ ସରକାର ଅତି ନିକଟରୁ ନଜର ରଖିଥିଲେ। ସେଥିରୁ ଜଣାପଡ଼ିଛି ଯେ ଜିଏସ୍‌ଟି ହ୍ରାସର ଲାଭ ଗ୍ରାହକଙ୍କୁ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୀପାବଳି ଉପହାର ପ୍ରଦାନ କରାଯାଇଛି ବୋଲି ସୀତାରମଣ କହିଛନ୍ତି। ଏପରିକି କେତେକ କ୍ଷେତ୍ରରେ ଗ୍ରାହକଙ୍କୁ ଆଶାଠାରୁ ଅଧିକ ଜିଏସ୍‌ଟି ହ୍ରାସର ଲାଭ ମିଳିଛି। ଉଲ୍ଲେଖଯୋଗ୍ୟ, ଗତମାସରେ ସରକାର ଜିଏସ୍‌ଟି ହ୍ରାସ ଘୋଷଣା କରିଥିଲେ। ଖାଦ୍ୟ ସମେତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଟିଭି, ରେଫ୍ରିଜରଟେର, ଗାଡ଼ି ଆଦିର ଜିଏସ୍‌ଟି ହ୍ରାସ କରାଯାଇଥିଲା। ଜିଏସ୍‌ଟି ହ୍ରାସକୁ ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ କରାଯାଇଥିଲା। ସେପ୍ଟେମ୍ବର ୨୨ରୁ ଦେଶରେ ନବରାତ୍ରି ମଧ ଆରମ୍ଭ ହୋଇଥିଲା। ଜିଏସ୍‌ଟି ହ୍ରାସ ଫଳରେ ଗୋଟିଏ ପଟେ ସାଧାରଣ ଲୋକଙ୍କ ହାତରେ ଅଧିକ ଅର୍ଥ ରହିପାରିଥିବାବେଳେ ଅନ୍ୟପଟେ ଦେଶରେ ବହୁମାତ୍ରାରେ ବିକ୍ରି ହୋଇଛି। ୩ ଚକିଆ ଯାନ ବିକ୍ରିରେ ୫.୫ ପ୍ରତିଶତ ବୃଦ୍ଧି ଘଟିଛି। ଦୁଇ ଚକିଆ ଯାନ ବିକ୍ରି ୨୧.୬ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି। ପାସେଞ୍ଜର ଯାନ ବିକ୍ରି ସେପ୍ଟେମ୍ବରରେ ୩.୭୨ ଲକ୍ଷ ୟୁନିଟରେ ରହିଛି। ହିରୋ ମୋଟର୍ସ ଗତ ସେପ୍ଟେମ୍ବରରେ ରେକର୍ଡ ପରିମାଣର ମାସିକ ବିକ୍ରି ହାସଲ କରିଛି। ଏଥିସହିତ ଅର୍ଥମନ୍ତ୍ରୀ କହିଛନ୍ତି ଜିଏସ୍‌ଟି ସଂସ୍କାର ୨.୦ କାର୍ଯ୍ୟକାରୀ ହେବାର ପ୍ରଥମ ଦିନରେ ଏସି ବିକ୍ରି ଦୁଇଗୁଣା ହୋଇଛି। ସେହିଭଳି ସେପ୍ଟେମ୍ବର ୨୨ରେ ଟିଭି ବିକ୍ରି ୩୦ରୁ ୩୫ ପ୍ରତିଶତ ବଢ଼ିଛି। ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଥିଲେ ନବରାତ୍ରିରେ ଗାଡ଼ି ବିକ୍ରି ବଢ଼ିଛି। ପ୍ରଥମ ୮ ଦିନରେ ମାରୁତି ସୁଜୁକି ୧.୬୫ ଲକ୍ଷ କାର୍ ବିକ୍ରି କରିଛି।

### ଜିଏସ୍‌ଟି ୨.୦ ରିପୋର୍ଟ କାର୍ଡ ରଖିଲେ ଅର୍ଥମନ୍ତ୍ରୀ

## ଭାରତ ଉପରେ ଆମେରିକାର ଶୁଳ୍କକୁ ଟୋନି ଆବଟ୍‌ଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧୯।୧୦: ଭାରତ ଉପରେ ଚଢ଼ା ଶୁଳ୍କ ଆମେରିକା ଲଗାଇଥିବାରୁ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଆବଟ୍ ଏହାକୁ କଡ଼ା ସମାଲୋଚନା କରିଛନ୍ତି। ଏନ୍‌ଡିଟିଭି ୱାର୍ଲଡ ସମ୍ମିଟ୍‌ରେ ଯୋଗଦେଇ ଆବଟ୍ ୱାସିଂଟନ ଓ ଇସଲାମାବାଦ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କକୁ ମଧ୍ୟ ସମାଲୋଚନା କରିଛନ୍ତି। ପାକିସ୍ତାନ ପରିବର୍ତ୍ତେ ଭାରତ ସହିତ ଦୃଢ଼ ସମ୍ପର୍କ ସ୍ଥାପନ ଆମେରିକା ପାଇଁ ଭଲ ହେବ ବୋଲି ଆବଟ୍ ମତ ରଖିଛନ୍ତି। ଆବଟ୍ କହିଛନ୍ତି, ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କର ଜଣେ ସମର୍ଥକ। କିନ୍ତୁ ମୁଁ ଭାବୁଛି ସେ ଭାରତ ଉପରେ ଶୁଳ୍କ ଲଗାଇ ଠିକ୍ କରିନାହାନ୍ତି। ବରଂ ଯେଉଁ ଅନ୍ୟ ଦେଶ ଠକୁଛନ୍ତି, ବିଶେଷକରି ଚୀନ, ସେମାନଙ୍କ ଉପରେ ଅଧିକ ଶୁଳ୍କ ଲଗାଯିବା ଉଚିତ ଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକାର ବଡ଼ ତ୍ରୁଟି ହେଲା ସେ ନିରନ୍ତର ଭାବେ ଉଦାର ଗଣତନ୍ତ୍ର ଭାରତ ପରିବର୍ତ୍ତେ ସାମରିକ ଏକଛତ୍ରବାଦ ପାକିସ୍ତାନ ଆଡ଼କୁ ଢଳୁଛି। ଅବଶ୍ୟ ଗତ ୨୦ ବର୍ଷ ହେଲା ଆମେରିକା ଏଥିରେ ସଂଶୋଧନ ଆଣୁଛି। କିନ୍ତୁ ଶୁଳ୍କ ଏ କ୍ଷେତ୍ରରେ ସଂପ୍ରତି ବଡ଼ ପ୍ରତିବନ୍ଧକ। ତେବେ ଏହା ସାମୟିକ ପ୍ରତିବନ୍ଧକ ହେବ। ଶୀଘ୍ର ଏଥିରେ ପରିବର୍ତ୍ତନ ନେଇ ଆଶାବାଦୀ ରହିବାକୁ ସେ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ ଭାରତର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି।

## ବସକୁ ଧକ୍କା ଦେଲା ଟ୍ରକ୍, ୮ ଆହତ



**ଲାଞ୍ଜିଗଡ଼,୧୯।୧୦ (ସଂଚାର ବ୍ୟୁରୋ):** ଯାତ୍ରୀବାହି ବସକୁ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୮ ଜଣ ଗୁରୁତର ଆହାତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନିପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ମଙ୍ଗଳା ମନ୍ଦିର ଘାଟିରେ। ଘାଟି ରାସ୍ତାରେ ଗାଡ଼ି ଜାମ୍ ଯୋଗୁ (ଏପି-୩୯-ଇଉ-୬୯୮୮) ମାଲବାହୀ ଟ୍ରକଟି ପଛକୁ ଫେରି ଆସି ବସକୁ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା। ବସରେ ପାଖାପାଖି ୩୫ଜଣ ଯାତ୍ରୀ ରହିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ବିଶ୍ୱନାଥପୁର ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କରିଥିଲେ। ତେବେ ବସଟି ଭବାନୀପାଟଣାରୁ ବିଷମକଟକ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛି।

## ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ



**ବୈଶିଙ୍ଗା,୧୯।୧୦ (ସଂଚାର ବ୍ୟୁରୋ):** ଦୀପାବଳୀ ବଜାର ରେ ଦେଶୀ ମଦ ବ୍ୟବସାୟ କରିବା ପାଇଁ ଚୋରା ମଦ ବେପାରୀ ମାନେ ଚଳାଇଥିବା ତାଙ୍କର ମଦ ରନ୍ଧା କାର୍ଯ୍ୟକୁ ବେତନଟୀ ଅବକାରୀ ବିଭାଗ ପାଣି ଫୋଟକା ସଜେଇ ଦେଇଛନ୍ତି !ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କହଁର ଙ୍କ ନିର୍ଦ୍ଦେଶରେ ଉଦଳା ର ଅବକାରୀ ମୋବାଇଲ ଇନିସପେକଟର ସଞ୍ଜୟ କୁମାର କାଣ୍ଡି, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା ଓ ମୋବାଇଲ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧୭୮୦୦ କେଜି ପୋଚ ଏବଂ ୧୬୮୦ ଲିଟର ରନ୍ଧା ମଦ ଜବତ କରିଥିବା ଜଣାଯାଇଛି ।ଏହି ଅବକାରୀ ଥାନା ଅନ୍ତର୍ଗତ ଯଦୁନାଥପୁର, ଅସ୍ତଝରଣ, ରାଉତରାପୁର ଓ ମଧୁପୁରା ଅଞ୍ଚଳରୁ ଏହି ପୋଚ ଓ ରନ୍ଧା ମଦ ଜବତ କରାଯାଇଥିଲେ ମଧ ଅଭିଯୁକ୍ତ ମାନେ କୌଶଳ କ୍ରମେ ଖସି ଯାଇଥିବା ଅବକାରୀ ଅଧିକାରୀ ପ୍ରକାଶ କରିଥିଲେ ।

### ବିଏସ୍‌ଏଫ୍ ଯବାନଙ୍କ ପରକୀୟା ପ୍ରୀତି

## ବିଳମ୍ବିତ ରାତ୍ରୀରେ ମହିଳାଙ୍କ ଘରେ ପଶିଥିବାରୁ ପଡ଼ୋଶୀ ଦେଲେ ଉତ୍ତମ ମଧ୍ୟମ

**ଗରଦପୁର,୧୯।୧୦(ସଂଚାର ବ୍ୟୁରୋ):** ଜଣେ କାର୍ଯ୍ୟରତ ବିଏସଏଫ ଯବାନଙ୍କ ପରକୀୟା ପ୍ରୀତିକୁ ନେଇ ପାଟକୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଛୁଟିରେ ଘରକୁ ଆସି ଗତ ଶନିବାର ବିଳମ୍ବିତ ରାତିରେ ସ୍ୱାମୀ ନଥିବାର ସୁଯୋଗ ନେଇ ମହିଳାଙ୍କ ଘରେ ପଶିଥିଲେ । ମହିଳା ଜଣଙ୍କ ଶାଶୁ ସନ୍ଦେହ କରି ପଡ଼ୋଶୀଙ୍କୁ ଡାକିଥିଲେ। ଏହା ପରେ ପଡୋଶୀ ଆସି ଉକ୍ତ ବିଏସଏଫ ଯବାନ ଯୁବକ ଜଣଙ୍କୁ ଦୀର୍ଘ ସମୟ ଧରି ଖୁଣ୍ଟରେ ବାନ୍ଧିକି ଉତ୍ତମ ମଧ୍ୟମ ଦେଇଥିବା ଜଣାପଡିଛି । ଏଭଳି ଘଟଣା ପାଟକୁରା ଥାନା ଅଂଚଳରେ ଘଟିଛି । ସୂଚନା ଅନୁଯାୟୀ କୁଦାନଗରୀ ଥାନା ଅଞ୍ଚଳର ଜଣେ ବିଏସଏଫ ଯବାନ ଯୁବକ ଜଣକ ପାଟକୁରା ଥାନା ଅଧୀନରେ ଥିବା ଗରଦପୁର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମର ଜଣେ ବିବାହିତ ମହିଳାଙ୍କ ସହ ଦୀର୍ଘ ଦିନ ଧରି ସମ୍ପର୍କ ଗଢି ଉଠିଥିଲା । ଯୁବକ ଜଣକ ଘରକୁ ଛୁଟିରେ ଆସିବା ପରେ ମହିଳାଙ୍କୁ ଦେଖା କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ତାହା ସମ୍ଭବ ପର ହେଉନଥିଲା । ମହିଳା ଜଣଙ୍କ ସ୍ୱାମୀ ରୋଜଗାର ଲାଗି ବିଦେଶ ଯାଇଥିବା ବେଳେ ଏହାର ସୁଯୋଗ ନେଇଥିଲା ଯୁବକ ଜଣକ। ଗତ ଶନିବାର ବିଳମ୍ବିତ ରାତ୍ରୀରେ ଯୁବକ ଜଣଙ୍କ ନିଜ ଘରଠୁ ପାଖାପାଖି ୮କିଲୋ ମିଟର ବାଇକ୍ ଯୋଗେ ଆସି ମହିଳାଙ୍କ ଘରେ ପ୍ରବେଶ କରିଥିଲେ। ଏହାର କିଛି ସମୟ ପରେ ମହିଳାଙ୍କ ଶାଶୁ ଘର ମଧରେ କେହି ପ୍ରବେଶ କରିଥିବା ସନ୍ଦେହ କରିଥିଲେ। ଯାହା ଫଳରେ ହୋ ହାଲ୍ଲା କରିବାରୁ ପଡ଼ୋଶୀ ପହଞ୍ଚି ଯୁବକ ଜଣଙ୍କୁ ଧରିଥିଲେ । ଘର ସାମ୍ନାରେ ଦୀର୍ଘ ସମୟ ଧରି ଯୁବକକୁ ବାନ୍ଧିକି ଉତ୍ତମ ମଧ୍ୟମ ଦେବା ସହ ସ୍ଥାନୀୟ ପାଟକୁରା ଥାନା କୁ ଖବର ଦେଇଥିଲେ । ପାଟକୁରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ ।

# ଚାଲୁ ସୁନାର ପେଣ୍ଠସ୍ଥଳୀ କାକଟପୁର ଓ ଅସ୍ତରଙ୍ଗ

**କୋଟି କୋଟି ଟଙ୍କାର ଟିକସ ଫାଙ୍କୁଛନ୍ତି ଅସାଧୁ ବ୍ୟବସାୟୀ**

**ପ୍ରଶାସନ ନିରବଦ୍ରଷ୍ଟା**



**କାକଟପୁର/ଅସ୍ତରଙ୍ଗ,୧୯।୧୦ (ସଂଚାର ବ୍ୟୁରୋ):** ପ୍ରାୟତଃ ପ୍ରତ୍ୟେକ ଦିନ ଖବର କାଗଜ, ଟିଭି, ରେଡ଼ିଓ ଇତ୍ୟାଦିରେ ବିଜ୍ଞାପନ ବାହାରୁଛି ବିଭିନ୍ନ ଘରୋଇ ସୁନା ଶୋରୁମ୍ ମାନଙ୍କର । ସେଥିରେ ଗ୍ରାହକ ମାନଙ୍କ ପାଇଁ ଅଫର ମଧ ରହୁଛି। ଯାହାକି ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଛି ଅଧିକରୁ ଅଧିକ ସୁନା କ୍ରୟ କରିବା ପାଇଁ। ହେଲେ ଆପଣ କେବେ ଭାବିଛନ୍ତି କି ଆପଣ ଯେଉଁ ସୁନା କିଣୁଛନ୍ତି ସିଏ ହଲମାର୍କ ସୁନା ନାଁ ଆଉ କିଛି। ଆପଣ ଅସଲି ଟଙ୍କା ଦେଇ ନକଲି ସୁନା କିଣୁନାହାନ୍ତି ତ? ଏମିତି ତମାମ ପ୍ରଶ୍ନ ମନରେ ଆସୁଥିବ। ଆସିବା ବି ସ୍ୱାଭାବିକ କାରଣ ଆଜିକାଲି ଅସମ୍ଭବ ନୁହେଁ। ଆମେ ଏପରି କହିବାର ଉଦେଶ୍ୟ ଏପରି ଅନେକ ଅଭିଯୋଗ ମଧ ଆସୁଛି ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ। ଗ୍ରାମାଞ୍ଚଳ ଲୋକଙ୍କୁ ହଲମାର୍କ ଓ ୨୨କ୍ୟାରେଟ କହି ଅସାଧୁ ବ୍ୟବସାୟୀ ୧୮କ୍ୟାରେଟ ମଧ ବିକ୍ରି କରୁଛନ୍ତି। ଯାହାକି ଗ୍ରାହକ ଠକାମୀ ଶିକାର ହେଉଛନ୍ତି।

ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଥିବା ସୁନା ଦୋକାନ ଅବା ଜୁଏଲାରୀରେ ବିନା ଜିଏସଟି ସହ ନକଲି ସୁନା ମଧ ବିକ୍ରି ହେଉଛି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ୩୦ରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଦୋକାନ ରହିଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟ କଥା ହାତ ଗଣତି ୫ରୁ ୭ଟି ଦୋକାନ ଛାଡ଼ିଦେଲେ ବାକି ସମସ୍ତ ଦୋକାନୀ ସରକାରଙ୍କୁ ବର୍ଷକୁ କୋଟି କୋଟି ଟଙ୍କାର ଟିକସ ଫାଙ୍କି ବ୍ୟବସାୟ କରୁଥିଲେ ସୁଦ୍ଧା ଏ ସମ୍ବନ୍ଧରେ ପ୍ରଶାସନ ପାଖରେ ଖବର ନାହିଁ ନାଁ ସବୁ ଜାଣିକରି ପ୍ରଶାସନ ଶୋଇ ପଡିଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ କଥା କିଛି ଅସାଧୁ ବ୍ୟବସାୟୀ ସାକ୍ଷରତା ନଥିବା ମହିଳାଙ୍କୁ ୧୮କ୍ୟାରେଟ ସୁନାକୁ ୨୨ କ୍ୟାରେଟ ଦାମରେ ବିକ୍ରି କରୁଥିବା ବେଳେ ବିଲ ଦେଉନାହାନ୍ତି। ଏହା ସହ ସୁନା ଗହଣା ଉପରେ ସରକାର ଏକ ପ୍ରକାର ଟିକସ ଲଗାଉଥିବା ବେଳେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବ୍ୟବସାୟୀମାନେ ଜବକ କଳା ବଜାରରୁ ଏଭଳି ଗହଣା ବହୁତ କମ୍ ଦାମରେ ଓ ନକଲି ସହିତ ବିନା ହଲମାର୍କରେ ଆଣି କରି ସରକାରଙ୍କୁ କୋଟି କୋଟି ଟଙ୍କା ଟିକସ ଫାଙ୍କି ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ଏ ନେଇ ଜଣେ ବ୍ୟବସାୟୀ ନାମ ଗୋପନ ରଖି କହିଛନ୍ତି ଅନେକ ଅସାଧୁ ବ୍ୟବସାୟୀ ଏପରି ସୁନା ବ୍ୟବସାୟ କରୁଛନ୍ତି, ଏହାକୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ନିହାତି ଯାଞ୍ଚ କରିବା ଆବଶ୍ୟକ, ନଚେତ ଲୋକ ଭରସା ତୁଟିଯିବ। ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ସରକାରୀ ଯୋଜନାରୁ ବଞ୍ଚିତ ତୋପଇ ବିନ୍ଧାଣି

**ଫିରିଙ୍ଗିଆ,୧୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ଅସହାୟ ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧମରେ ପକ୍କା ଘର ଯୋଗାଇ ଦେଉଛନ୍ତି ସତ, କିନ୍ତୁ ସ୍ଥାନୀୟ ପ୍ରତିନିଧି ଓ ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି ତପୋଇ ବିନ୍ଧାଣି। ହେଲେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦେବାରେ ବିଳମ୍ବ କାହିଁକି ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏମିତି ଏକ ଦୁଃଖ ଦାୟକ ଦୃଶ୍ୟ ଦେଖିବାକୁ ମିଳୁଛି ।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଅନ୍ତର୍ଗତ ଗବରନଳା ଗ୍ରାମର ତପୋଇ ବିନ୍ଧାଣ ବୟସ





(୨୬) ରାସନ୍ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି। ଶେଷରେ ବାଧ ହୋଇ ସ୍ୱାମୀ ଓ ଛୋଟ ଝିଅକୁ ନେଇ ସେ କନ୍ଧମାଳ ଜିଲ୍ଲାପାଳଙ୍କ ଦାରସ୍ଥ ହୋଇଛନ୍ତି। ରହିବା ପାଇଁ ଜାଗା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଓ ରାସନ୍ କାର୍ଡ ଯୋଗାଇ ଦେବାକୁ ସେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ରହିବାକୁ ନିଜର ଜାଗା କିମ୍ବା ଘର ଖଣ୍ଡିଏ ନାହିଁ। ପର ଘରେ ଦିନ ବିତାଉଛନ୍ତି। ମୁଲ ମଜୁରି ଲାଗି ଯାହା ମିଳୁଛି ଦୁଃଖ କଷ୍ଟରେ ପରିବାର ଚଳାଉଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପକ୍ଷେ ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି ତପୋଇ ବିନ୍ଧାଣି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ତ ସରକାର ଯୋଜନା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଛିନତାଇ ବେଳେ ଧରାପଡ଼ିଲେ ୩ ଆନ୍ତଃରାଜ୍ୟ ଦୁର୍ବୃତ୍ତ

**ବାରିପଦା, ୧୯।୧୦ (ସଂଚାର ବ୍ୟୁରୋ):** ଏବେ ପାର୍ବଣ ଋତୁ ଚାଲିଛି। ଧନ୍ତେରସ ଦିବସ ଏବଂ କାଳୀ ପୂଜାରେ ଅନେକ ଲୋକେ ଗହଣା କିଣାକିଣି କରନ୍ତି। ଏହାର ସୁଯୋଗକୁ ଉଣ୍ଡି ବସିଛନ୍ତି ଆନ୍ତଃ ରାଜ୍ୟ ଦୁର୍ବୃତ୍ତ। ଗତକାଲି ରାତ୍ରିରେ ରାଇରଙ୍ଗପୁର ସହରର ବିର୍ସା ମୁଣ୍ଡା ପାର୍କ ନିକଟରେ ଏକ ଦମ୍ପତିଙ୍କ ଠାରୁ ମନିପର୍ସ ଛିନତାଇ ଘଟଣାରେ ୩ ଆନ୍ତଃରାଜ୍ୟ ଦୁର୍ବୃତ୍ତକୁ ଲୋକେ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି।



## ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



**କେନ୍ଦ୍ରାପଡ଼ା,୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଟ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଡିପିଏଚଓ) ଡାଃ ଗୌରାଙ୍ଗ ଚରଣ ଗିରି, ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୌତୁକ ନିଷେଧ ଅଧିନିୟମ ୧୯୬୧ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଥିଲା । ଯୌତୁକ ନେବା ଏକ ଅପରାଧ ବୋଲି କହିବା ସହିତ ବିବାହ ହେଉଥିବା ସମସ୍ତ ଅନୁଷ୍ଠାନ ଓ ଏଥିରେ ସହଯୋଗ କରୁଥିବା ବ୍ୟକ୍ତି ବିଶେଷ ଯୌତୁକ ନିଷେଧ ଅଧିନିୟମ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## ପୂର୍ବତନ ସାଂସଦଙ୍କ ଶ୍ରଦ୍ଧାଞ୍ଜଳି ସଭା



**କେନ୍ଦ୍ରାପଡା,୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ପ୍ରଭାତ କୁମାର ସାମନ୍ତରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମାର୍ଶାଘାଇ ବ୍ଲକ ତାଳସଙ୍ଗା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଗଙ୍ଗାଧର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ନେତା ତଥା ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ବିଜେଡି ନେତା ଅଂଶୁମାନ ମହାନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଶତାଧିକ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ପାଟକୁରାର ବିଜେଡି ନେତା ରବି ସାମଲ ପାରାଦ୍ୱୀପ ମୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇ ସ୍ୱର୍ଗତ ପ୍ରଭାତ ବାବୁଙ୍କ କାର୍ଯ୍ୟ ଦକ୍ଷତାର ଗୁଣଗାନ କରିଥିଲେ।

## ଚିକିତ୍ସାରେ ଅବହେଳା ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା





**ବାଲିପାଟଣା,୧୯।୧୦ (ସଂଚାର ବ୍ୟୁରୋ):** ଚିକିତ୍ସା ଅବେହେଳାରୁ ଡାକ୍ତରଖାନା ସମ୍ମୁଖରେ ଧାରଣ ଦେଇଛନ୍ତି ଗ୍ରାମବାସୀ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ।

ସୂଚନାଯୋଗ୍ୟ ଗତକାଲି ରାତି ୧୨ଟାରେ ହୃଦ୍‌ରୋଗରେ ପିଡ଼ିତ ବଂଶୀଧର ବାରିକ ହଠାତ୍ ଗୁରୁତର ହେବାରୁ ତାଙ୍କ ପୁଅ ପପକ୍ ରଞ୍ଜନ ବାରିକ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଫିଜା ଆଲମ୍‌ଙ୍କୁ ପପକ୍ ପୂର୍ବରୁ ଚିକିତ୍ସା କରାଉଥିବା ଡାକ୍ତରଙ୍କ ସହିତ ଫୋନ୍‌ରେ କଥା କରାଇଥିଲେ। ଏହା ପରେ ଡାକ୍ତର ତାଙ୍କୁ ପୂର୍ବରୁ ପରାମର୍ଶ ଅନୁସାରେ ଚିକିତ୍ସା କରି କ୍ୟାପିଟାଲ୍ ହସ୍ପିଟାଲ୍ ରେଫର୍ କରିଥିଲେ। କିନ୍ତୁ ପପକ୍‌ଙ୍କ ଅଭିଯୋଗ ଅନୁଯାଇ ଡାକ୍ତର ଗୁରୁତର ଥିବା ତାଙ୍କ ବାପାଙ୍କ ଠିକ୍ ସେ ଚିକିତ୍ସା ନକରାଇ ଦୁର୍ବ୍ୟବହାର କରିଥିଲେ। ବାପାଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ନେଉଥିବା ବେଳେ ଥାନା ପିସିଆର୍ ପହଁଚି ତାଙ୍କୁ ଅଟକାଇଥିଲେ। ବହୁ ନେହୁରା ପରେ ପପକ୍‌ଙ୍କ ସହିତ ଆସିଥିବା ଯୁବକଙ୍କୁ ବନ୍ଧକ ରଖି ତାଙ୍କ ବାପାଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ଛାଡିଥିଲେ। ଆଜି ଏହାର ବିରୋଧ କରି ପପକ୍ ଓ ତାଙ୍କ ସର୍ମଥକ ଡାକ୍ତରଖାନା ସାମ୍ନାରେ ଧାରଣା ଦେବା ସହିତ ଉକ୍ତ ଡାକ୍ତର ଫିଜା ଆଲମ୍‌ଙ୍କ ଗାଡିକୁ ଅଟକାଇଥିଲେ। ଏନେଇ ପପକ୍ ଉକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବୀ କରିବା ସହିତ ଭବିଷ୍ୟତରେ ଏପରି ଆଉ କାହା ସହିତ ଯେମିତି ନ ହେଉ ଦାବୀ କରିଛନ୍ତି।

## ତୁଳସୀ ମହିଳା ମହାବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ୍ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଆନୁକୁଲ୍ୟରେ 'ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଏବଂ ସଡ଼କ ସୁରକ୍ଷା' ଶୀର୍ଷକକୁ ନେଇ ଏକ ଓରିଏଂଟେସନ୍ ଓ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ପୌରହିତ୍ୟ କରି ପ୍ରାଥମିକ ଚିକିତ୍ସା ଓ ସୁରକ୍ଷା ଉପରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଯୁବ ରେଡ୍‌କ୍ରସ୍‌ର ସଂଯୋଜିକା ଡ଼ ସୁଜାତା ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଏବଂ ସଡକ ସୁରକ୍ଷାର ମାଷ୍ଟର ଟ୍ରେନର୍ ଦୀପକ କୁମାର ଚୌଧୁରୀ ପାଣିରେ ବୁଡିଯିବା, ନିଆଁରେ ପୋଡି ହେବା, ରାସ୍ତାରେ ଯାନବାହନ ଜନିତ ଦୁର୍ଘଟଣାରେ ଗୋଡହାତ ଭାଙ୍ଗିବା ଭଳି ଅଘଟଣ ଉପରେ ଟ୍ରେନିଂ ଦେଇ ଛାତ୍ରୀମାନଙ୍କୁ ସଚେତନ କରିବା ସହିତ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗଦେଇଥିଲେ।

## ବିଞ୍ଝାରପୁର ମଣ୍ଡଳସ୍ତରୀୟ ଯାଦବ ସମ୍ମିଳନୀ



**ବିଞ୍ଝାରପୁର,୧୯।୧୦ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ଗ୍ରାପ ନଛିପୁରସ୍ଥିତ ମା ଥାନପତି ମନ୍ଦିର ପ୍ରାଙ୍ଗଣରେ ବିଞ୍ଝାରପୁର ମଣ୍ଡଳ ସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁମଣ୍ଡଳ ସଭାପତି ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସଙ୍କ ଅଧକ୍ଷତା କରିଥିଲାବେଳେ ମୁଖ୍ୟଅତିଥି ରୂପେ ଜିଲ୍ଲା ଯାଦବ ମହାସଭାର ମୁଖ୍ୟ ପରାମର୍ଶଦାତା ପଦ୍ମାକର ଗୁରୁ ଯୋଗଦେଇ ମଣ୍ଡଳସ୍ତରରୁ ଯାଦବ ଭାଇଭଉଣୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଶିକ୍ଷା, ସାମଜିକ, ରାଜନୈତିକ ଓ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଓ ପ୍ରଗତି ଆଣିବା ଲାଗି ମଣ୍ଡଳ ଯାଦବ ମହାସଭା ନିରନ୍ତର ଉଦ୍ୟମ ଜାରି ରଖିବାକୁ ଗୁରୁମନ୍ତ୍ର ଦେବା ସହ ଆଗାମୀ ଛ'ମାସ ଭିତରେ ବ୍ଲକ୍ ସ୍ତରରେ ଏକ ଯାଦବ କୋଷ ଗଠନ କରିବା, ଗରିବ ଯାଦବ ଭାଇ ଭଉଣୀ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହଯୋଗ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସିଂହପୁର ଗ୍ରାପର ସରପଞ୍ଚ ଶଶାଙ୍କ ଶେଖର ଖିଲାର ଯୋଗଦେଇ ଯାଦବ କୂଳର ଏକତା, ସ୍ୱାଭିମାନ ଓ ସମ୍ମାନ କୁ ଆଗକୁ ନେବା ଲାଗି ସଂଗଠନକୁ ସୁଦୃଢ ଓ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ନାରାୟଣ ଚନ୍ଦ୍ର ଦାସଙ୍କୁ ପୁନଃ ମଣ୍ଡଳ ସଭାପତି, ବସନ୍ତ କୁମାର ଦାସଙ୍କୁ ସମ୍ପାଦକ,ସୁଲୋଚନା ଦାସଙ୍କୁ ଉପସଭାପତି ଓ ଅଭୟ କୁମାର ଦାସଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା । ମଣ୍ଡଳସ୍ତରୀୟ ଯାଦବ ସମ୍ମିଳନୀର ପରବର୍ତ୍ତୀ ବୈଠକ ଚଳିତ ଅକ୍ଟୋବର ମାସ ଛବିଶି ତାରିଖ ରବିବାର ଅରେଇ ଗ୍ରାମ ପଞ୍ଚାୟତର ବାବା ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ସୁବର୍ଣ୍ଣପୁର,୧୯।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକର ସ୍ଥାନୀୟ କୋଶଳ ଉଚ୍ଚ ବିଦ୍ୟାଳୟ ପରିସରରେ "ବ୍ଲକ ସ୍ତରୀୟ ଗୀତା ଆବୃତ୍ତି" ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ବିଦ୍ୟାଳୟର ସଂସ୍ଥାପକ ଶ୍ରୀ ସଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସୋନପୁର ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୯୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍‌ଭଗବତଗୀତାର ପଞ୍ଚମ ଅଧାୟ ଆବୃତ୍ତି କରିଥିଲେ। ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗରେ କ' ବିଭାଗରୁ ସିଦ୍ଧି ତ୍ରିପାଠୀ, ଯଶସ୍ୱୀ ମହାପାତ୍ର, ପିଙ୍କି ବଗର୍ତ୍ତି, ଖ' ବିଭାଗରୁ ଜାଗୃତି ମହାପାତ୍ର,ଲୋରା ପ୍ରିୟଦର୍ଶନୀ ଦାସ,ଓମ୍ ଶ୍ରୀ ମିର୍ଦ୍ଧା, ଗ' ବିଭାଗରୁ ଆୟୁଷ୍ମାନ ନାୟକ, ଅନିମେଶ ମିଶ୍ର,ଅଂଶୁମାନ ଗରିଆ ଓ ଘ' ବିଭାଗରୁ ଅଙ୍କିତା ପ୍ରଧାନ, ଚମ୍ପେଶ୍ୱରି କର୍ଣ୍ଣ,ସୁମିତ୍ରା ଭୋଇ ପୁରସ୍କୃତ ହୋଇ ଆସନ୍ତା ନଭେମ୍ବର ୨୩ ରେ ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



**ଲାଞ୍ଜିଗଡ଼,୧୯।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜଗଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜାତୀୟ ସ୍ତରରେ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀ ସନ୍ତୋଷ କର ଯୋଗ ଦେଇଥିବା ବେଳେ ସଂମ୍ମାନୀତ ଅତିଥିଭାବେ ଜିଲ୍ଲା ଶିକ୍ଷା ବିଭାଗର ଯୁକ୍ତ-୨ କଡିନେଟର ଶ୍ରୀ ବିରେନ୍ଦ୍ର ଆଚାର୍ଯ୍ୟ ଓ ପଞ୍ଚସଖା ଶିକ୍ଷା ସେତୁର ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଶାନ୍ତ ନନ୍ଦ , ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ଭରତ ଭୂଷଣ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଇତିହାସ ଓ ଭୂଗୋଳ ବିଷୟ ପ୍ରତି ପିଲାଙ୍କ ଆଗ୍ରହ ନିମନ୍ତେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ବିନୋଦ ବାତ୍ରାଙ୍କ ସହାୟତାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଇତିହାସ ଓ ଭୂଗୋଳ ବିଷୟର ୫୦ ରୁ ଉର୍ଦ୍ଧ ମଡେଲ ପ୍ରସ୍ତୁତ କରି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ - ରଞ୍ଜିତା ଆଚରି, ଦ୍ୱିତୀୟ ସ୍ଥାନ - ପୁନମ ଗହିର ଓ ତୃତୀୟ ସ୍ଥାନ - ସୃତି ସେଠୀ ଅଧିକାର କରିଥିବା ପୁରସ୍କୃତ କରିବା ସହ ଶ୍ରେଷ୍ଠ ୧୦ ଜଣ ଙ୍କୁ ମାନପତ୍ର ଓ ପୁରସ୍କାର ସହ ସମ୍ମାନିତ କରିବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ଶିକ୍ଷକ ବିଷ୍ଣୁ ପ୍ରସାଦ ରାଉତ, ସୁନିଲ କୁମାର ପାଠକ, କାହ୍ନୁ ଚରଣ ଡାକୁଆ, ସିରିପୁରମ ମୋହନା ରାଓ, ରୋଜାଲିନ ପାଢ଼ୀ, ଅମିତା ସ୍ୱାଇଁ, ବନିତା ଧଙ୍ଗଡାମାଝୀ ପ୍ରମୁଖ ଯୋଗ କରିଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଶିକ୍ଷକ ନାଗେଶ୍ୱର ସା।

## ନୀଳକଣ୍ଠ ସ୍ମାରକୀ ଗୁରଜଙ୍ଗା କପ୍ କ୍ରିକେଟ୍ ପ୍ରତିଯୋଗିତା





**ଖୋର୍ଦ୍ଧା,୧୯।୧୦ (ସଂଚାର ବ୍ୟୁରୋ):** ଗୁରଜଙ୍ଗା ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ସ୍ମାରକୀ ଗୁରଜଙ୍ଗା କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍। ମୁକୁନ୍ଦ ପ୍ରସାଦ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜାନଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୫ ୱିକେଟ୍ ହରାଇ ୨୧୯ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୮୫ ରନ୍ ଏବଂ ବୀରା ଅଭିମନ୍ୟୁ ୫୬ ରନ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଦଳର ପଙ୍କଜ ୩ ୱିକେଟ୍ ନେଇଥିଲେ। ଜବାବରେ, ମୁକୁନ୍ଦ ପ୍ରସାଦ ଦଳ ୧୬ ଓଭରରେ ୯ ୱିକେଟ୍ ହରାଇ କେବଳ ୧୬୦ ରନ୍ କରିପାରିଥିଲା। ଜାନଲା ଦଳ ୫୯ ରନ୍ ରେ ମ୍ୟାଚ୍ ଜିତିଥିଲା। ଅତିଥି ଶଶିକାନ୍ତ ଦାସ ବୀରା ଅଭିମନ୍ୟୁଙ୍କୁ ତାଙ୍କର ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ତମାଣ୍ଡୋ ଏବଂ ପାନବରାଜ ପରସ୍ପରକୁ ଭେଟିଥିଲେ। ବର୍ଷା ଯୋଗୁଁ ବାଧାପ୍ରାପ୍ତ ମ୍ୟାଚ୍‌କୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପ୍ରଥମ ମ୍ୟାଚ୍ ସୋମବାର, ୨୦/୧୦/୨୫ ରେ ପଳାସପୁର ବନାମ କଲ୍ୟାଣପୁର ଏବଂ ଦ୍ୱିତୀୟ ମ୍ୟାଚ୍ ମେଣ୍ଢାସାଲ ବନାମ କୁମାରବସ୍ତ ମଧରେ ଖେଳାଯିବ ବୋଲି ମ୍ୟାଚ୍ ରେଫରି ସଙ୍କେତ ଦାସ ଏବଂ ଆସୁତୋଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ବନ୍ଧକନା ପଞ୍ଚାୟତରେ ଭୂତ ଖାଉଛି ଚାଉଳ

**କଳାହାଣ୍ଡି,୧୯।୧୦ (ସଂଚାର ବ୍ୟୁରୋ):** ସରକାରଙ୍କ ତରଫରୁ ଗରିବ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପ୍ରତି ମାସରେ ଦିଆଯାଉଛି ୫ କିଲୋ ଚାଉଳ। କିନ୍ତୁ ଏହି ଯୋଜନାରେ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ସରକାରଙ୍କ ପକ୍ଷରୁ ଇ.କେୱାଇସି ଆରମ୍ଭ ହୋଇଥିଲା। ଏହି ମାଧମରେ ଅନେକ ହିତାଧିକାରୀ ବାଦ ପଡ଼ିଛନ୍ତି। ଅନ୍ୟପଟେ ମାସ ମାସ ଧରି ମୃତ ହିତାଧିକାରୀଙ୍କ ନାମରେ ପିଡିଏସ ଚାଉଳ ଉଠାଣ ହେଉଥିବାରୁ ଏହି ଚାଉଳ ଭୂତ ଖାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭିଯୋଗ ଉଠିଛି କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ବନ୍ଧକନା ପଞ୍ଚାୟତରୁ।

ସୂଚନା ଅନୁସାରେ, ୨୦୨୪ ଜୁଲାଇ ୩ ରେ ବାସନ୍ତୀ ରାଉତଙ୍କ ମୃତ୍ୟୁ ହୋଇ ସାରିଛି। କିନ୍ତୁ ରେସନ କାର୍ଡ ନମ୍ବର ୧୫୦ ୬୦୨୧୦ ୮୪୧ରେ ପ୍ରତି ମାସରେ ଚାଉଳ ଉଠାଣ ହେଉଛି । ସେହିଭଳି କାର୍ଡ ନମ୍ବର ୧୫୦ ୬୦ ୨୧୧୨୬୬ର ହିତାଧିକାରୀ କମଳା ଶବରଙ୍କ



୨୦୨୪ ଅଗଷ୍ଟ ୨୩ରେ ମୃତ୍ୟୁ ହୋଇଥିବା ବେଳେ ସପୁର ଶବର ନାମକ ହିତାଧିକାରୀଙ୍କ ୨୦୨୪ ନଭେମ୍ବର ୧ରେ ମୃତ୍ୟୁ ହୋଇ ସାରିଛି। ନୂଆଦେଈ ମାଝୀଙ୍କ ଚଳିତ ବର୍ଷ ମେ ୧୪ ଓ ପ୍ରଦୀପ ନାଏକଙ୍କ ଅଗଷ୍ଟ ୭ ରେ ମୃତ୍ୟୁ ହେଇ ସାରିଛି । ଏହି ସମସ୍ତ ହିତାଧିକାରୀଙ୍କ ନାମରେ ପ୍ରତି ମାସ ଚାଉଳ ଉଠାଣ କରାଯାଉଛି । ଏମାନଙ୍କ ମଧରୁ କିଛି ହିତାଧିକାରୀଙ୍କ ମୃତ୍ୟୁ ପରେ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ପାଇଥିଲେ ମଧ ଖାଦ୍ୟ ସୁରକ୍ଷା ଯୋଜନାରୁ ସେମାନଙ୍କ ନାମ ବାଦ ଦିଆନଯିବା ପରିତାପର ବିଷୟ ହୋଇଛି। ସେମାନଙ୍କ ନାମରେ ଚାଉଳ ଉଠାଣ କରାଯିବା ଏକ ଅପରାଧ ଅଟେ। ତେଣୁ ୭ଇ.ସି ଆଇନ ବଳରେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି । ଏନେଇ ବ୍ଲକ ଯୋଗାଣ ଅଧିକାରୀ ଲିସା ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା। ସେ ଫୋନ ଉଠାଇନ ଥିବାରୁ ପ୍ରତିକ୍ରିୟା କିଛି ମିଳିପାରି ନାହିଁ। ଏ ନେଇ ଅଭିଯୋଗ ପରେ କଳମପୁର ବିଡିଓ ବିଜୟ ମାଣ୍ଡାଙ୍ଗି ଓ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏକ ଦଳ ଓ ଅନ୍ୟ ଏକ ସ୍ୱତନ୍ତ୍ର ଦଳ ମାଧମରେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ଖାଲିପେଟରେ ପିଅନ୍ତୁ ହଳଦୀ ପାଣି
## ମିଳିବ ଅନେକ ଚମତ୍କାରୀ ଫାଇଦା



ଡ଼ାକ୍ତର ଏବଂ ବଡ଼ ଲୋକମାନେ ସକାଳୁ ଉଠି ଖାଲି ପେଟରେ ହାଲୁକା ଉଷୁମ ପାଣି ପିଇବା ପାଇଁ ପରାମର୍ଶ ଦେଇଥାନ୍ତି। ଏପରି କରିବା ଦ୍ୱାରା ସହଜରେ ପେଟ ସଫା ହୋଇଯାଏ ଏବଂ ଏସିଡିଟି ସମସ୍ୟା ଥିବା ଲୋକମାନଙ୍କ ପାଇଁ ଲାଭକାରୀ ହୋଇଥାଏ। ଆମ ରୋଷଇ ଘରେ ଏପରି କିଛି ଜିନିଷ ଅଛି ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଆରାମ ଦେଇଥାଏ। ତେବେ ହାଲୁକା ଉଷୁମ ପାଣିରେ ଏକ ଚାମଚ ହଳଦୀ ପକାଇ ସେବନ କରିବା ଦ୍ୱାରା କେଉଁ ପ୍ରକାର ଲାଭ ମିଳିଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।

**ହଳଦୀରେ ମିଳୁଥିବା ଲାଭ:** ସମସ୍ତେ ଜାଣନ୍ତି ହଳଦୀକୁ ଆଣ୍ଟିସେପ୍ଟିକ କୁହାଯାଇଥାଏ। ଏହା ଆମକୁ ବିଭିନ୍ନ ସଂକ୍ରମଣ ରୋଗ ସହ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଶରୀର ଭିତରର ରୋଗ ଏବଂ ଶରୀର ବାହାରର ରୋଗକୁ ଭଲ କରିବାରେ ହଳଦୀ କାମ କରିଥାଏ। ଏହି କାରଣରୁ ଭାରତୀୟ ପରିବାରରେ ଅଧିକରୁ ଅଧିକ ହଳଦୀ ବ୍ୟବହାର କରାଯାଇଥାଏ। ସକାଳୁ ଉଠିବା ପରେ ହାଲୁକା ଉଷୁମ ହଳଦୀ ପାଣି ସେବନ କରିବା ଦ୍ୱାରା ଆପଣଙ୍କର ପେଟ ଏବଂ ଛାତି ଜଳା ପୋଡ଼ା କମ ହୋଇଥାଏ। କିଛି ଲୋକମାନେ ମଧ୍ୟ ରାତିରେ ଅଧିକ ଖାଦ୍ୟ ଖାଇବା କାରଣରୁ ସକାଳୁ ଉଠିବା ପରେ ଛାତି ଜଳା ପୋଡ଼ା ହେବା ଭଳିଲାଗିଥାଏ। ଏହି ସମୟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆରାମ ମିଳିଥାଏ। ଯେଉଁ ଲୋକମାନଙ୍କର ସର୍ବଦା ଏସିଡିଟି ଏବଂ ଛାତି ଜଳିବାର ସମସ୍ୟା ରହିଛି ସେହି ବ୍ୟକ୍ତିମାନେ ସର୍ବଦା ହଳଦୀ ପାଣି ସେବନ କରିବା ଉଚିତ। ଏକ ସପ୍ତାହ ମଧ୍ୟରେ ଆପଣ ଏହାର ପ୍ରଭାବ ଦେଖିବାକୁ ପାଇବେ।

**ମାନସିକ ରୋଗ ଦୂର କରିଥାଏ:** ହଳଦୀରେ ଥିବା 'କର୍କମିନ' ତତ୍ତ୍ୱ ଥାଏ। ଯାହା ଆମର ମସ୍ତିଷ୍କ ପାଇଁ ଲାଭକାରୀ ହୋଇଥାଏ। ମାନସିକ ରୋଗକୁ ରକ୍ଷା ପାଇବା ପାଇଁ ବ୍ରେନ- ଡିରାଇଣ୍ଡ ନ୍ୟୁଟ୍ରୋଫିକ ଫ୍ୟାକ୍ଟରର ଆବଶ୍ୟକତା ରହିଥାଏ। ଯାହା ହଳଦୀର କର୍କମିନ ତତ୍ତ୍ୱରୁ ମିଳିଥାଏ। ଏହାକୁ ସକାଳୁ ସେବନ କରିବା ଅତ୍ୟଧିକ ଲାଭକାରୀ ହୋଇଥାଏ।

**କ୍ୟାନ୍ସର ରୋଗରୁ ରକ୍ଷା କରିଥାଏ:** ହଳଦୀ ପାଣିରେ ଆଣ୍ଟି-ଅକ୍ସିଡେଣ୍ଟ ବା ଆଣ୍ଟିଥେସିସ୍ ରହିଥାଏ। ଯାହା ଏହି ରୋଗରୁ ମୁକ୍ତି ଦେବାରେ ସହାୟକ କରିଥାଏ। ଏହି ରୋଗ ପାଇଁ ହଳଦୀ ପାଣି ବେଷ୍ଟ ବୋଲି ବିବେଚନା କରାଯାଉଛି।

**ପେଟ ରୋଗ ଏବଂ ଛାତି ରୋଗ ପାଇଁ ଲାଭକାରୀ ହୋଇଥାଏ:** ସକାଳୁ ଖାଲି ପେଟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆମର ପାଚନ ଶକ୍ତି ମଜବୁତ ହୋଇଥାଏ। ଏହା ସେବନ କରିବା ଦ୍ୱାରା ପେଟ ସଫା ରହିଥାଏ ଏବଂ ଭୋକ ମଧ୍ୟ ଲାଗିଥାଏ। ଏହା ବ୍ୟତୀତ ହଳଦୀ ଅତ୍ୟଧିକ ମୋଟାପଣ ଏବଂ କୋଲେଷ୍ଟ୍ରଲର ମାତ୍ରାକୁ କମ୍ କରିଥାଏ।

**ଗଣ୍ଠିଜନିତ ସମସ୍ୟା ଦୂର କରିଥାଏ:** ଗଣ୍ଠି ଜନିତ ସମସ୍ୟା ଥିବା ଲୋକମାନଙ୍କ ପାଇଁ ହଳଦୀ ପାଣି ବହୁତ ଫଳପ୍ରଦ ହୋଇଥାଏ। ହଳଦୀ ଗଣ୍ଠି ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ମଧୁମେହରୁ ରକ୍ଷା କରିଥାଏ:** ହଳଦୀ ସେବନ କରିବା ଦ୍ୱାରା ମଧୁମେହ ରୋଗକୁ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ହଳଦୀ ପାଣି କିଡନି ପାଇଁ ଲାଭକାରୀ ହୋଇଥାଏ।

# କେଶ ସମସ୍ୟାରୁ ମୁକ୍ତି କରେ ମେଥି ହେୟାର ମାସ୍କ

**ବର୍ତ୍ତମାନର ଖରାପ ଲାଇଫ୍‌ଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ ଏକ ଉପଚାର ସମ୍ପର୍କରେ ଜଣାଇବୁ।**

ପ୍ରଦୂଷଣ ଏବଂ ବଦଳୁଥିବା ଜୀବନଶୈଳୀ କାରଣରୁ କେଶରେ ଖରାପ ପ୍ରଭାବ ପକାଇଥାଏ। ଯଦି କେଶର ଚିକିତ୍ସା ନ କରନ୍ତି ତାହେଲେ ବହୁତ ସମସ୍ଯା ସୃଷ୍ଟି ହୋଇପାରେ ଯଥା-କେଶ ଝଡିବା,ଡେନଡ୍ରଫ,ସୁଷ୍କ କେଶ ଆଦି। କିନ୍ତୁ ଏହାଠାରୁ ଦୁରେଇ ରହିବା ପାଇଁ ଜରୁରୀ ନୁହେଁ ଯେ ଆପଣ ଦାମୀ ପ୍ରଡକସନ ବ୍ଯବହାର କରନ୍ତୁ କିମ୍ବା ପାର୍ଲରରେ ପଇସା ଖର୍ଚ୍ଚ କରନ୍ତୁ। ରୋଷେଇରେ ବ୍ଯବହାର ହେଉଥିବା ମେଥିକୁ ଆପଣ କେଶ ସମ୍ବନ୍ଧୀୟ ସମସ୍ତ ସମସ୍ଯାକୁ ଦୂର କରିପାରିବେ। ମେଥୀରେ ପ୍ରୋଟିନ,ଭିଟାମିନ ସି,ପୋଟାସିୟମ,ଆଇରନ,ନିକୋଟିନିକ ଏସିଡ ଏବଂ ଲେସିଥିନ ପ୍ରଚୁର ପରିମାଣରେ ମିଳିଥାଏ।ଏହିସବୁ ତତ୍ତ୍ୱ କେଶରେ ମଜଭୁତୀ ଏବଂ ଚମକ ବଢ଼ାଇବାରେ ସାହାଯ୍ଯ କରିଥାଏ। ଏହାର ବ୍ଯବହାର କରିବାକୁ ହେଲେ ପ୍ରଥମେ ଗରମ ପାଣିରେ ମେଥି ଦାନାକୁ ରାତିସାରା ଫୁଲିବା ପାଇଁ ଛାଡିଦେବେ। ପରେ କେଶର ସମସ୍ଯା ହିସାବରେ ଆପଣ ଏଥିରେ ବାକି ଜିନିଷ ମିଶାଇ ହେୟାର ମାସ୍କ ତିଆରି କରିବେ। ଯଦି ଆପଣ କେଶ ଝଡିବା ବନ୍ଦ କରିବାକୁ ଚାହୁଁଛନ୍ତି ତାହେଲେ ରାତିସାରା ଭିଜେଇକରି ରଖିଥିବା ମେଥି ଦାନାକୁ ପେଶି ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାପରେ ଏଥିରେ ନଡିଆ ତେଲକୁ ମିଶାଇ କେଶର ମୂଳରେ ଲଗାନ୍ତୁ। ହେୟାର ମାସ୍କକୁ ୩୦ ରୁ ୪୦ ମିନିଟ ପର୍ଯ୍ଯନ୍ତ ଶୁଖିବାକୁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁରେ କେଶକୁ ଭଲଭାବେ ଧୋଇ ଦିଅନ୍ତୁ। ସପ୍ତାହରେ ଏହିଭଳି ଥରେ ବ୍ଯବହାର କଲାପରେ କେଶ ଉଠିବା ଆରମ୍ଭ ହୋଇଯିବ।

ରାତିସାରା ଗରମ ପାଣିରେ ଭିଜା ହୋଇ ରଖାଯାଇଥିବା ମେଥି ଦାନାକୁ ଦହି ସହିତ ପେସି ଦିଅନ୍ତୁ। ଏହାପରେ ଏହି ପେଷ୍ଟକୁ କେଶରେ ଲଗାଇ ଘଣ୍ଟାଏ ପରେ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏହି ମାସ୍କକୁ ବ୍ଯବହାର କଲେ ଫରକ ଅଳ୍ପ ଦିନରେ ଜାଣିପାରିବେ।

ପୁରୁଣା କେଶର ଚମକ ଆଣିବା ଏବଂ ସ୍କାଲ୍ପରେ ଶୁଷ୍କତା ଦୂର କରିବାକୁ ହେଲେ ରାତିସାରା ଭିଜାଇ ରଖିଥିବା ମେଥି ଦାନାକୁ ପେସି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏଥିରେ ଅଣ୍ଡାର ହଳଦିଆ ଅଂଶକୁ ମିଶାଇ କେଶରେ ଅଧଘଣ୍ଟା ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ସାମ୍ପୁ ଲଗାଇ କେଶକୁ ଧୋଇ ଦିଅନ୍ତୁ। ମାସରେ ହାରାହାରି ଦୁଇଥର ଏପରି କରିବା ଦ୍ୱାରା ଆପଣଙ୍କୁ ଫାଇଦା ମିଳିଥାଏ।





# ନେଲ ପେଣ୍ଟ ଲଗାଉଥିଲେ ସାବଧାନ!
## ବୃଦ୍ଧି କରିପାରେ ଚର୍ମ କର୍କଟ ରୋଗ ଭଳି ଆଶଙ୍କା



ନିକଟରେ ନେଲ ପେଣ୍ଟକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ନେଲ ରିମୁଭର ସହିତ ନେଲପେଣ୍ଟକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହି ରାସାୟନିକ ପଦାର୍ଥଗୁଡ଼ିକ ଚର୍ମ କର୍କଟ ରୋଗର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରେ। ଥରେ ଏଗୁଡ଼ିକ ଆମ ଶରୀରରେ ପ୍ରବେଶ କରିବା ପରେ, ଏଗୁଡ଼ିକ ଚର୍ମ ଏବଂ କୋଷଗୁଡ଼ିକୁ କ୍ଷତି ପହଞ୍ଚାନ୍ତି। ଅନେକ ନେଲପଲିସରେ ଫର୍ମାଲ୍ଡିହାଇଡ, ଟୋଲୁଇନ ଏବଂ ଡିବ୍ୟୁଟିଲ ଫାଥଲେଟ ଭଳି ରାସାୟନିକ ପଦାର୍ଥ ଥାଏ। ଯାହା କ୍ୟାନ୍ସର ଭଳି ବଡ଼ ରୋଗ କରିପାରେ। ଏଭଳି ଏକ ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି ହାର୍ଭାର୍ଡ ହେଲଥ।

ନେଲପେଣ୍ଟ ମହିଳାଙ୍କ ମଧ୍ୟରେ ଏକ ପ୍ରସାଧନର ସାମଗ୍ରୀ। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ କେତେ ପ୍ରଭାବିତ କରେ, ଯଦି ଜାଣିନାହାଁନ୍ତି, ତେବେ ଜାଣିରଖନ୍ତୁ ଯେ ନେଲପେଣ୍ଟ ବ୍ୟବହାର ଚର୍ମ ପାଇଁ ବିପଦ ସୃଷ୍ଟି କରେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାନ ଡିଏଗୋର ଗବେଷକମାନେ ଜାଣିପାରିଲେ ଯେ ୟୁଭିରୁ ପ୍ରାପ୍ତ ନେଲପଲିସର ବାରମ୍ବାର ବ୍ୟବହାର ସିଧାସଳଖ କୋଷଗୁଡ଼ିକୁ ପ୍ରଭାବିତ କରେ। ପରୀକ୍ଷଣରୁ ଜଣାପଡ଼ିଛି ଯେ କେବଳ ୨୦ ମିନିଟର ୟୁଭି ଏକ୍ସପୋଜର ୨୦ରୁ ୩୦% କୋଷ ନଷ୍ଟ କରିଦିଏ। ନିରନ୍ତର ଏକ୍ସପୋଜର ଏହି ସଂଖ୍ୟାକୁ ୬୦ରୁ ୭୦%କୁ ବୃଦ୍ଧି କରିଛି। ଡିଏନଏ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଥିଲା ଯାହା ଚର୍ମ କର୍କଟ ରୋଗର ବିପଦକୁ ବୃଦ୍ଧି କରିପାରେ। ତେବେ ଏଥିପାଇଁ କ'ଣ କରିବେ ଆସନ୍ତୁ ଜାଣିବା। ପ୍ରତିଦିନ ନେଲପଲିସ ବ୍ୟବହାର ଏଡ଼ାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ମାସକୁ ଗୋଟିଏରୁ ଦୁଇ ସପ୍ତାହ ପାଇଁ ନେଲପଲିସ ବ୍ୟବହାର ବନ୍ଦ କରିବା ଉଚିତ। ପବ ମେଡରେ ପ୍ରକାଶିତ ଏକ ପଦ୍ଧତିଗତ ସମୀକ୍ଷାରୁ ଜଣାପଡ଼ିଛି ଯେ, ଜେଲ୍ ମାନିକ୍ୟୁରରେ ବ୍ୟବହୃତ ୟୁଭି ଲ୍ୟାମ୍ପରୁ ଚର୍ମ କର୍କଟ ହେବାର ଆଶଙ୍କା ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ପ୍ରମାଣିତ କରାଯାଇପାରିବ ନାହିଁ। ତଥାପି, ବୈଜ୍ଞାନିକମାନଙ୍କ ମତରେ, ନିରନ୍ତର ଏବଂ ଦୀର୍ଘ ସମୟ ଧରି ବ୍ୟବହାର କରିବା ଦ୍ୱାରା କର୍କଟ ରୋଗର ବିପଦ ବଢ଼ିପାରେ।

କେଉଁମାନେ ନେଲପେଣ୍ଟ ଆଦୌ ଲଗାଇବା ଉଚିତ ନୁହେଁ ଆସନ୍ତୁ ଜାଣିବା। ଗର୍ଭାବସ୍ଥାରେ, ଏହାକୁ ଯଥାସମ୍ଭବ ଏଡ଼ାଇବା ପାଇଁ ବିଶେଷ ଯତ୍ନ ନେବା ଉଚିତ, କାରଣ ଖାଇବା ବେଳେ ଏହା ଭୁଲବଶତଃ ପେଟ ଭିତରକୁ ଗଲେ ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ, ଛୋଟ ପିଲାମାନଙ୍କୁ ନେଲପେଣ୍ଟଠାରୁ ଦୂରରେ ରଖିବା ଉଚିତ। ଏହା ସହିତ, ସମ୍ବେଦନଶୀଳ ଚର୍ମ ଥିବା, ପିଢ଼ି ବା ଜିନରେ କର୍କଟ ରୋଗର ଥିଲେ ଏବଂ ଯେଉଁମାନେ ବାରମ୍ବାର ଜେଲ ପଲିସ ଏବଂ ୟୁଭି ଲ୍ୟାମ୍ପ ବ୍ୟବହାର କରନ୍ତି ସେମାନେ ସତର୍କତା ଅବଲମ୍ବନ କରିବା ଉଚିତ।

# ଘଣ୍ଟା ଘଣ୍ଟା ଧରି ଏସି ତଳେ ବସି ରହୁଥିଲେ ସାବଧାନ!
## ରକ୍ତରେ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ



ଆମେ ଯଦି ଆପଣଙ୍କୁ ପ୍ରଶ୍ନ ପଚାରିବୁ ଏସିରେ ଆପଣ କେତେ ସମୟ ବିତାଉଛନ୍ତି ? ୩ ଘଣ୍ଟା କିମ୍ବା ୪ ଘଣ୍ଟା। ଅଫିସ ଯାଉଥିଲେ ଏହି ସମୟ ଆହୁରି ବଢ଼ିଯିବ। ଯାହା ପାଖାପାଖି ୮ରୁ ୧୦ ଘଣ୍ଟା। ଅଫିସ ହେଉ କି ଘର, ଘଣ୍ଟା ଘଣ୍ଟା ଧରି ଏସି ତଳେ ବସି ରହୁଥିଲେ ଏହାକୁ ଆପଣ ହାଲୁକା ଭାବେ ନେଉଥିବେ। କିନ୍ତୁ, ନିକଟରେ ବିଶେଷଜ୍ଞ ଏସିରେ ବିତାଉଥିବା ଲୋକଙ୍କ ଶାରୀରିକ ସମସ୍ୟା ଉପରେ ଏକ ରିପୋର୍ଟ ଦେଇଛନ୍ତି। ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାର ରକ୍ତ ଶର୍କରା ସ୍ତରକୁ ବିଚଳିତ କରିପାରେ।

ଗରମରୁ ଆରାମ ପାଇବା ପାଇଁ ଲୋକମାନେ ଏୟାର କଣ୍ଡିସନର (ଏସି) ବ୍ୟବହାର କରନ୍ତି। କିନ୍ତୁ ଏହା ଆପଣଙ୍କ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ। ଖାସ୍ କରି ମଧୁମେହ ରୋଗୀଙ୍କ ପାଇଁ। ଅନେକ ଅଧ୍ୟୟନ ଏବଂ ବିଶେଷଜ୍ଞମାନେ ସହମତ ଯେ, ଏସିର ଅତ୍ୟଧିକ ବ୍ୟବହାର ମଧୁମେହ ରୋଗୀଙ୍କ ପାଇଁ ବିପଦ ସଙ୍କେତ ହୋଇପାରେ। ପ୍ରାରମ୍ଭରେ, ଏସିର ପ୍ରଭାବ ତୁରନ୍ତ ଅନୁଭୂତ ହୁଏ ନାହିଁ। ଥଣ୍ଡା ପବନରେ ବସିବା ଦ୍ୱାରା ଆରାମ ଅନୁଭବ ହୁଏ। କିନ୍ତୁ, ବାସ୍ତବରେ ଶରୀରର ମେଟାବୋଲିକ କାର୍ଯ୍ୟକଳାପକୁ ଏହା ଧୀର କରିଦିଏ। ଯେତେବେଳେ ମେଟାବୋଲିକ୍ସ ମନ୍ଥର ହୋଇଯାଏ ଏବଂ ରକ୍ତରେ ଶର୍କରା ସ୍ତର ଧୀରେ ଧୀରେ ଖରାପ ହେବାକୁ ଆରମ୍ଭ କରେ। ଦିଲ୍ଲୀର ଜିଟିବି ହସ୍ପିଟାଲର ମେଡିସିନ ବିଭାଗର ଡାକ୍ତର ଅଜିତ କୁମାରଙ୍କ କହିବାନୁସାରେ, ଏୟାର କଣ୍ଡିସନିଂର ଦୀର୍ଘ ସମୟ ଧରି ରହିବାର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି "ଶାରୀରିକ ନିଷ୍କ୍ରିୟତା"। ଯେତେବେଳେ ପରିବେଶ ଥଣ୍ଡା ଥାଏ, ଶରୀର କମ ସକ୍ରିୟ ଥାଏ। ଏହି କାରଣରୁ ଲୋକମାନେ ଅଧିକ ସମୟ ପାଇଁ ଏୟାର କଣ୍ଡିସନିଂ ରୁମରେ ବସିବାକୁ ଏବଂ କମ ଶାରୀରିକ କାର୍ଯ୍ୟ କରିଥାନ୍ତି। ଏହି ହ୍ରାସ ପାଇଥିବା କାର୍ଯ୍ୟକଳାପ ଇନସୁଲିନ ସମ୍ବେଦନଶୀଳତାକୁ ସିଧାସଳଖ ପ୍ରଭାବିତ କରେ ଏବଂ ଶରୀର ରକ୍ତରେ ଗ୍ଲୁକୋଜକୁ ଶକ୍ତିରେ ପରିଣତ କରିବାକୁ ସଂଘର୍ଷ କରେ। ସାଧାରଣତଃ ଯେତେବେଳେ ଗରମରେ ଝାଳ ବାହାରେ, ଏହା ଶରୀରର କ୍ୟାଲୋରି ଜାଳିଦିଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। କିନ୍ତୁ, ଏସିରେ ବସିବା ଦ୍ୱାରା ଆପଣଙ୍କ ଶରୀରରୁ ଆଦୌ ଝାଳ ବାହାରିନଥାଏ। ଏହାର ଅର୍ଥ ହେଉଛି ଝାଳ ମାଧ୍ୟମରେ ନଷ୍ଟ ହୋଇପାରୁଥିବା କ୍ୟାଲୋରି ଆପଣଙ୍କ ରକ୍ତରେ ସଂରକ୍ଷିତ ରହିଥାଏ।

ତେବେ କଳ୍ପନା କରନ୍ତୁ ଯେ ଜଣେ ମଧୁମେହ ରୋଗୀ ଯଦି ପ୍ରତିଦିନ ୮ରୁ ୧୦ ଘଣ୍ଟା ଏୟାର କଣ୍ଡିସନରରେ ବିତାଇବେ, ତେବେ ତାଙ୍କର ଶର୍କରା ସ୍ତର ନିୟନ୍ତ୍ରଣ ପ୍ରକ୍ରିୟା କେତେ ଧୀର ହୋଇଯିବ। ଏହି କାରଣରୁ ଅତ୍ୟଧିକ ଏୟାର କଣ୍ଡିସନର ବ୍ୟବହାରକୁ ମଧୁମେହ ରୋଗୀଙ୍କ ପାଇଁ ଏକ ବିପଦର କାରଣ ଭାବରେ ବିବେଚନା କରାଯାଏ। ତେବେ ଏହାର ଅର୍ଥ କ'ଣ ଆମେ ଏସି ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିଦେବା ଉଚିତ ? ଯଦି ଆପଣ ଅଧିକ ସମୟ ପାଇଁ ଏସିରେ ରହୁଛନ୍ତି, ମଝିରେ ମଝିରେ ହାଲୁକା ଚଲାବୁଲା କରନ୍ତୁ। ଘରେ ଥିବା ସମୟରେ ଷ୍ଟ୍ରେଚିଂ କରନ୍ତୁ ଏବଂ ପର୍ଯ୍ୟାପ୍ତ ପାଣି ପିଅନ୍ତୁ। ଘରେ ଥିବା ସମୟରେ ଏସିର ବ୍ୟବହାର କମ କରିବା ସହ ଘରର ତାପମାତ୍ରାକୁ ଅତ୍ୟଧିକ ଥଣ୍ଡା ରଖନ୍ତୁ ନାହିଁ।

# ମୌଳିକ ସୁବିଧାରୁ ବଞ୍ଚିତ ତିନିରୁ ଊର୍ଦ୍ଧ୍ୱ ଗାଁ

## ଗାଁକୁ ପହଞ୍ଚିନି ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ

## ଚୁଆ ପାଣି ସହ ଡିବିରୀ ଆଲୁଅ ଭରସା

## ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ



**ଫୁଲବାଣୀ,୧୯।୧୦ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ର ଉପାନ୍ତ ଅଞ୍ଚଳ ର ଅଧିକାଂଶ ଗ୍ରାମବାସୀ ମୌଳିକ ସୁବିଧା ରୁ ବଞ୍ଚିତ ହୋଇ କୌଣସି ସରକାରୀ ସୁବିଧା ନ ପାଇ ଅଭିଶପ୍ତ ଜୀବନ ବିତାଉଛନ୍ତି । କେଉଁଠି କି ରାସ୍ତା ନାହିଁ ତ କେଉଁଠି ପାନୀୟ ଜଳ ହେଉ କି ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ବି ହୋଇ ପାରି ନାହିଁ । ଏଭଳି ସମସ୍ତ ସୁବିଧାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗାଁ ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତର ତାଞ୍ଜିମ୍ରିକା ଗାଁ ସହ କ୍ଲିଉ ଏବଂ ବିଜାମାରି ଗ୍ରାମବାସୀ। ଏହି ଗାଁ ଗୁଡିକୁ ଆଜି ପର୍ଯ୍ୟନ୍ତ ସାଧାରଣ ଭାବରେ ରାସ୍ତାଟିଏ ବି ପହଞ୍ଚି ପାରି ନାହିଁ ଅନ୍ୟାନ୍ୟ ସୁବିଧା ପିଇବା ପାଣି ହେଉ କି ବିଦ୍ୟୁତ ସଂଯୋଗ ବହୁ ଦୂରର କଥା କୌଣସି ସରକାରୀ ସୁବିଧା ପହଞ୍ଚି ପାରି ନାହିଁ ।

ତାଞ୍ଜିମ୍ରିକା ଗାଁକୁ ଯିବା ପାଇଁ ରାସ୍ତାଟିଏ ବି ନଥିବା ବେଳେ ଉପାନ୍ତ ଅଞ୍ଚଳରେ କାହିଁ କେଉଁ କାଳରୁ ବସବାସ କରୁଥିଲେ ମଧ ଏବେବି କୂଅଟିଏ ନଥିବା ବେଳେ ବିଲ ମଝିରେ ଥିବା ଚୁଆ ପାଣି ବର୍ଷ ତମାମ ପିଇବା ହେଉ କି ଅନ୍ୟାନ୍ୟ ସୁବିଧା ପାଇଁ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ତାହା ପୁଣି ଗାଁ ଠାରୁ ପ୍ରାୟ ଅଧା କିଲୋମିଟର ଦୂରରେ। ବର୍ଷା ଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ରାସ୍ତା ନଥିବାରୁ ଯାତାୟତ ପାଇଁ ବହୁ ଅସୁବିଧା ହେଉଥିବା କହିଛନ୍ତି ଗ୍ରାମବାସୀ ଦେହ ଅସୁସ୍ଥ ହେଲେ ବହୁ କଷ୍ଟରେ ପକାରୀ ପର୍ଯ୍ୟନ୍ତ ପ୍ରାୟ ୧୫ରୁ ୧୬ କିଲୋମିଟର ଯିବାକୁ ପଡୁଥିବା ବେଳେ ପକାରୀରୁ ଗାଡିରେ ବସି ଗୋଛା ପଡ଼ା ମେଡିକାଲ କିମ୍ବା ବାଳନ୍ଦାପଡ଼ା ମେଡିକାଲକୁ ଯିବାକୁ ପଡୁଛି। ଯାହାଦ୍ୱାରା ଯାତାୟତ ସମସ୍ୟା ଭୋଗୁଛନ୍ତି ସମୂହ ଗ୍ରାମବାସୀ । ବାରମ୍ବାର ଅଭିଯୋଗ ପରେ ମଧ ଆଜି ପର୍ଯ୍ୟନ୍ତ ଏହି ତିନି ଗାଁକୁ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଠାରୁ ବିଧାୟକ ଏମିତି କି ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ବେଲାଡଲି ଗାଁ ନିକଟରେ ଥିବା ମୋବାଇଲ ଟାୱାର କୁ ବିଦ୍ୟୁତ ସଂଯୋଗ ହୋଇଛି କିନ୍ତୁ ଗାଁକୁ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହି ଠିକାଦାର ବିଦ୍ୟୁତ ଖୁମ୍ବ ପୋତି ତାର ମଧ ଟାଣିଥିଲେ କିନ୍ତୁ ପୁଣି ଥରେ ନିଜେ ଠିକାଦାର ସବୁ ତାର ଖୋଲି ନେଇଁ ଯାଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ସାତରୁ ଆଠ କିଲୋମିଟର ଦୁର ରେ ଥିବା ବେଲାଡଲି ପ୍ରାଥମିକ ବିଦ୍ୟାଳୟ ମଧ ବନ୍ଦ ହୋଇ ଯିବାରୁ ପିଲାଙ୍କ ପାଠ ପଢ଼ାରେ ଡୋରି ବାନ୍ଧି ହୋଇଛି । ଫିରିଙ୍ଗିଆ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଆସିବାକୁ ହେଲେ ପ୍ରାୟ ପଚାଶ କିଲୋମିଟର ଦୂରକୁ ଏମାନଙ୍କୁ ଯିବାକୁ ପଡୁଛି ପଞ୍ଚାୟତ କାର୍ଯ୍ୟାଳୟ କୁ ଯିବାକୁ ହେଲେ ୧୫ ରୁ ୧୬ କିଲୋମିଟର ଯିବାକୁ ପଡୁଛି ବିପିଏଲ ଚାଉଳ ହେଉ କି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଏମାନେ ଯାତାୟତ ରେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଗାଁରେ ଏକ ମିନି ଅଙ୍ଗନବାଡି କେନ୍ଦ୍ର ଖୋଲିବା ସହ ରାସ୍ତା ନିର୍ମାଣ, ତାଞ୍ଜିମ୍ରିକା ଗାଁରେ ସୋଲାର ରେ ପାଣି ବ୍ୟବସ୍ଥା ସହ ଗାଁର ପ୍ରତ୍ୟେକ ଘରକୁ ବିଦ୍ୟୁତ ସଂଯୋଗ କରିବାକୁ ଦାବୀ କରିଛନ୍ତି ଗ୍ରାମବାସୀ ।

**ସମାଜ ପାଇଁ ଉଦାହରଣ ସାଜିଛନ୍ତି ରଞ୍ଜନ**

## ୩୧ ବର୍ଷ ବୟସରେ ୩୨ ଥର ରକ୍ତଦାନ




**ବାରିପଦା,୧୯।୧୦ (ସଂଚାର ବ୍ୟୁରୋ):** ସମାଜ ପାଇଁ ଉଦାହରଣ ସାଜିଛନ୍ତ ମୋରଡା ବ୍ଲକ ସ୍ଥିତ ଗରୁଡ ବସା ଗ୍ରାମ ଦାନ୍ତିଆ ମୁହାଁ ଗ୍ରାମ ପଂଚାୟତର ନିବାସୀ ତଥା ସ୍ୱାମୀ ବିବେକାନନ୍ଦ ସ୍ୱୟଂ ସେବା ସଂଗଠନର ପ୍ରତିଷ୍ଠାତା ଓ ସଭାପତି ରଞ୍ଜନ କୁମାର ମହାନ୍ତ । ତାଙ୍କ ଜୀବନର ବର୍ତ୍ତମାନ ୩୧ ବର୍ଷ ବୟସରେ ୩୨ ଥର ରକ୍ତ ଦାନ କଲେଣି। ବାରିପଦା ସ୍ଥିତ ଓଡିଶା ରକ୍ତ ଭଣ୍ଡାରରେ ସ୍ୱଇଚ୍ଛାରେ ୩୨ ତମ ରକ୍ତ ଦାନ କରିଛନ୍ତି । ସେ ୨୦୧୩ ରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ରକ୍ତ ଦାନ କରି ଚାଲିଛନ୍ତି। ତାଙ୍କ ରକ୍ତ ଦାନ ସମୟରେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସିଂ, ଅବିନାଶ ସିଂ ତଥା ବାରିପଦା ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡା. ନିରୋଜ କୁମାର ପୋଥାଳ, ସର୍ଦ୍ଦାର ହରିଚରଣ ସିଂହ, ଉତ୍ତମ ରାଉତ, ହିମାଂଶୁ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ମହାନ୍ତଙ୍କ ଏଭଳି ସତକର୍ମରେ ଅନୁପ୍ରାଣିତ ହୋଇ ତାଙ୍କ ପିତା ବାସୁଦେବ ମହାନ୍ତ ମଧ୍ୟ ୫୬ ବର୍ଷ ବୟସରେ ୧୧ ଥର ରକ୍ତ ଦାନକଲେଣି । ଏହି ସଂଘର ସମସ୍ତ ସଦସ୍ୟ ରକ୍ତ ଦାନ ସହ ରୋଗୀ ସେବାକୁ ପ୍ରାଧାନ୍ୟ ଦେଇଥାନ୍ତି। ସମୟ ସମୟରେ ନିଜର ଅର୍ଥ ଖର୍ଚ୍ଚକରି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ନେଇ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚାଇଥାନ୍ତି । ଏହିଭଳି କାର୍ଯ୍ୟରେ ସମସ୍ତ ସଦସ୍ୟ ସଙ୍ଘବଦ୍ଧ ଭାବରେ ଅଂଶ ନେଇଥାନ୍ତି । ତାଙ୍କର ଏହି ମହାନ ଦାନ କୁ ନେଇ ସବୁ ମହଲରୁ ତାଙ୍କୁ ପ୍ରସଂଶା କରାଯାଇଅଛି ।

## ବାପଛେଉଣ୍ଡ ଛାତ୍ରୀଙ୍କୁ ଯନ୍ତ୍ରୀଙ୍କ ପାଠ୍ୟପୁସ୍ତକ ପ୍ରଦାନ



**ଡେରାବିଶ,୧୯।୧୦ (ସଂଚାର ବ୍ୟୁରୋ):** ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଥିବା ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ସ୍ୱର୍ଗତ ରତ୍ନାକର ସାମଲଙ୍କ ଦୁଇ କଲେଜ ପାଢୁଆ ଝିଅଙ୍କୁ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳ ଆଜି ପାଠ୍ୟ ପୁସ୍ତକ ପ୍ରଦାନ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ଏଭଳି ବଦାନ୍ୟତା ପାଇଁ ମୃତ ରତ୍ନାକରଙ୍କ ପରିବାର ସମେତ ବାଲିଆ ପଞ୍ଚାୟତର ସରପଞ୍ଚ ପ୍ରବୀର କୁମାର ସିଂହ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ରତ୍ନାକର ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଅଭାବ ଅନାଟନ ମଧରେ ଥାଇ ସୁଦ୍ଧା ନିଜର ପାଞ୍ଚ ଝିଅଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଆପ୍ରାଣ ପ୍ରୟାସ ରତ୍ନାକର ଜାରି ରଖିଥିଲେ। ମାତ୍ର ବିଡମ୍ବନାର ବିଷୟ ଗତ ଅଗଷ୍ଟ ୩ତାରିଖରେ ସ୍ଥାନୀୟ ହଳଦିଆ ହାଟକୁ ପରିବା ପାଇଁ ଯାଇ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ରତ୍ନାକରଙ୍କ ମୃତ୍ୟୁ ହୋଇଥିଲା। ଏକ ଭଙ୍ଗା ଚାଳ ଚପର ଘରେ ରହୁଥିବା ସ୍ୱର୍ଗତ ରତ୍ନାକରଙ୍କ ବିଧବା ପତ୍ନୀ ସମେତ ପାଞ୍ଚ ଝିଅ ସମ୍ପୂର୍ଣ୍ଣ ବେସାହାରା ଓ ନିଃସହାୟ ହୋଇ ପଡ଼ିଥିଲେ। ଏହି ଭଳି ଏକ ଦୁଃଖଦ ଖବର ପାଇ ସହକାରୀ ଯନ୍ତ୍ରୀ ଶ୍ରୀ ବିଶ୍ୱାଳ ଡେରାବିଶ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ପହଞ୍ଚି ମୃତ ରତ୍ନାକରଙ୍କ ଝିଅ ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ହରପ୍ରୀୟା ଓ ପ୍ରଥମ ବର୍ଷର ଛାତ୍ରୀ ଦିପ୍ତିମୟୀଙ୍କୁ ସେମାନଙ୍କ ଶ୍ରେଣୀର ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟର ଅଧକ୍ଷା।। ଡ. ରତ୍ନମଣୀ ମିଶ୍ର ଉପସ୍ଥିତ ଥିଲେ।

## ହରିଅଙ୍କରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ




**ଡେରାବିଶ,୧୯।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ସରପଞ୍ଚ କନକଲତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ପ୍ରକାଶ କୁମାର ଉପସ୍ଥିତ ରହି ହରିଅଙ୍କ ରାଜସ୍ୱ ସର୍କଲ ଅନ୍ତର୍ଗତ ୩୦୫ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା ବଣ୍ଟନ କରିଥିଲେ। ଏଥିସହ ୫ ଜଣଙ୍କୁ ବେବନ୍ଦୋବସ୍ତ ପଟ୍ଟା, ୭ ଜଣ ହିତାଧିକାରୀଙ୍କ ଜମିର କିସମ ପରିବର୍ତନ, ଜଣେ ହିତାଧିକାରୀଙ୍କ ଜମିଭାଗବାଣ୍ଟ ଏବଂ ତତ୍କାଳ ଭାବେ ୫ଜଣଙ୍କ ବାସସ୍ଥାନ, ୨୧ ଜଣଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ସର୍କଲ ଅଧୀନ ବହୁ ବ୍ୟକ୍ତି ସେମାନଙ୍କୁ ପୂର୍ବରୁ ମିଳିଥିବା ପଟ୍ଟା ସଂଶୋଧନ, ବିଭିନ୍ନ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇବର ଠକଙ୍କ ନୂଆ ତରିକା: ମୁଁ ଆଇଆଇସି କହୁଛି 'ସ୍କାନର ପଠାଉଛି ଟଙ୍କା ପଠାଅ'

**ହିଞ୍ଜିଳିକାଟୁ,୧୯।୧୦ (ସଂଚାର ବ୍ୟୁରୋ):** ପାତ୍ର ବାବୁ ଜାଣିପାରିଲେଣି? ଆଉ କେଉଁଟି ଏବେ ମିଲରେ ଅଛନ୍ତି କି? ମୁଁ ଟାଉନ ଥାନା ଆଇଆଇସି କହୁଛି, ମୋ ଷ୍ଟାଫ ବ୍ରହ୍ମପୁର ମେଡ଼ିକାଲରେ ଅଛନ୍ତି, ଆପଣଙ୍କୁ ସ୍କାନର ପଠାଉଛି ସେଇ ସ୍କାନରରେ ଦଶ ହଜାର ଟଙ୍କା ସେଣ୍ଡ କରନ୍ତୁ। ମୁଁ ସଙ୍ଗେ ସଙ୍ଗେ କନେଷ୍ଟବଳଙ୍କ ହାତରେ ଆପଣଙ୍କ ପାଖକୁ ଟଙ୍କା ପଠାଉଛି। ଏଭଳି ଫୋନ୍ କଲ୍ ଆଜି ସକାଳେ ହିଞ୍ଜିଳିକାଟୁ ବଇଞ୍ଚବଣିଆ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପାତ୍ରଙ୍କ ନିକଟକୁ ଆସିଲା। କୌଣସି କାମରେ ବ୍ରହ୍ମପୁରରେ ଥିବା ଅବସର ଶିକ୍ଷକ ବ୍ୟସ୍ତ ବିବ୍ରତ ନ ହୋଇ ବଡ଼ ପୁଅ ରଜନୀ କାନ୍ତ ପାତ୍ରଙ୍କୁ ଏ ବିଷୟରେ ଫୋନ ଯୋଗେ ଜଣାଇଥିଲେ। ସେତେବେଳେ ସାଇବର ଠକ ନିଜକୁ ଥାନା ବଡ଼ ବାବୁର ପରିଚୟ ଦେଇ ଟଙ୍କା ହଡ଼ପର ଯୋଜନା ରଚିଥିଲା କିନ୍ତୁ ସମସ୍ତ ଯୋଜନା ଭଣ୍ଡୁର ହେଲା। ଯେତେବେଳେ ଟାଉନ ଥାନା ଆଇଆଇସି ସୌଭାଗ୍ୟ ସ୍ୱାଇଁଙ୍କ ସହ ଯୋଗାଯୋଗ ହୋଇଥିଲା, ସେତେବେଳେ ଏହା ଠକଙ୍କ ଚାଲ୍ ବୋଲି ଜଣାପଡ଼ିଥିଲା। ଆଉ ଶେଷରେ ଠକମାନେ ହଡବଡ଼ ହୋଇ ଆରେଷ୍ଟ କରିବାର ଧମକ ଦେଇଥିଲେ। ଏଭଳି ଘଟଣା ଆଜି ଦିନ ତମାମ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ପୁଲିସ ଡାଳେ ଡାଳେ ଗଲାବେଳକୁ ସାଇବର ଠକ ପତ୍ରେ ପତ୍ରେ ଯାଉଛନ୍ତି। ଦିନକୁ ଦିନ ନୂଆନୂଆ ଉପାୟରେ ଲୋକଙ୍କୁ ଲୁଟି ଚାଲିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ପଦବୀ ପୂରଣ ପାଇଁ ଦାବିପତ୍ର



**କେନ୍ଦ୍ରାପଡା,୧୯।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ର ଅଭିଭାବକ ମାନେ ଏହି ବିଦ୍ୟାଳୟ ର ଶିକ୍ଷକ ପଦବୀ ପୂରଣ ନିମନ୍ତେ ଏକ ଦାବିପତ୍ର କେନ୍ଦ୍ରାପଡା ର ସାଂସଦ ବୈଜୟନ୍ତ ପଣ୍ଡା ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ପ୍ରଦାନ କରି ତୁରନ୍ତ ପଦବୀ ଗୁଡିକୁ ପୁରଣ କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି । ସି.ବି.ଏସ୍.ଇ ପାଠ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ୨୦୧୦ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇ ଥିଲା । ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଏହି ପାଠ୍ୟକ୍ରମ ରେ ଅଧ୍ୟୟନ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି। କିନ୍ତୁ ବର୍ତମାନ ଏହି ବାରିମୂଳ ସ୍ଥିତ ବିଦ୍ୟାଳୟ ର ଅର୍ଦ୍ଧାଧିକ ଶିକ୍ଷକ ପଦବୀ ଖାଲି ପଡି ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଠିକା ଶିକ୍ଷକ ନିଯୁକ୍ତି କରି କାର୍ଯ୍ୟ ସଂପାଦନ କରାଯାଉଛି। ଫଳରେ ଅଧ୍ୟୟନ ରତ ଛାତ୍ରଛାତ୍ରୀମାନେ ଉନ୍ନତ ଗୁଣ ମାନର ଶିକ୍ଷା ପାଇବାରୁ ବଂଚିତ ହେବାସହ ସେମାନଙ୍କ ଲକ୍ଷ୍ୟ ପୂରଣ ବ୍ୟାହତ ହେଉଥିବା ଅନୁଭବ କରାଯାଉଛି। ଅଭିଭାବକ ସଂଘର ସଭାପତି ବିଷ୍ଣୁ ଚରଣ ସାମଲଙ୍କ ସମେତ ଅମରେନ୍ଦ୍ର ମହାନ୍ତି, ଧନେଶ୍ୱର ପାତ୍ର, ସସ୍ମିତା ସାହୁ, ମହେନ୍ଦ୍ର କୁମାର ପ୍ରଧାନ, ମମତା ପାଣି ପ୍ରମୁଖ ଦାବି କରିଛନ୍ତି ।

## ୧ରୁ ଆରମ୍ଭ ହେବ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘର ରାଜ୍ୟ ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୯।୧୦(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମୌଳିକ ଅଧିକାରର ବ୍ୟବସ୍ଥାଗତ ଉଲଂଘନ ବହୁ ମାତ୍ରାରେ ବଢ଼ି ଚାଲିଛି । ଏହାକୁ ରକ୍ଷା କରିବା ସହ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘର ରାଜ୍ୟ ସମ୍ମିଳନୀ ନଭେମ୍ବର ୧ ଓ ୨ ତାରିଖରେ ଶିଳ୍ପ ନଗରୀ ରାଉରକେଲାରେ ସଙ୍ଗଠିତ ହେଉଅଛି । ଏହି ସମ୍ମିଳନୀକୁ ପରିପୁଷ୍ଟ କରିବା ପାଇଁ ପ୍ରତିନିଧି ଚୟନ ସହ ବିଭିନ୍ନ ସାଂସ୍କୃତିକ ଦଳ ପ୍ରେରଣ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ସଭାପତି ଡ଼ ବାସୁଦେବ ଦାସଙ୍କ ପରିଚାଳନାରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ସଙ୍ଗଠନର ସମ୍ପାଦକ ଆଦିକନ୍ଦ ରାଉଳ ହେବାକୁ ଥିବା ସମ୍ମିଳନୀର ଗୁରୁତ୍ୱ ଓ ପ୍ରେକ୍ଷାପଟ ସମ୍ପର୍କରେ ସୂଚନା ଦେଇଥିଲେ।

## ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ବୈଠକ

**କେନ୍ଦ୍ରାପଡା,୧୯।୧୦(ସଂଚାର ବ୍ୟୁରୋ):** ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତିର ଏକ ପ୍ରସ୍ତୁତି ବୈଠକ କଜଳା ବାୟାବାବା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାଗବତ ଟୁଙ୍ଗୀ ରାଜ୍ୟ ସଭାପତି ନଙ୍ଗୁଳି ବାବାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭାଗବତ ଟୁଙ୍ଗୀର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ଆସନ୍ତା ୨୯ ତାରିଖ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଭାଗବତ ଟୁଙ୍ଗୀ ମହୋତ୍ସବ ରେ ଜିଲ୍ଲାର ୯ଟି ବ୍ଲକର ପ୍ରଚାର ସମିତିର ସଭାପତି ସଂପାଦକଙ୍କ ସହ ଅନ୍ୟାନ୍ୟ ପଦବୀ ଗୁଡିକୁ ପୁରଣ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ନଙ୍ଗୁଳି ବାବା ଘୋଷଣା କରିଛନ୍ତି । ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲା ଭାଗବତ ଟୁଙ୍ଗୀ ସଭାପତି ଭାବେ ସୁରେନ୍ଦ୍ର କୁମାର ଶତପଥୀ ଓ ସଂପାଦକ ଭାବେ ନିରାକର ମହାରଣାଙ୍କୁ ମନୋନିତ କରାଯାଇଛି।

## ସିଟୁର କେନ୍ଦ୍ରାପଡ଼ା ଜିଲ୍ଲା ସମନ୍ୱୟ ସମିତିର ୨ୟ ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୯।୧୦ (ସଂଚାର ବ୍ୟୁରୋ):** ସି.ଆଇ.ଟି.ୟୁ.ର ଦ୍ୱିତୀୟ ସମନ୍ୱୟ ସମିତି ସମ୍ମିଳନୀ ଖଡିଅଙ୍ଗସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ସାଥୀ ଜଗତଜୀବନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଜିଲ୍ଲା ପ୍ରତିନିଧି ଏଥିରେ ଯୋଗଦେଇଥିଲେ । ଅତିତରେ ସିଟୁ ପକ୍ଷରୁ ନିର୍ମାଣ ଶ୍ରମିକ ଓ ବଦ୍ୟାଳୟ ପାଚିକା, ଅଣସଂଗଠିତ ତଥା ଗ୍ରାମୀଣ ଶ୍ରମିକ ଓ ବିଶେଷ କରି ଦାଦନ ଶ୍ରମିକ ମାନଙ୍କ ଉନ୍ନତି ପାଇଁ ଯେଉଁସବୁ କାର୍ଯ୍ୟ କରାଯାଇଥିଲା ସେ ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହିତ ହୋଇଥିଲା । ଆଗାମୀ ଦିନରେ ପାଚିକା ମାନଙ୍କୁ ଦୈନିକ ସର୍ବନିମ୍ନ ମଜୁରୀ ସମେତ ମାସିକ ୨୬ହଜାର ଟଙ୍କା ପ୍ରଦାନ କରାଯିବା, ନିର୍ମାଣ ଶ୍ରମିକମାନଙ୍କ ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ଟଙ୍କା, କନ୍ୟା ବିବାହ ସହାୟତା ଏକଲକ୍ଷ ଟଙ୍କାକରିବା ପାଇଁ ସମ୍ମିଳନୀରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ୪ଟି ଶ୍ରମକୋର୍ଡ ବାତିଲ,୮ଘଣ୍ଟା ଶ୍ରମ ବଦଳରେ ମୋହନ ସରକାରଙ୍କ ୧୦ଘଣ୍ଟା ଶ୍ରମ ଆଇନ ଓ ରାତ୍ରୀକାଳୀନ କାର୍ଯ୍ୟରେ ମହିଳା ଶ୍ରମିକଙ୍କୁ କାର୍ଯ୍ୟ କରାଇବା ଆଦେଶକୁ ସମ୍ମିଳନୀରେ ଦୃଢ଼ ବିରୋଧ କରାଯାଇଥିଲା । କେନ୍ଦ୍ରାପଡା ରାସ୍ତା ଦେଇ ଯାଉଥିବା ଖଣିଜ ପଦାର୍ଥ ଉପରେ ଜିଲ୍ଲାର ବିକାଶ ପାଇଁ ଏକ ପର୍ସେ ସେସ ଧାର୍ଯ୍ୟ, ନୂତନ ଶିଳ୍ପାନୁଷ୍ଠାନ ନିର୍ମାଣ, ମେଡିକାଲ କଲେଜ ସ୍ଥାପନ, କେନ୍ଦ୍ରାପଡାରୁ ପୁରୀକୁ ପ୍ରତ୍ୟେହ ଯାତ୍ରୀବାହୀ ରେଳ ଚଳାଚଳ ପ୍ରଭୃତି ବିଷୟ ସ୍ଥାନ ପାଇଛି । ସମ୍ମିଳନୀକୁ ଅଭିବାଦନ ଜଣାଇ ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ ଓ ଅନ୍ୟତମ ନେତା ପ୍ରକାଶ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଗତଜୀବନ ଦାଶ ସଂଯୋଜକ ଥାଇ ଏକ ୨୧ଜଣିଆ ଜିଲ୍ଲା ସମନ୍ୱୟ ସମିତି ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା ।

## ଚଉଷଠି ଯୋଗିନୀ ପୀଠରେ ଶାରଦୀୟ ବନ୍ଧୁମିଳନ



**ବାଲିଅନ୍ତା,୧୯।୧୦ (ସଂଚାର ବ୍ୟୁରୋ):** ହୀରାପୁର ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀ ପୀଠ ଅତିଥି ଭବନରେ ବାଲିଅନ୍ତା/ ବାଲିପାଟଣା ଅଞ୍ଚଳର ସାହିତ୍ୟିକ ଓ ସାମ୍ବାଦିକମାନଙ୍କର ଏକ ସାରଦୀୟ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଅରୁଣ ମହାନ୍ତି,ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁ ଭୂଷଣ ପଟ୍ଟନାୟକ,ଲେଖିକା ତନୟା ଦାସ ଗୋସ୍ୱାମୀ, ସାହିତ୍ୟିକ ଭଗବାନ ସାହୁ, ଗାଳ୍ପିକା କମଳିନୀ ମଲ୍ଲିକ, କଥାକାର ଡ ଅଜୟ ସ୍ୱାଇଁ, କବି ଅଭିମନ୍ୟୁ ନାୟକ, କବି ପୂର୍ଣ୍ଣ ଚନ୍ଦ୍ର ମହାରଣା, ରାମହରି ମହାରଣା, ବାଲିଅନ୍ତା ପ୍ରେସ୍ ବ୍ଲକର ସଭାପତି ତଥା ପ୍ରମେୟ ପ୍ରତିନିଧି ସୋମନାଥ ସ୍ୱାଇଁ , ବାଲିପାଟଣା ପ୍ରେସ୍ ବ୍ଲକର ସଭାପତି ଦିଲ୍ଲିପ୍ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ , ଆଦର୍ଶ ଶିକ୍ଷକ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ସାହିତ୍ୟ ହେଉଛି ସୃଜନଶିଳତାର ଏକ ଅଭିଛେଦ୍ୟ ଅଙ୍ଗ। ସାହିତ୍ୟ ନିଜ ଅଞ୍ଚଳର ପରିଚୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ । ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ । ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ କବି ସାହିତ୍ୟିକ ନିଜର କବିତା ପାଠ କରିଥିଲେ।

# ଏମ୍‌ଜିନରେଗାରେ କାମ କରୁନାହିଁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍

**ଘୋଡାଂଶ ପଞ୍ଚାୟତରେ ମଷ୍ଟରରୋଲରେ ଗୋଟିଏ ପ୍ରକାର ଫଟୋ**


View daily attendance taken at the work site (Through NMMS App) Print Excel

State: ODISHA District: JAGATSINGHAPUR Block: NAUGAON Panchayat: GHODANSO

Work Code : 2419004010/DP/10905555 Msr No. : 1090
Work Name : PLANTATION BOTH SIDE OF ROAD FROM DANTUAL R & B ROAD TO GHODESWAR

Group Photo 1

Uploaded Group Photo-1 — Click here for large image

Timestamp for Photo-1
Taken : 17 Oct 2025 14:33:16:000
Uploaded : 17 Oct 2025 14:39:04:000
Geo Co-ordinates: 20.1327607,86.2022651
Taken by: PRADIPTA KUMAR SWAIN
Designation: Gram Panchayat Level

Second Photo is not uploaded!

**ନାଉଗାଁ,୧୯।୧୦ (ସଂଚାର ବ୍ୟୁରୋ):** ଭାରତ ସରକାଙ୍କର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହି ଯୋଜନାର ସଫଳ ରୂପାୟନ କରାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଏମ୍‌ଜିଏନ୍‌ଆରଇଜିଏସ୍ ଡିଭିଜନ ପକ୍ଷରୁ ଜାତୀୟ ମୋବାଇଲ ମନିଟରିଂ ସିଷ୍ଟମ (ଏନ୍‌ଏମ୍‌ଏମ୍‌ଏସ୍) ଆପକୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟ କରିବାକୁ ରାଜ୍ୟର ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଆପ ମାଧ୍ୟମରେ କାର୍ଯ୍ୟ କରାଗଲେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏ ମ୍ ଜି ଏ ନ୍ ଆ ର ଇ ଜି ଏ ସ୍ ) ର ସଫଳ ରୂପାୟନ ହେବା ସହ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ଶ୍ରମ ପାଇପାରିବେ। କିନ୍ତୁ ଏନ୍‌ଏମ୍‌ଏମ୍‌ଏସ୍ ଆପର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁଁ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମନଇଚ୍ଛା ଫଟୋରୁ ଫଟୋ ଉଠାଇବା ସହିତ ଯେକୌଣସି ଫଟୋକୁ ଆପରେ ଅପଲୋଡ କରି ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥକୁ ହଡପ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ପକ୍ଷରୁ ପତ୍ର (ସଂଖ୍ୟା-ଜେ-୧୧୦୬୦/୨/୨୦୨୧-ଆରଇ-ଭିଆଇ-ପାର୍ଟ-(୧)୩୯୦୦୩୯) ୮ ଜୁଲାଇ ୨୦୨୫)ରେ ରାଜ୍ୟର ଏମ୍‌ଜିଏନ୍‌ଆରଇଜିଏସ୍ ଦାୟିତ୍ୱରେ ଥିବା ସଚିବଙ୍କୁ ଏନ୍‌ଏମ୍‌ଏମ୍‌ଏସ୍ ଆପର ସଠିକ୍ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁଥିରେ ଗ୍ରାମ ପଞ୍ଚାୟତ ଅଧିକାରୀ ଠାରୁ ରାଜ୍ୟସ୍ତରୀୟ ଅଧିକାରୀମାନେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋକୁ ତଦାରଖ କରିପାରିବେ। ଏପରିକି ପ୍ରତ୍ୟେକ ଦିନ ସକାଳ ଓ ଅପରାହ୍ଣରେ ଜବକାର୍ଡଧାରୀଙ୍କ ଉପସ୍ଥାନ ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ପ୍ରକଳ୍ପସ୍ଥଳରେ କିଛି ଜବକାର୍ଡଧାରୀଙ୍କୁ ଗୋଟିଏ ଦିନ ଛିଡା କରାଇ ମୋବାଇଲରେ ବିଭିନ୍ନ ପ୍ରକାର ଫଟୋ ଉତୋଳନ କରାଯାଉଛି। ଉକ୍ତ ଫଟୋକୁ ମୋବାଇଲରେ ରଖି ବିଭିନ୍ନ ସମୟରେ ଫଟୋରୁ ଫଟୋ ଉଠାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ କରାଯାଉଥିବା ଜଣାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସକାଳ ସମୟରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ ହେଉଥିବା ବେଳେ ଅପରାହ୍ଣ ସମୟରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ କୌଣସି ଫଟୋ ଅପଲୋଡ କରାଯାଇ ନଥିବା ପୋର୍ଟାଲରୁ ଜଣାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ରାଜ୍ୟ ପର୍ଯ୍ୟନ୍ତ ଏନ୍‌ଏମ୍‌ଏମ୍‌ଏସ୍ ଫଟୋର ତଦାରଖ ପାଇଁ ଅଧିକାରୀମାନେ ନିଯୁକ୍ତି ଥିଲେ ମଧ୍ୟ ଗୋଟିଏ ପ୍ରକାର ଫଟୋ ସକାଳ ସମୟରେ ଅପଲୋଡ ହେଉଥିବା ସହିତ ଅପରାହ୍ଣ ସମୟରେ ଫଟୋ ଅପଲୋଡ ହେଉ ନଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ




**ରାଜନଗର,୧୯।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି ୨୦୨୫ ଠାକୁର ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଓସ୍ତିଆ ଗ୍ରାମ ପଂଚାୟତ ସରପଞ୍ଚ ବୈଦେହୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପାନୀ ଉତ୍ସବରେ ରାଜନଗର ପଂଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛୋଟ ଛୋଟ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାରେ ସୁରଭି ହେଉଛି ଏକ ବଡ ପ୍ଲାଟଫର୍ମ । ତେଣୁ ସବୁସ୍ତରରେ ଏ କାର୍ଯ୍ୟକ୍ରମ କୁ ସହଯୋଗ ମିଳିବା ଆବଶ୍ୟକ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସି. ଆର. ସି ସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶୀନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ସି. ଆର ସି. ସି ନିରାକର ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କ୍ଲଷ୍ଟରର ଦଶଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।